ତୀରନ୍ଦାଜ ପାୟଲ୍‌ଙ୍କୁ ଡବଲ୍ ପଦକ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-219 ◆WEDNESDAY ◆4 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୧୯ ◆ବୁଧବାର ◆୪ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ମେଟାକୁ 'ସୁପ୍ରିମ' ଛାଟ: ନିୟମ ନ ମାନିଲେ ଦେଶ ଛାଡ଼

■ ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ମେଟାକୁ ଲାଗିଛି ସୁପ୍ରିମ ଛାଟ। ହ୍ୱାଟ୍ସଆପ୍ ପଲିସିକୁ ନେଇ ବର୍ଷିଛନ୍ତି ସୁପ୍ରିମକୋର୍ଟ। ଡାଟା ଗୋପନୀୟତା ଏବଂ ବ୍ୟବହାରକାରୀଙ୍କ ଅଧିକାର ଉପରେ ସୁପ୍ରିମକୋର୍ଟ ମେଟା ଏବଂ ହ୍ୱାଟ୍ସଆପ୍‌କୁ କଡ଼ା ଭର୍ତ୍ସନା କରିଛନ୍ତି। କୋର୍ଟ ସ୍ୱଷ୍ଟ ଭାବରେ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ବ୍ୟବହାରକାରୀଙ୍କ ଡାଟା ସେୟାର କରିବେ ନାହିଁ ବୋଲି ଲିଖିତ ଶପଥପତ୍ର ଦାଖଲ କରନ୍ତୁ। ଡାଟା ସେୟାରିଂ ସମ୍ପର୍କରେ ସୁପ୍ରିମକୋର୍ଟ ହ୍ୱାଟ୍ସଆପ୍ ଏବଂ ମେଟାଠାରୁ ଏକ ସ୍ୱଷ୍ଟ ସତ୍ୟପାଠ ମାଗିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ

ଲୋକଙ୍କ ଗୋପନୀୟତା ସହ ଖେଳିପାରିବନି

କହିଛନ୍ତି ଯେ ବ୍ୟବହାରକାରୀଙ୍କ ଗୋପନୀୟତା ସର୍ବୋପରି। ସେ ମେଟାର ନୀତିକୁ ଦ୍ୱନ୍ଦ୍ୱପୂର୍ଣ୍ଣ ଏବଂ ସାଧାରଣ ଲୋକଙ୍କ ପାଇଁ ବୁଝିବା କଷ୍ଟକର ବୋଲି ବର୍ଣ୍ଣନା କରିଛନ୍ତି। ଖଣ୍ଡପୀଠ ଏହା ମଧ୍ୟ ସ୍ୱଷ୍ଟ କରିଛନ୍ତି ଯେ ଯଦି କମ୍ପାନୀଗୁଡ଼ିକ ଏସମ୍ପର୍କରେ ସ୍ୱଷ୍ଟ ଏବଂ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିବାରୁ ନିବୃତ୍ତ ରୁହନ୍ତି, ତେବେ ସେମାନଙ୍କର ଆବେଦନ ଖାରଜ ହୋଇପାରେ। କୋର୍ଟଙ୍କ ମତ ଦର୍ଶାଉଛି ଯେ ଡାଟା ସୁରକ୍ଷା ଏବଂ ଡିଜିଟାଲ୍ ଗୋପନୀୟତାକୁ ଏବେ ମୌଳିକ ଅଧିକାର ଭାବରେ ଦେଖାଯାଉଛି। ଯଦି କମ୍ପାନୀ ଭାରତୀୟ ସମ୍ବିଧାନର ନିୟମ ଅନୁପାଳନ କରୁନାହିଁ, ତେବେ ଭାରତ ଛାଡିଦେଉ।

ସମସ୍ତଙ୍କ ପାଇଁ ଖୋଲିଲା ହିମାଳୟର ୮୩ ଶିଖର

■ ଡେରାଡୁନ, ୩।୨ (ଏଜେନ୍ସି): ଉତ୍ତରାଖଣ୍ଡରେ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରଥମ ଥର ଲାଗି ହିମାଳୟର ୮୩ ଶିଖରକୁ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି। ଏହି ସବୁ ଶିଖର ଗଢ଼ୱାଲ ଏବଂ କୁମାଓରେ ରହିଛି। ଖାଲି ସେତିକି ନୁହେଁ, ଏହି ଶିଖରରେ ଚଢ଼ିବାକୁ ଚାହୁଁଥିବା ସମସ୍ତ ପ୍ରକାରର ଦେୟକୁ ବି ଛାଡ଼ କରିଦେଇଛନ୍ତି। ଏବେ ପର୍ବତାରୋହଣ ପୂର୍ବାପେକ୍ଷା ଅଧିକ ସହଜ ଏବଂ ଶସ୍ତା ହେବ। ଉତ୍ତରାଖଣ୍ଡର ଆଡଭେଞ୍ଚର ଅଫିସର କହିଛନ୍ତି ଯେ ଶୁଳ୍କ ଛାଡ଼ ହେବାର ଅର୍ଥ ବିପଦ ନାହିଁ ବୋଲି କୁହାଯାଇପାରିବ ନାହିଁ। ପର୍ବତାରୋହଣ ପାଇଁ ଯାଉଥିବା ପ୍ରତ୍ୟେକ ଟିମ୍ ସହିତ ଜଣେ ମାର୍ଗଦର୍ଶକଙ୍କୁ ନେଇ ଯିବାକୁ ହେବ। ଏହା ସହିତ ବୀମା ମଧ୍ୟ କରାଇବା ଉଚିତ। ଏହାଦ୍ୱାରା ଜରୁରୀ ସ୍ଥିତିରେ ▶ପୃଷ୍ଠା-୭

ପ୍ରଥମ ଘଟଣା

ଲୋକସଭାରେ ନର୍‌ବାଣେ ଝଡ଼

ବାଚସ୍ପତିଙ୍କ ଚେୟାର୍‌କୁ କାଗଜ ଫିଙ୍ଗି ୮ ବିରୋଧୀ ସାଂସଦ ନିଲମ୍ବିତ

■ ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ନେଇ ଲୋକସଭା ଆଜି ଦ୍ୱିତୀୟଦିନ ଧରି ଅଚଳ ରହିଛି। ଭାରତ-ଚୀନ ସଂଘର୍ଷ ସଂପର୍କରେ ଜେନେରାଲ ନର୍‌ବାଣେଙ୍କ ଲେଖା ପଢ଼ିବା ଲାଗି ରାହୁଲଙ୍କୁ ବାଚସ୍ପତି ଅନୁମତି ନଦେବାରୁ କଂଗ୍ରେସ ସମେତ ବିରୋଧୀ ଦଳର ସଭ୍ୟମାନେ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ସେମାନେ ହଙ୍ଗାମା କରିବା ସହିତ କାଗଜ ଚିରି ବାଚସ୍ପତିଙ୍କ ଚେୟାର ଆଡ଼କୁ ଫିଙ୍ଗିଥିଲେ। ଏଭଳି ଆଚରଣ ପାଇଁ ୮ ଜଣ ବିରୋଧୀ ସାଂସଦଙ୍କୁ ଚଳିତ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ନିଲମ୍ବିତ କରାଯାଇଛି। ସେମାନଙ୍କ ମଧ୍ୟରେ ସାତ ଜଣ କଂଗ୍ରେସ ସାଂସଦ ଥିବା ବେଳେ ଜଣେ ହେଉଛନ୍ତି

ହୁଇ ଦିନ ଧରି ଲୋକସଭା ଅଚଳ

ରାହୁଲଙ୍କୁ କହିବାକୁ ଦିଆଗଲା ନାହିଁ

ବାଚସ୍ପତିଙ୍କୁ ଚିଠି ଲେଖିଲେ ରାହୁଲ

ସିପିଏମ୍ ସାଂସଦ। ସେମାନଙ୍କୁ ନିଲମ୍ବିତ କରିବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହା ବାଚନିକ ଭୋଟରେ ଗୃହୀତ ହୋଇଯାଇଥିଲା। ଏଭଳି କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ବିରୋଧୀ ଦଳ ସଂସଦ ବାହାରେ ପ୍ରତିବାଦ ଜଣାଇଛନ୍ତି। ଏହାକୁ ସେମାନେ ଗଣତନ୍ତ୍ର-ବିରୋଧୀ କାର୍ଯ୍ୟାନୁଷ୍ଠାନ ବୋଲି କହିଛନ୍ତି।

୨୦୨୦ରେ ଲଦାଖରେ ଭାରତ ଓ ଚୀନ ସେନା ମୁହାଁମୁହିଁ ସଂପର୍କରେ ତତ୍କାଳୀନ ସେନା ଅଧ୍ୟକ୍ଷ ଜେନେରାଲ ଏମଏନ୍ ନର୍‌ବାଣେ ତାଙ୍କର ଆତ୍ମଜୀବନୀରେ କିଛି ତଥ୍ୟ ଦେଇଛନ୍ତି। ରାହୁଲ ଏହି ତଥ୍ୟକୁ ଲୋକସଭାରେ ରଖିବାକୁ ଜିଦ୍ ଧରିଛନ୍ତି। ▶ପୃଷ୍ଠା-୭

ବାଣିଜ୍ୟ ଚୁକ୍ତି

ଲାଭରେ ରହିବ ଆମେରିକା

ଭାରତୀୟ ସାମଗ୍ରୀକୁ ୧୮% ଛାଟ; ଆମେରିକା ସାମଗ୍ରୀରୁ ଶୁଳ୍କ ଛାଡ଼

■ ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ଶେଷରେ ଚୂଡ଼ାନ୍ତ ହୋଇଛି ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି। ଏହାପରେ ଭାରତ ଉପରେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଟାରିଫ୍ ହ୍ରାସ ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏ ସଂକ୍ରାନ୍ତରେ ବିଧିବଦ୍ଧ ଘୋଷଣା କରିଛନ୍ତି। ନୂତନ ବ୍ୟବସ୍ଥାରେ ଆମେରିକା ପକ୍ଷରୁ ଭାରତ ଉପରେ ଲାଗୁ କରାଯାଇଥିବା ୫୦ ପ୍ରତିଶତ ବାଣିଜ୍ୟ ଶୁଳ୍କ ବା ଟାରିଫ୍ ୧୮%କୁ ହ୍ରାସ ହୋଇଛି। ରୁଷରୁ ତେଲ କିଣୁଥିବା ଯୋଗୁଁ ଭାରତ ଉପରେ ଲାଗୁ ହୋଇଥିବା ୨୫% ଶୁଳ୍କକୁ ମଧ୍ୟ ହଟାଇ ଦିଆଯାଇଛି। ତେଣୁ ଏବେ କେବଳ ୧୮% ଆମେରିକା ଟାରିଫ୍‌ର ସମ୍ମୁଖୀନ ହେବ

ସୁରକ୍ଷିତ ରହିବ କୃଷି, ଦୁଗ୍ଧ ଓ ସମ୍ବେଦନଶୀଳ କ୍ଷେତ୍ର: ବାଣିଜ୍ୟ ମନ୍ତ୍ରୀ

ଦେଶରୁ ବଢ଼ିବ ରପ୍ତାନୀ, ଭାରତରେ ଶସ୍ତା ହେବ ଆମେରିକୀୟ ଉତ୍ପାଦ

ବୋଲି କୁହାଯାଉଛି। ହେଲେ ଟ୍ରମ୍ପ୍ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ଭାରତ ସହିତ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଦେଇଥିବା ସୂଚନାକୁ ନେଇ ଭାରତ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ଏଯାଏ କିଛି ସ୍ୱଷ୍ଟତା ଆସିନାହିଁ। ତେଣୁ ବାଣିଜ୍ୟ ଚୁକ୍ତିରେ ଭାରତ ଆମେରିକାଠାରୁ ପଛରେ ପଡ଼ିଯାଇଥିବା ମନେହେଉଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୧୮% ଶୁଳ୍କ ଲାଗୁ କରିବ, ମାତ୍ର ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀକୁ ବିନା ଶୁଳ୍କରେ ଭାରତ ନିଜ ଦେଶରେ ବିକ୍ରି ପାଇଁ ଅନୁମତି ଦେବ। ସୂଚନା ଅନୁସାରେ ପ୍ରତିବର୍ଷ ଭାରତକୁ ପ୍ରାୟ ୪୫ ଲକ୍ଷ କୋଟି ଟଙ୍କାର ଆମେରିକୀୟ ସାମଗ୍ରୀ ଆମଦାନୀ ହୋଇଥାଏ। ପୂର୍ବରୁ ଏହି ସାମଗ୍ରୀରୁ ଭାରତ ବେଶ୍ ମୋଟା ଆକାରରେ ଶୁଳ୍କ ଆଦାୟ କରୁଥିଲା, ଏବେ ଏହି ଶୁଳ୍କ ପରିମାଣ ଶୂନ ରହିବ।

ସାମାଜିକ ଗଣମାଧ୍ୟମରେ ଆମେରିକା ରାଷ୍ଟ୍ରପତି ଡ଼ୋନାଲ୍ଡ ଟ୍ରମ୍ପ କରିଥିବା ଦାବି ଅନୁସାରେ ଆମେରିକା ପାଇଁ ▶ପୃଷ୍ଠା-୭

ସଚିବସ୍ତରୀୟ ସମୀକ୍ଷା ବୈଠକ

ପ୍ରଶାସନ ଲୁଚାଇଲା ବଜେଟ୍ ଖର୍ଚ୍ଚ ତଥ୍ୟ

■ ଭୁବନେଶ୍ୱର, ୩।୨ (ସମିସ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବସିଛି ସଚିବସ୍ତରୀୟ ବୈଠକ। ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ବିଶେଷ କରି ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ବଜେଟ୍ ଅନୁମୋଦନ ଅନୁସାରେ ଗତ ୨୦୨୬ ଜାନୁଆରୀ ୩୧ ତାରିଖ ସୁଦ୍ଧା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା କରାଯାଇଛି। ମାତ୍ର ବୈଠକ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ କୌଣସି ତଥ୍ୟ ସାର୍ବଜନୀନ କରାଯାଇ ନାହିଁ। ପ୍ରତି ମାସରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ବସୁଥିବା ବେଳେ ମୁଖ୍ୟ ସଚିବଙ୍କ କାର୍ଯ୍ୟ। ।ଳୟ ପକ୍ଷରୁ କେଉଁ ବିଭାଗ ନିଜ ବଜେଟ୍‌ର କେତେ ପ୍ରତିଶତ ଖର୍ଚ୍ଚ କରିଥାନ୍ତି, ତାହାର ତଥ୍ୟ ଦିଆଯାଇଥାଏ। ଏହି ଆଧାରରେ ସରକାରଙ୍କର ବଜେଟ୍ ଖର୍ଚ୍ଚ ଓ ରାଜସ୍ୱ ଆୟର ସ୍ଥିତି ଜଣାପଡ଼ିଥାଏ। ଡିସେମ୍ବର ଶେଷ ସୁଦ୍ଧା ସରକାର ମାତ୍ର ୪୯ ପ୍ରତିଶତ ଅର୍ଥ ଖର୍ଚ୍ଚ କରିପାରିଥିଲେ। ଯେହେତୁ ଡିସେମ୍ବର ଶେଷ ସୁଦ୍ଧା ଅତି କମ୍‌ରେ ୬୦ ପ୍ରତିଶତ ବଜେଟ୍ ଅର୍ଥ ଖର୍ଚ୍ଚ କରିବାର ପ୍ରାବଧାନ ରହିଛି, ତେଣୁ ସରକାର ବଜେଟ୍ ଅର୍ଥ ଖର୍ଚ୍ଚ କରିପାରୁ ନ ଥିବା ଦର୍ଶାଇ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଥିଲେ।

ସାର୍ବଜନୀନ ହେଲାନି ମୋଟ ରାଜସ୍ୱ ଆୟ

ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ବଜେଟ୍ ଅର୍ଥ ଖର୍ଚ୍ଚକୁ ନେଇ ଘମାଘୋଟ୍ ଆଲୋଚନା ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସମ୍ପର୍କରେ କୌଣସି ସୂଚନା ଜାରି କରାଯାଇନାହିଁ। ସମୀକ୍ଷା ବୈଠକରେ କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ, ସମବାୟ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶକ୍ତି ଓ ସାମାଜିକ କ୍ଷେତ୍ରରେ ଗତ ବର୍ଷ ଏହି ସମୟ ମଧ୍ୟରେ ହୋଇଥିବା ଖର୍ଚ୍ଚ ତୁଳନାରେ ଚଳିତ ବର୍ଷ ଖର୍ଚ୍ଚ ହାର ଅଧିକ ବୃଦ୍ଧି ପାଇଥିବା ସରକାର କହୁଥିଲେ ମଧ୍ୟ ଏ ସଂକ୍ରାନ୍ତ ତଥ୍ୟ ଗୋପନ ରଖାଯାଇଛି। ଆର୍ଥିକ ବର୍ଷ ସରିବାକୁ ହାତରେ ଆଉ ୨ ମାସ ଥିବାରୁ ଏହା ଭିତରେ କାର୍ଯ୍ୟ ତ୍ୱରାନ୍ୱିତ କରି ଖର୍ଚ୍ଚ ବୃଦ୍ଧି କରିବାକୁ ଏବଂ ରାଜସ୍ୱ ସଂଗ୍ରହ ସହିତ ସଂପୃକ୍ତ ▶ପୃଷ୍ଠା-୭

ବେଆଇନ ଅନୁପ୍ରବେଶ

୯ ବାଂଲାଦେଶୀଙ୍କୁ ୨ ବର୍ଷ ସଜା

■ ଭୁବନେଶ୍ୱର, ୩।୨ (ସମିସ): ବୈଧ ପାସପୋର୍ଟ, ଭିସା ବା ଆନୁଷଙ୍ଗିକ କାଗଜପତ୍ର ନ ଥାଇ ଓଡ଼ିଶାରେ ଧରା ପଡ଼ିଥିବା ୯ ବାଂଲାଦେଶୀଙ୍କୁ ୨ ବର୍ଷ ଲେଖାଏଁ ସଜା ଓ ୧୦ ହଜାର ଟଙ୍କା ଲେଖାଏଁ ଜୋରିମାନାରେ ଦଣ୍ଡିତ କରିଛନ୍ତି ଭୁବନେଶ୍ୱର ସବ୍‌ଡ଼ିଭିଜନାଲ ଜୁଡ଼ିସିଆଲ ମାଜିଷ୍ଟ୍ରେଟ। ଜରିମାନା ଅନାଦେୟ ଅଧିକ ୩ମାସ ଜେଲ୍ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ସ୍ୱଷ୍ଟ କରିଛନ୍ତି। ଫରେନର୍ସ ଆକ୍ଟ ୧୯୪୬ ଅନୁନାୟୀ ଏମାନଙ୍କୁ ସଜା ଶୁଣାଯାଇଛି।

ଏସ୍‌ଟିଏଫ୍ ସୂଚନା ଅନୁସାରେ ମାର୍ଚ୍ଚ ମାସ ୨୦୨୫ ମସିହାରେ ଏସଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଂଲାଦେଶୀ ନାଗରିକ ମହମ୍ମଦ ହସିମ୍, ସଜିମ୍ ଖାନ୍, ଆଲମ୍ ଶେଖ୍, ମହମ୍ମଦ ଅଜିମ୍, ଦିଲେର୍ ଶେଖ୍, ମହମ୍ମଦ ସୋହା ତାଲୁକ୍‌ଦାର, କରିମା ବେଗମ୍, ମୋନିରା ବେଗମ୍ ଓ ସାହାନା ବେଗମ୍‌ଙ୍କୁ ଭୁବନେଶ୍ୱର ରେଳ ଷ୍ଟେସନ ପରିସରରୁ ଗିରଫ କରିଥିଲା। ପଚରାଉଚରା ବେଳେ ଏମାନେ କୌଣସି ବୈଧ ପାସ୍‌ପୋର୍ଟ କିମ୍ବା ଭିସା କିମ୍ବା ତତ୍‌ସମ୍ବନ୍ଧୀୟ କାଗଜପତ୍ର ପ୍ରଦାନ କରିପାରି ନଥିଲେ।

ଇଥିମଧ୍ୟରେ ଦଣ୍ଡ ଭୋଗିବା ପରେ ଏହି ବ୍ୟକ୍ତିମାନଙ୍କୁ ବାଂଲାଦେଶ ଫେରାଇଦେବା ଲାଗି ବାଂଲା ସରକାର ଭାରତକୁ ଅନୁରୋଧ କରିଛନ୍ତି।

ବନ ବିଭାଗକୁ ବଦହଜମ ପୁଲିସ ନାଲିଆଖି

ଖାକି-ଖାକି ମୁହାଁମୁହିଁ

■ ରାଜନଗର/ଭୁବନେଶ୍ୱର, ୩।୨ (ସମିସ): ବନ ବିଭାଗ କାର୍ଯ୍ୟାଳୟରେ ପଶି ଜଣେ ମହିଳା ପୁଲିସ ଅଧିକାରୀ ଧମକ ଚମକ ଦେବା ଘଟଣା ଏବେ ତାଙ୍କ ପାଇଁ ବୁମେରାଂ ହେବାକୁ ଯାଉଛି। ଜଙ୍ଗଲ ବିଭାଗର ଗେଜେଟେଡ୍ ଅଧିକାରୀଙ୍କୁ ଏସ୍‌ଆଇ ପାହ୍ୟାର ପୁଲିସ କର୍ମଚାରୀଙ୍କ ନାଲି ଆଖି ବନ ବିଭାଗ ଅଧିକାରୀମାନେ ବରଦାସ୍ତ କରିପାରୁ ନାହାନ୍ତି। ଓଡ଼ିଶା ବନ ସେବା ସଂଘ ଏହି ଘଟଣାକୁ ନେଇ ଖଡ଼୍‌ଗହସ୍ତ। କାହିଁକି ଜଣେ କର୍ତ୍ତବ୍ୟରତ ବନ ବିଭାଗ ଅଧିକାରୀଙ୍କୁ କାର୍ଯ୍ୟରେ ବାଧା ଦିଆଗଲା ଓ ତାଙ୍କୁ ଦୁର୍ବ୍ୟବହାର କରାଗଲା ତାହାର ଉତ୍ତର ଦେବାକୁ ବନ ଅଧିକାରୀ ସଂଘ ପକ୍ଷରୁ ପୁଲିସ ଅଧିକାରୀଙ୍କ ନିକଟରେ ଅଡ଼ି ବସିଛି। ଏପରିକି ୩ ଦିନ ମଧ୍ୟରେ ସମ୍ପୃକ୍ତ ମହିଳା ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବନ ସେବା ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ଅଭିଯୋଗ ଅନୁସାରେ ବଜ୍ରକାପ୍ତା କାଠି ଚୋରାଚାଳାଣ ମାମଲାରେ ବନ ବିଭାଗ ୩ ଜଣ ଅଭିଯୁକ୍ତମାନଙ୍କୁ ପଟ୍ଟାମୁଣ୍ଡାଇ ଅଞ୍ଚଳରୁ ଉଠାଇ ଆଣିଥିଲା। ଏହାପରେ ଗତ ୨୧ ତାରିଖରେ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ବନ୍ଦନା ପାତ୍ର ବନବିଭାଗର ରେଞ୍ଜ କାର୍ଯ୍ୟଳୟରେ ପଶି ଏସିଏଫ ଗଗନ ବିହାରୀ ମଲ୍ଲିକଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ତାଙ୍କ ଅଞ୍ଚଳରୁ କାହିଁକି ବଜ୍ରକାପ୍ତା କାରବାର କରୁଥିବା ▶ପୃଷ୍ଠା-୭

ନବମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ କଣ୍ଟାବାଞ୍ଜି, ୩।୨ (ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାକୁ ତା'ର କିଛି ସହପାଠୀ ଗଣଦୁଷ୍କର୍ମ କରିଛନ୍ତି। ଖାଲି ସେତିକି ନୁହେଁ, ଦୁଷ୍କର୍ମ ବେଳର ଏକ ଭିଡିଓ କରି ତାକୁ ଭାଇରାଲ୍ କରିଦେଇଛନ୍ତି। ତୁରେକେଲା ଥାନା ପୁଲିସ ହାତରେ ଆଜି ଏହି ଭିଡିଓ

ବଲାଙ୍ଗୀରରେ ଚାଞ୍ଚଲ୍ୟ

ଭିଡିଓ ଭାଇରାଲ ପରେ ପୁଲିସର କାର୍ଯ୍ୟାନୁଷ୍ଠାନ

ଲାଗିବା ପରେ ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଏକାଧିକ ନାବାଳକଙ୍କୁ ▶ପୃଷ୍ଠା-୭



ମଣିପୁରର ନୂଆ ମୁଖ୍ୟମନ୍ତ୍ରୀ ହେବେ ଖେମଚନ୍ଦ ସିଂହ

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ହିଂସାଗ୍ରସ୍ତ ମଣିପୁରରେ ପୁଣି ସରକାର ଗଠନ କରିବା ପାଇଁ ବିଜେପି ଜୋରସୋରରେ ଉଦ୍ୟମ କରୁଛି। ଏହି କ୍ରମରେ ମଙ୍ଗଳବାର ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁମ୍ନାନ ଖେମଚନ୍ଦ ସିଂହଙ୍କୁ ବିଧାୟକ ଦଳ ନେତା ନିର୍ବାଚନ ହୋଇଛନ୍ତି। ସେ ମଣିପୁରର ୧୩ତମ ମୁଖ୍ୟମନ୍ତ୍ରୀ ହେବେ। ସେ ଏବେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିବେ। ଏବେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ରହିଛି। ଏହାର ଅବଧି ଆସନ୍ତା ୧୨ ତାରିଖରେ ଶେଷ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, କୁକି-ଜୋ ସମ୍ପ୍ରଦାୟକୁ ସନ୍ତୁଷ୍ଟ କରିବା ପାଇଁ ୧୦ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ ଉପ-ମୁଖ୍ୟମନ୍ତ୍ରୀ କରାଯିବ। ଏନ୍‌ଡିଏର ପ୍ରାୟ ୨୦ ବିଧାୟକ ରବିବାର ରାତିରେ ଦିଲ୍ଲୀରେ ପହଞ୍ଚିଥିଲେ। ସେହିପରି କେନ୍ଦ୍ରୀୟ ନେତୃତ୍ୱଙ୍କ ନିର୍ଦ୍ଦେଶରେ ଅନ୍ୟ ବିଧାୟକ ସୋମବାର ରାଜଧାନୀ ଆସିଥିଲେ। ଗତ ବର୍ଷ ଫେବୃଆରୀ ୯ରେ ବୀରେନ ସିଂହ ଇସ୍ତଫା ଦେଇଥିଲେ। ଏହାପରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା। ୬୦ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ବିଜେପିର ମୋଟ ୩୭ ବିଧାୟକ ଅଛନ୍ତି।

ଆମେରିକା ରାଜିନାମା ନେଇ ଆପତ୍ତି ଉଠାଇଲେ ରାହୁଲ

ନୂଆଦିଲ୍ଲୀ, ୩।୨: ଭାରତ-ଆମେରିକା ବାଣିଜ୍ୟ ରାଜିନାମା ନେଇ ଆପତ୍ତି ଉଠାଇଛନ୍ତି ଲୋକସଭାରେ ବିରୋଧୀ ଦଳର ନେତାର ରାହୁଲ ଗାନ୍ଧୀ। ସେ ଅଭିଯୋଗ କରିଛନ୍ତି ଯେ ଆ।।ମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଚାପରେ ପ୍ରଧାନମନ୍ତ୍ରୀ ମୋଦୀ ଦେଶର ସ୍ୱାର୍ଥକୁ ବଳି ପକାଇଛନ୍ତି। ସେ କହିଛନ୍ତି ଯେ ଏହି ରାଜିନାମା ଯୋଗୁଁ ଭାରତ ସର୍ବାଧିକ କ୍ଷତିଗ୍ରସ୍ତ ହେବ। ଆମେରିକାରୁ ଆସୁଥିବା ସାମଗ୍ରୀ ଉପରେ ଶୂନ ଶୁଳ୍କ ଯୋଗୁଁ ଭାରତୀୟ ଚାଷୀ ବରବାଦ ହୋଇଯିବେ। ଏହି କଥାକୁ ଭାରତ ପୂର୍ବରୁ ଦୃଢ଼ ବିରୋଧ କରିଆସୁଥିଲା। କିନ୍ତୁ ଟ୍ରମ୍ପଙ୍କ ଚାପରେ ମୋଦୀ ଭାରତୀୟ ଚାଷୀଙ୍କ ସ୍ୱାର୍ଥକୁ ବିପଦରେ ପକାଇଛନ୍ତି। ସଂସଦ ବାହାରେ ଆଜି ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ରାହୁଲ ଅଭିଯୋଗ କରିଛନ୍ତି ଯେ ଆଦାନୀ ଏବଂ ଏପଷ୍ଟିନ ଫାଇଲକୁ ନେଇ ମୋଦୀ ଚାପରେ ଅଛନ୍ତି। ତେବେ ରାହୁଲ ଯେଉଁ ଏପଷ୍ଟିନ୍ ଫାଇଲ କଥା କହୁଛନ୍ତି, ତାହାକୁ ଭାରତ ସରକାର ଖଣ୍ଡନ କରିସାରିଛନ୍ତି। ଭାରତ ପକ୍ଷରୁ କୁହାଯାଇଛି ଯେ ୨୦୧୭ରେ ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲ ଯାଇଥିଲେ। କିନ୍ତୁ ଏପଷ୍ଟିନ ଫାଇଲରେ ଆଉସବୁ ଯାହା କୁହାଯାଇଛି, ତାହା ସଂପୂର୍ଣ୍ଣ ରୂପେ ମିଛ। ଜଣେ କୁଖ୍ୟାତ ଯୌନ ଅପରାଧୀ ଏବଂ ନାବାଳିକା ଚାଲାଣକାରୀ ଏପଷ୍ଟିନଙ୍କୁ ବିଶ୍ୱାସ କରାଯିବା ଉଚିତ ନୁହେଁ ବୋଲି ବୈଦେଶିକ ବିଭାଗ ମୁଖପାତ୍ର କହିଥିଲେ।

ବ୍ୟବସାୟୀଙ୍କୁ ହେଲ୍‌ମେଟ୍‌ରେ ପିଟି ହତ୍ୟା କଲେ ତିନି ଏଜେଣ୍ଟ

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀରୁ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟିଛି। କେନ୍ଦ୍ରୀୟ ଦିଲ୍ଲୀର କନଟ୍ ପ୍ଲେସରେ ରାତିରେ ଏକ ପାର୍ଟିକୁ ଯାଇଥିବା ଜଣେ ୩୬ ବର୍ଷୀୟ ବ୍ୟବସାୟୀଙ୍କୁ ତିନି ଜଣ ଡେଲିଭରି ଏଜେଣ୍ଟ ହେଲ୍‌ମେଟରେ ପିଟି ପିଟି ହତ୍ୟା କରିଛନ୍ତି। ଜାନୁଆରୀ ତିନି ତାରିଖ ରାତିରେ ଏହି ଘଟଣା ଘଟିଥିବାବେଳେ ମଙ୍ଗଳବାର ତାହା ସାମ୍ନାକୁ ଆସିଛି। ଏହି ବ୍ୟବସାୟୀ ଶିବମ୍ ଗୁପ୍ତା ଦୁଇ ସପ୍ତାହରୁ ଅଧିକ ସମୟ ଧରି ଏକ ହସ୍ପିଟାଲରେ ଜୀବନ ମରଣ ସହ ଲଢ଼େଇ କରୁଥିଲେ। ଗତ ୧୯ ତାରିଖରେ ସେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇ ଥିଲେ। ଏବେ ପୁଲିସ ମାମଲା ରୁଜୁ କରି ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଫରେନସିକ୍ କାର୍ଯ୍ୟ ପାଇଁ ଗୁପ୍ତାଙ୍କ ରକ୍ତ ଲଗା ପୋଷାକ ନେଇଛି। ପୁଲିସ କହିଛି ଯେ ତିନି ଜଣ ଆକ୍ରମଣକାରୀ ଗୁପ୍ତାଙ୍କ ଉପରେ ଆକ୍ରମଣ ପାଇଁ ହେଲମେଟ୍ ବ୍ୟବହାର କରିଥିଲେ। ଯୁକ୍ତିତର୍କ ପରେ ତାଙ୍କୁ ଆଘାତ କରିଥିଲେ। ପରେ ଫୁଟପାଥ୍ ଉପରେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଛାଡି ପଳାଇ ଥିଲେ।

୨୦ ଶିଶୁଙ୍କୁ ବଞ୍ଚାଇ ନିଜ ଜୀବନ ହାରିଲେ ମହିଳା

ଭୋପାଳ, ୩।୨ (ଏଜେନ୍ସି): ମଧ୍ୟପ୍ରଦେଶ ନିମଚ ଜିଲ୍ଲା ରାନପୁର ଗ୍ରାମର ଅଙ୍ଗନବାଡି କେନ୍ଦ୍ରର ୨୦ ଶିଶୁଙ୍କୁ ବଞ୍ଚାଇବା ପାଇଁ ଜଣେ ମହିଳା ନିଜ ଜୀବନକୁ ବାଜି ଲଗାଇ ଦେଇଛନ୍ତି। ଏହି

ମହିଳାଙ୍କ ନାମ କଞ୍ଚନ ବାଇ ମେଘୱାଲ। ଏବେ ସାରା ଅଞ୍ଚଳରେ ତାଙ୍କର ଚର୍ଚ୍ଚା ହେଉଛି। ସେ ପ୍ରାଣ ହରାଇ ଥିଲେ ବି ଶିଶୁଙ୍କୁ ବଞ୍ଚାଇ ଅମର ହୋଇ ଯାଇଛନ୍ତି। ସୂଚନା ଅନୁଯାୟୀ, ଅଚାନକ ଅଙ୍ଗନବାଡ଼ି କେନ୍ଦ୍ର ଉପରେ ମହୁମାଛି ଆକ୍ରମଣ କରି ଦେଇଥିଲେ। ଏହା ଦେଖି ରୋଷେଇ କରୁଥିବା ଅଙ୍ଗନବାଡ଼ି ସହାୟିକା ମହୁମାଛିଙ୍କ ଆଗରେ ଛିଡ଼ା ହୋଇ ଯାଇଥିଲେ। ସେ ନିଜ ଜୀବନ କଥା ଚିନ୍ତା ନ କରି ପାଖରେ ଥିବା ଜରି ଆଣି ସବୁ ପିଲାଙ୍କୁ ଘୋଡ଼ାଇ ଦେଇଥିଲେ। ପରେ ରୁମ୍ ଭିତରକୁ ନେଇ ଯାଇଥିଲେ। ଏହି ସମୟ ମଧ୍ୟରେ କଞ୍ଚନ ବାଇଙ୍କୁ ମହୁମାଛି କାମୁଡ଼ି ଦେଇଥିଲେ। ଗ୍ରାମବାସୀ ସୁରକ୍ଷା ଦେବା ପାଇଁ ଆସିବା ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ଯାଇଥିଲା। କଞ୍ଚନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୋମବାର ଦ୍ୱିପହରେ ଏହି ଘଟଣା ଘଟିଥିବାବେଳେ ଆଜି ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

୮ ୫ ଲକ୍ଷର ଗହଣା ଦେଇ ମୋମୋ ଖାଇଦେଲା ସପ୍ତମ ଶ୍ରେଣୀ ଛାତ୍ର

ଲକ୍ଷ୍ନୌ, ୩।୨ (ଏଜେନ୍ସି): ଉତ୍ତର ପ୍ରଦେଶ ଦେଓରିଆ ରାମାପୁର କାରଖାନା ଅଞ୍ଚଳରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଯାଇଛି। ସପ୍ତମ ଶ୍ରେଣୀର ଜଣେ ଛାତ୍ର (୧୪) ୮୦ ଟଙ୍କାକି ୮୦୦ ନୁହେଁ, ୮୫ ଲକ୍ଷ ଟଙ୍କାର ମୋମୋ ଖାଇ ଦେଇଛି। ଏହି ୧୪ ବର୍ଷୀୟ ବାଳକର ମୋମୋ ନିଶା ପାଇଁ ଏକ ପରିବାର ସର୍ବସ୍ୱାନ୍ତ ହୋଇଯାଇଛି। ଘରେ କଳା କନା ବୁଲାଇ ପୁଅ ଦୋକାନୀକୁ ପୋଶିଛି। ପରିବାରର ଅର୍ଜିତ ସମ୍ପତ୍ତିକୁ ଦୋକାନୀ ହାତରେ ଟେକି ଦେଇଛି।

ଘରୁ ସୁନା, ଗହଣା ଚୋରି କରି ଦୋକାନୀଙ୍କୁ ଦେଉଥିଲା

ସୂଚନା ଅନୁଯାୟୀ, ସେ ମୋମୋ ଖାଇବା ପାଇଁ ତିନି ମାସ ହେଲା ଘରୁ ଚୋରି କରୁଥିଲା। ପ୍ରତ୍ୟେକ ଦିନ ଆଲମାରୀରୁ ଗୋଟିଏ ଲେଖାଏଁ ଅଳଙ୍କାର ବାହାର କରି ଦୋକାନୀକୁ ଦେଉଥିଲା। ଏହା ବଦଳରେ ଦୋକାନୀ ତାକୁ ମୋମୋ ଖୁଆଉ ଥିଲା। ଏହି ନିଶା ପାଇଁ ପୁଅ ସୁନା ହାର, ମୁଦି, ଅଣ୍ଟା ବିଛା, କାନ ଝୁମକା ଆଦି ତିନି

ଦୋକାନୀଙ୍କୁ ଦେଇଥିଲା। ଗତ ରବିବାର ପରିବାର ଲୋକେ ଘରର ଆଲାମାରୀ ଖୋଲିବାରୁ ଅଳଙ୍କାର ନ ଥିବା ଦେଖି ଚକିତ ହୋଇ ଯାଇଥିଲେ। ପରେ ପୁଅକୁ ପଚାରିବାରୁ ସେ ସବୁ କଥା କହିଥିଲା। ଏହାକୁ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

ସୋମବାର ସନ୍ଧ୍ୟାରେ ପୁଲିସ ନାବାଳକ ଏବଂ ତିନି ଅଭିଯୁକ୍ତଙ୍କ ବିରୋଧରେ ଏତଲା ରୁଜୁ କରିଥିଲା। ଜଣେ ଅଭିଯୁକ୍ତକୁ ମଧ୍ୟ ଗିରଫ କରାଯାଇଛି। ଭଗବାନପୁର ତିୱାରୀ ଗ୍ରାମର ବିମଳେଶ ମିଶ୍ରଙ୍କ ପୁଅ ରାମାୟଣ ମିଶ୍ର ବାରାଣସୀର ଏକ ମନ୍ଦିରରେ ପୂଜାରୀ ଅଛନ୍ତି। ଗାଁରେ ଥିବା ତାଙ୍କ ପୁଅ ଏଭଳି କାଣ୍ଡ ଘଟାଇଛି। ମୋମୋ ପ୍ରତି ଥିବା ତାର ଦୁର୍ବଳତାର ଲାଭ ଉଠାଇ ତିନି ଦୋକାନୀ ତାକୁ ଠକି ନେଇଥିଲେ। ଏହି ଅଳଙ୍କାରରେ ଏକ ଯୋଡ଼ା ସୁନାର ହାର, ୯ଟି ସୁନା ମୁଦି, ଦୁଇଟି ସିନ୍ଥି, ଦୁଇ ଯୋଡ଼ା କଙ୍ଗଣ, ୧୩ଟି ରୁପା ପାଉଁଜି, ୨୨ଟି ନାକର ନୋଥ, ଚାରୋଟି ରୁପାର ଗୋଡ଼ ମୁଦି, ଆଉ ୫ଟି ସୁନା ମୁଦି, ୪ ଯୋଡ଼ା କାନ ଫୁଲ ସାମିଲ ଥିଲା। ସେହିପରି ଯାହା ଅଳଙ୍କାର ନେଇଥିଲୁ ତାହା ଫେରାଇ ଦେଇଛୁ ବୋଲି ଅଭିଯୁକ୍ତ କହିଛି। ମାତ୍ର ପରିବାର ଲୋକେ ଅଧିକ ଥିବା ଦାବି କରୁଛନ୍ତି। ତାଙ୍କ ପୁଅ ଏ ବିଷୟରେ ମୁହଁ ଖୋଲୁନାହିଁ।

ଆମେରିକା-ଚୀନ୍ ମଧ୍ୟରେ ଫସିଲା ଭାରତ

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ବିଶ୍ୱରେ ଭୂରାଜନୈତିକ ସ୍ଥିତି ଦ୍ରୁତଗତିରେ ବଦଳିବାରେ ଲାଗିଛି। ଆମରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ପାଇଁ ଅନେକ ଦେଶ ନିଜ ନୀତି ବଦଳାଇ ଦେଇଛନ୍ତି। ବନ୍ଧୁ ରାଷ୍ଟ୍ର ଆମେରିକାଠାରୁ ଦୂରେଇ ଯାଇଛନ୍ତି। ଆଉ କିଛି ରାଷ୍ଟ୍ରଙ୍କୁ ଟ୍ରମ୍ପ ନିଜର ବିରୋଧୀ କରି ଦେଇଛନ୍ତି। ଭାରତ ଏହି ଦେଶ ମଧ୍ୟରେ ସାମିଲ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟ୍ରମ୍ପ ନିଜର ଉତ୍ତମ ବନ୍ଧୁ କହି ବଡ଼ ଝଟ୍‌କା ଦେଇଛନ୍ତି। ଶୁଳ୍କ ହେଉ ଅବା ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ ନେଇ ଦାବି ସବୁଥିରେ ଟ୍ରମ୍ପ ଆଗରେ ଚାଲିଛନ୍ତି। ଆମେରିକା ଶୁଳ୍କ ପ୍ରହାରରୁ ତ୍ରାହି ପାଇଁ ଭାରତ ପୂର୍ବ ଶତ୍ରୁତାକୁ ଭୁଲି ଚୀନ୍ ସହ ବନ୍ଧୁତା ବଢ଼ାଇ ଥିଲା। ଏକଚାଟିଆ ନୀତି ଚାଲିବ ନାହିଁ ବୋଲି ବାର୍ତ୍ତା ଦେବାକୁ ପ୍ରୟାସ କରିଥିଲା। ବ୍ରିକ୍ସ ସମ୍ମିଳନୀ ପାଇଁ ମୋଦୀ ଚୀନ୍ ଗସ୍ତ କରି ଡ୍ରାଗନ ସହ ସହିତ ସମ୍ପର୍କ ବଢ଼ାଇବାକୁ ପ୍ରୟାସ କରିଥିଲେ। ମାତ୍ର ପରେ ସ୍ଥିତି ବଦଳି ଯାଇଥିଲା। ଚୀନ୍ ଆଡ଼କୁ ଭାରତ ଢଳୁ ଥିବା ଦେଖି ଟ୍ରମ୍ପ ନରମ ଆଭିମୁଖ୍ୟ ଗ୍ରହଣ କରିଥିଲେ। ଅନେକ ଥର ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ବିଭିନ୍ନ ରିପୋର୍ଟ ଜାରି କରି ଭାରତକୁ ଚୀନ୍ ଆକ୍ରାମକତାର ଧମକ ଦେଇଥିଲେ। ଆଉ ଏବେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ମଧ୍ୟ ଘୋଷଣା ହୋଇଯାଇଛି। ଏପରି ସ୍ଥିତିରେ ଭାରତ ଏବେ ଆମେରିକା ଏବଂ ଚୀନ୍ ମଧ୍ୟରେ ଫସି ଯାଇଛି। ଭାରତ ଏବେ ଉଭୟ ପଟୁ ଚାପର ସମ୍ମୁଖୀନ ହେଉଛି। ଗୋଟିଏ ପଟେ ଆମେରିକାର ପରିବର୍ତ୍ତିତ ନୀତି ଥିବାବେଳେ ଅନ୍ୟପଟେ ଚୀନ୍‌ର ଆକ୍ରାମକ ଆଭିମୁଖ୍ୟ ରହିଛି। ତେଣୁ ଭାରତ ଏବେ ପାରମ୍ପରିକ ସହଯୋଗୀଙ୍କଠାରୁ ଆଗକୁ ବଢି ବିଶ୍ୱର ଅନ୍ୟ ଭାଗରେ ନୂଆ ବନ୍ଧୁଙ୍କ ସନ୍ଧାନ କରୁଛି।

ସପ୍ତାହେ ତଳେ ପ୍ରଧାନମନ୍ତ୍ରୀ ମୋଦୀ ନୂଆଦିଲ୍ଲୀରେ ୟୁରୋପୀୟ ସଂଘ (ଇୟୁ) ନେତା ଉର୍ସୁଲା ଭାନ୍ ଡେର୍ ଲେନଙ୍କ ସହ ୧୮ ବର୍ଷ ଧରି

ଅଟକି ରହିଥିବା ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହାକୁ 'ସମସ୍ତ ଚୁକ୍ତିର ଜନନୀ' ତଥା 'ମଦର ଅଫ ଅଲ ଡିଲ୍ସ' କୁହାଯାଇଥିଲା।

ଏହି ଚୁକ୍ତି ପ୍ରାୟ ୨ ବିଲିୟନ ଲୋକଙ୍କ ଏକ ବଜାର ସୃଷ୍ଟି କରିବ। ଏହା କେବଳ ବାଣିଜ୍ୟ ନୁହେଁ, ବରଂ ଏକ ନୂତନ ଅନ୍ତର୍ଜାତୀୟ ବ୍ୟବସ୍ଥାର ଏକ ଅଂଶ। ଏଥିରେ ଆମେରିକାର ଭୂମିକା ଦୁର୍ବଳ ହେବା ପରେ ଅନ୍ୟ ଦେଶମାନେ ଏକ ନୂତନ ଢାଞ୍ଚା ପ୍ରସ୍ତୁତି ପାଇଁ ଏକାଠି କାମ କରୁଛନ୍ତି। ଏବେ ଭାରତ ବିଶ୍ୱ ରାଜନୀତିକୁ ପ୍ରଭାବିତ କରିବା ଆରମ୍ଭ କରିଛି। ବିଶ୍ୱରେ ଭାରତରେ ସର୍ବାଧିକ ଜନସଂଖ୍ୟା ରହିଛି। ଜାପାନ ଏବଂ ଜର୍ମାନୀ ସହିତ ଭାରତର ଅର୍ଥନୀତି ମଧ୍ୟ ବିଶ୍ୱର ଶ୍ରେଷ୍ଠ ୫ ଦେଶ ମଧ୍ୟରେ ସାମିଲ ରହିଛି। ମାତ୍ର ମୁଣ୍ଡପିଛା ଆୟ ଏହି ଦେଶଗୁଡ଼ିକ ତୁଳନାରେ ବହୁତ କମ୍ ରହିଛି।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆତ୍ମନିର୍ଭରଶୀଳ ଭାରତର ଦୃଷ୍ଟିକୋଣ ଏବେ ମନ୍ଥର ହେଉଥିବା ପରି ମନେ ହେଉଛି। ନିଜକୁ ସୁରକ୍ଷା ଦେବା ପାଇଁ ଅନ୍ୟ ଦେଶ ସହିତ ଅତ୍ୟଧିକ ଆର୍ଥିକ ସମ୍ପର୍କ ଏଡାଇବା ଉଚିତ ବୋଲି ପୂର୍ବରୁ ଭାରତ ମତ ଦେଇଆସିଛି। ଏହା ସତ୍ତ୍ୱେ ୟୁରୋପ, କାନାଡ଼ା ଏବଂ ଅନ୍ୟାନ୍ୟ ଦେଶମାନେ ଯୁକ୍ତି ଦେଇଛନ୍ତି ଯେ ଏକାଠି ବାଣିଜ୍ୟ ଦ୍ୱାରା ରାଷ୍ଟ୍ର ମଜବୁତ ହୁଏ।

ଗତ ବର୍ଷଠାରୁ ଅନ୍ୟ ଦେଶ ସହ ଭାରତର ସମ୍ପର୍କ ଦ୍ରୁତ ଗତିରେ ବଦଳିବା ଆରମ୍ଭ ହୋଇଛି। ବ୍ରିଟେନ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ଦ୍ୱାରା ଏହା ଆରମ୍ଭ ହୋଇଥିଲା। ଦୀର୍ଘ ବର୍ଷ ହେଲା ଏହା ଅଟକି ରହିଥିଲା। ଗତ ଡିସେମ୍ବରରେ ଓମାନ, ନ୍ୟୁଜିଲାଣ୍ଡ ସହ ମଧ୍ୟ ଏଭଳି ଚୁକ୍ତି ହୋଇଥିଲା। ଏହି ଦ୍ୱିପାକ୍ଷିକ ରାଜିନାମା ଭାରତର ନୀତିର ପରିବର୍ତ୍ତିତ ରୂପକୁ ଦର୍ଶାଉଛି। ଗତ କିଛି ସପ୍ତାହ ହେଲା ଜର୍ମାନୀ, ଜାପାନ, ୟୁଏଇ ଏବଂ ସାଉଦି ଆରବର ବଡ଼ ନେତା ଭାରତ ଗସ୍ତରେ ଆସିଥିଲେ। ସମସ୍ତେ ଭାରତ ସହ ସମ୍ପର୍କ ବଢ଼ାଇବାକୁ ଚାହିଁଥିଲେ ଏବଂ ଚୁକ୍ତି କରିଥିଲେ। ଫେବୃଆରୀରେ ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡି ସିଲଭା ମଧ୍ୟ ଭାରତ ଆସିବାର କାର୍ଯ୍ୟକ୍ରମ ରହିଛି।

ଅଷ୍ଟ୍ରେଲିଆରେ ଚୋରି କରିନେଲେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି

ମେଲବୋର୍ଣ୍ଣ, ୩।୨ (ଏଜେନ୍ସି): ଅଷ୍ଟ୍ରେଲିଆରେ ମହାତ୍ମା ଗାନ୍ଧୀଙ୍କ କାଂସ୍ୟ ପ୍ରତିମୂର୍ତ୍ତିକୁ ଚୋର ଚୋରି କରି ନେଇଛନ୍ତି। ଏହି ପ୍ରତିମୂର୍ତ୍ତି ମେଲବୋର୍ଣ୍ଣ ସହର ସ୍ଥିତ 'ଅଷ୍ଟ୍ରେଲିଆନ ଇଣ୍ଡିଆନ କମ୍ୟୁନିଟି ସେଣ୍ଟର' ବାହାରେ ଲାଗିଥିଲା। ଭାରତ ସରକାରଙ୍କ ପକ୍ଷରୁ ଏହାକୁ ଉପହାର ଭାବେ ଦିଆଯାଇଥିଲା। ୨୦୨୧ ନଭେମ୍ବର ୧୨ରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ଏହାର ଉଦ୍‌ଘାଟନ କରିଥିଲେ। ନକ୍ସ କ୍ରାଇମ

କାର୍ଯ୍ୟାନୁଷ୍ଠାନ ଦାବି କଲା ଭାରତ

ଇନଭେଷ୍ଟିଗେସନ ୟୁନିଟ ଚୋରି ମାମଲାର ତଦନ୍ତ ଆରମ୍ଭ କରିଛି। ଗତ ୧୨ ତାରିଖ ରାତି ୧୨ଟା୫୦ରେ ଏହି ଚୋରି ହୋଇଥିଲା ବୋଲି କୁହାଯାଇଛି। ଭାରତୀୟ-ଅଷ୍ଟ୍ରେଲିଆ ସମୁଦାୟ ଏହି ଘଟଣାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ପୁଲିସ ପକ୍ଷରୁ କୁହାଯାଇଛି ଯେ ତିନି ଅଜ୍ଞାତ ଲୋକ କିଙ୍ଗସିଲ କ୍ଳୋଜର ରୋଭିଲ ସ୍ଥିତ ଚ୍ୟାରିଟି ପରିସରରୁ ପ୍ରତିମା ଚୋରି କରିଥିଲେ। ଏହା ପୂର୍ବରୁ ସେମାନେ ଏକ କଟର୍‌ରେ ମୂର୍ତ୍ତିକୁ କାଟି ଦେଇଥିଲେ। ଏହି ମେସିନ ଚାଲିଲା ବେଳେ କେମିତି କେହି ଶୁଣି ପାରିଲେନି ବୋଲି ପ୍ରଶ୍ନ ଉଠୁଛି। ଏବେ ପୁଲିସ ସ୍କ୍ରାପ ମେଟାଲ ଡିଲରଙ୍କୁ ସତର୍କ କରାଇ ଦେଇଛି। ଯଦି କୌଣସି ବ୍ୟକ୍ତି ଏହି କାଂସ୍ୟ ପ୍ରତିମା ବିକ୍ରି କରିବାକୁ ଚେଷ୍ଟା କରନ୍ତି ତେବେ ତାହାର ସୂଚନା ଦେବାକୁ କୁହାଯାଇଛି। ଭାରତର ବୈଦେଶିକ ମନ୍ତ୍ରାଳୟ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛି। ଅଷ୍ଟ୍ରେଲିଆ କର୍ତ୍ତୃପକ୍ଷଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଯାଇଛି। ଏହି ମାମଲାରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି।

ପୁଣି ନିର୍ବାଚନ କମିସନଙ୍କୁ ଟାର୍ଗେଟ୍ କଲେ ମମତା

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆରକୁ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ନିର୍ବାଚନର ଠିକ୍ ପୂର୍ବରୁ ଏସଆଇଆର କାହିଁକି କରାଯାଉଛି, ବାରମ୍ବାର ଚିଠି ଲେଖିବା ସତ୍ତ୍ୱେ ଇସି ଉତ୍ତର କାହିଁକି ଦେଉନାହାନ୍ତି ବୋଲି ପଚାରିଛନ୍ତି। ମମତା କହିଛନ୍ତି ଯେ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଏବଂ ଆସାମରେ ନିର୍ବାଚନ ହେବାକୁ ଯାଉଛି। ଏସଆଇଆର ତିନି ରାଜ୍ୟରେ ହେଉଛି। ମାତ୍ର ବିଜେପି ଶାସିତ ଆସାମରେ ହେଉ ନାହିଁ। ଡବଲ-ଇଞ୍ଜିନ ରାଜ୍ୟ ହୋଇଥିବାରୁ ଆସାମକୁ ଛାଡ଼ କରାଯାଇଛି। ଫେବୃଆରୀରେ ନିର୍ବାଚନ ନେଇ

- ୬ ଚିଠିର ଜବାବ ଦେଇନାହାନ୍ତି
- ନିର୍ବାଚନର ଠିକ୍ ପୂର୍ବରୁ ଏସ୍‌ଆଇଆର୍ କାହିଁକି
- ବିରୋଧୀ ସଂସଦରେ ନିଜ ପ୍ରସଙ୍ଗ ଠିକ୍‌ରେ ଉତ୍ଥାପନ କରିପାରୁନାହାନ୍ତି
- କଲିକତାରୁ ଫୋର୍ସ ମଗାଇଲେ ମମତା

ବିଜ୍ଞପ୍ତି ପ୍ରକାଶ ପାଇପାରେ। ଦିଦି କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୫୮ ଲକ୍ଷ ନାମ ହଟାଇ ଦିଆଗଲା। ପୀଡ଼ିତଙ୍କୁ ନିଜ ପକ୍ଷ ରଖିବାକୁ କୌଣସି ସୁଯୋଗ ଦିଆଗଲା ନାହିଁ। ଯାଞ୍ଚ ନ କରି ଏଆଇର ଅପବ୍ୟବହାର କରାଯାଉଛି। ଇସିଙ୍କୁ ୬ ଥର ଚିଠି ଲେଖିବା ସତ୍ତ୍ୱେ ଉତ୍ତର ଦେଉ ନାହାନ୍ତି। ଟିଏମସି ଲୋକ ଇସିଙ୍କ ପ୍ରତିନିଧିମଣ୍ଡଳ ସହ ସାକ୍ଷାତ କରିଥିଲେ। ଏହା ସତ୍ତ୍ୱେ ବି କୌଣସି ପ୍ରତିକ୍ରିୟା ଆସିଲାନି। ପଶ୍ଚିମବଙ୍ଗରେ କ'ଣ ହେଉଛି ତାହା ଦିଲ୍ଲୀ ଗଣମାଧ୍ୟମ ଜାଣିପାରୁ ନାହାନ୍ତି। ପ୍ରକୃତ ପ୍ରସଙ୍ଗକୁ ସଠିକ ଭାବେ ଉପସ୍ଥାପନ କରାଯାଉନି। ସଂସଦର ସଦସ୍ୟ ହୋଇ ନ ଥିବାରୁ ସେଠାକୁ ଯାଇପାରୁ ନାହିଁ। ମାତ୍ର ଟିଭିରୁ ଦେଖଇ ଲାଗୁଛି ଯେ ବିରୋଧୀ ନିଜ କଥା ଠିକରେ ରଖିପାରୁ ନାହାନ୍ତି।

ସାମ୍ବାଦିକ ସମ୍ମିଳନୀ ସମୟରେ ମମତାଙ୍କ ପଛରେ ଅନେକ ଲୋକ ବସିଥିବା ଦେଖା ଯାଇଥିଲା। ମମତା କହିଥିଲେ ଯେ ସେମାନେ ସମସ୍ତେ ଏସଆଇଆରର ଶିକାର ହୋଇଛନ୍ତି। ଅନ୍ୟପଟେ ମମତା ଦିଲ୍ଲୀରେ ରାଜ୍ୟର ପୁଲିସ ବାହିନୀକୁ ମୁତୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏମାନେ ଏସଆଇଆରରେ ପୀଡ଼ିତ ପରିବାରଙ୍କୁ ସୁରକ୍ଷା ଦେବେ। ସୋମବାର ସନ୍ଧ୍ୟାରେ ପଶ୍ଚିମବଙ୍ଗ ପୁଲିସର ୨୫ ଜଣିଆ ଟିମ୍ ଏକ ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲା। ଏଥିରେ ଜଣେ ଇନ୍ସପେକ୍ଟରଙ୍କ ସହିତ ର୍ୟାପିଡ ଆକ୍ସନ ଫୋର୍ସ (ଆରଏଏଫ) ର ଗୋଟିଏ ଟିମ୍ ସାମିଲ ରହିଛି। ଜଣେ ଡେପୁଟି ଏସ୍‌ପି ଏହାର ନେତୃତ୍ୱ ନେଉଛନ୍ତି। ଏହାକୁ ନେଇ ଦିଲ୍ଲୀ ପୁଲିସ କମିଶନର ଦେବେଶ ଚନ୍ଦ୍ର ଶ୍ରୀବାସ୍ତବ କହିଛନ୍ତି ଯେ ମମତାଙ୍କୁ ଦିଲ୍ଲୀରେ ଜେଡ୍ ପ୍ଲସ ସୁରକ୍ଷା ଦିଆଯାଉଛି। ପ୍ରୋଟୋକଲ ଅନୁସାରେ ତାଙ୍କ ସୁରକ୍ଷା ଦାୟିତ୍ୱ ଦିଲ୍ଲୀ ପୁଲିସର। ସେହିପରି ବଙ୍ଗ ଭବନର ସୁରକ୍ଷା ପାଇଁ ଅତିରିକ୍ତ ପୁଲିସ ବାହିନୀ ମୁତୟନ କରାଯାଇଛି।

ସେନାକୁ ପୁଣି ହେଲିକପ୍ଟର ବିକିବ ଅଗଷ୍ଟା ୱେଷ୍ଟଲାଣ୍ଡ

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ଇଟାଲୀ କମ୍ପାନୀ ଅଗଷ୍ଟା ୱେଷ୍ଟଲାଣ୍ଡ ପୁଣି ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ପ୍ରବେଶ କରିଛି। କ୍ଲିନ୍ ଚିଟ୍ ପାଇବାର ପାଞ୍ଚ ବର୍ଷ ପରେ ଏହି କମ୍ପାନୀ ଭାରତୀୟ ସେନାକୁ ହେଲିକପ୍ଟର ଯୋଗାଣ କରିବାକୁ ଯାଉଛି। ଏହି କମ୍ପାନୀ ପ୍ରାୟ ଏକ ଦଶନ୍ଧି ତଳେ ଭାରତୀୟ ରାଜନୀତିକୁ ଦୋହଲାଇ ଦେଇଥିଲା। ବହୁ ଚର୍ଚ୍ଚିତ ଭିଭିଆଇପି ହେଲିକପ୍ଟର ଦୁର୍ନୀତିରେ ଅଗଷ୍ଟା ୱେଷ୍ଟଲାଣ୍ଡ ଜଡ଼ିତ ଥିଲା। ଏବେ ଅଗଷ୍ଟାର ମୂଳ କମ୍ପାନୀ ଲିଓନାର୍ଡୋ ସହିତ ଆଦାନୀ ଡିଫେନ୍ସ ଏବଂ ଏରୋସ୍ପେସର ଚୁକ୍ତି ଚୂଡ଼ାନ୍ତ ହୋଇଛି। ଆଦାନୀ ଗ୍ରୁପ୍ ଅନୁଯାୟୀ, ମଙ୍ଗଳବାର ଏ ନେଇ ଆନୁଷ୍ଠାନିକ ଘୋଷଣା ହୋଇପାରେ। ଲିଓନାର୍ଡୋ ପୂର୍ବରୁ ଫିନମେକାନିକା ନାମରେ ଜଣାଶୁଣା ଥିଲା। ୩,୬୦୦ କୋଟିର ଭିଭିଆଇପି ହେଲିକପ୍ଟର କ୍ରୟ ଦୁର୍ନୀତିରେ ଅଗଷ୍ଟା ୱେଷ୍ଟଲାଣ୍ଡର ନାମ ଆସିଥିଲା। ଏଥିରେ ୧୨ ଏଡବ୍ଲ୍ୟୁ-୧୦୧ ହେଲିକପ୍ଟର କ୍ରୟରେ ଭାରତୀୟ ବାୟୁସେନା ଅଧିକାରୀ ଏବଂ ମଧ୍ୟସ୍ଥିମାନଙ୍କୁ କମ୍ପାନୀ ପ୍ରାୟ ୩୬୦ କୋଟି ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଛି। ୨୦୧୪ରେ ଭାରତ ଆନୁଷ୍ଠାନିକ ଭାବେ ଏହି ଚୁକ୍ତିକୁ ବାତିଲ କରି କମ୍ପାନୀକୁ କଳାତାଲିକାଭୁକ୍ତ କରି ଦେଇଥିଲା। ପ୍ରମାଣ ଅଭାବରୁ ପ୍ରଥମେ ଇଟାଲୀର ଏକ କୋର୍ଟ ଏବଂ ପରେ ପ୍ରତିରକ୍ଷା ମନ୍ତ୍ରଣାଳୟ ୨୦୨୧ ନଭେମ୍ବରରେ ଅଗଷ୍ଟା ୱେଷ୍ଟଲାଣ୍ଡକୁ କ୍ଲିନ୍ ଚିଟ୍ ଦେଇଥିଲା। କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ସମୟରେ ଇଟାଲୀୟ କମ୍ପାନୀ ଫିନମେକାନିକାର ଏକ ସହାୟକ କମ୍ପାନୀ ଅଗଷ୍ଟାୱେଷ୍ଟଲ୍ୟାଣ୍ଡ ସହିତ ୨୦୧୦ରେ ଏହି ଚୁକ୍ତି ହୋଇଥିଲା। ୨୦୧୩ରେ ଇଟାଲୀୟ ତଦନ୍ତକାରୀ ସଂସ୍ଥା ଲାଞ୍ଚ ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲେ। ଚୁକ୍ତିରେ ମଧ୍ୟସ୍ଥିଙ୍କ ଭୂମିକା ସାମ୍ନାକୁ ଆସିଥିଲା। ମାମଲାକୁ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ଏହା ଚୁକ୍ତି ସମୟରେ ବାୟୁସେନା ମୁଖ୍ୟ ଥିବା ଏୟାର ଚିଫ୍ ମାର୍ଶାଲ୍ ଏସ୍ ପି ତ୍ୟାଗୀ ଏବଂ ଅନ୍ୟ କେତେକଙ୍କୁ ଜେଲ ଯିବାକୁ ପଡ଼ିଥିଲା।

ଏପ୍‌ଷ୍ଟିନ ଫାଇଲ: ହଜାରେ ଥର ଆସିଛି ନରୱେ ରାଜକୁମାରୀଙ୍କ ନାମ

ୱାଶିଂଟନ, ୩।୨ (ଏଜେନ୍ସି): ନରୱେ ରାଜକୁମାରୀ ମେଟେ-ମାରିଟ ଏବଂ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ ମଧ୍ୟରେ ଥିବା ସମ୍ପର୍କକୁ ନେଇ ବିବାଦ ଆରମ୍ଭ ହୋଇଛି। ଗତ ୩୦ ତାରିଖରେ ଆମେରିକା ଜାରି କରଥିବା ଏପଷ୍ଟିନ ଫାଇଲରେ ମେଟେଙ୍କ ନାମ ହଜାରେରୁ ଅଧିକ ଥର ରହିଛି। ରିପୋର୍ଟ ଅନୁଯାୟୀ, ଏହି ଫାଇଲରେ ୨୦୧୧ରୁ ୨୦୧୪ ମଧ୍ୟରେ ଏପଷ୍ଟିନ ଏବଂ ମେଟେଙ୍କ ମଧ୍ୟରେ କରାଯାଇଥିବା ଅନେକ ଇମେଲ ରହିଛି। ଏକ ମେଲ୍‌ରେ ଏପଷ୍ଟିନ କହୁଛି ଯେ ସେ ମେଟେଙ୍କୁ ବିବାହ କରିବାକୁ ଚାହୁଁଛି ଏବଂ ପତ୍ନୀ ସନ୍ଧାନରେ ପ୍ୟାରିସ ଆସିଛି। ସେ ଅବୈଧ ସମ୍ପର୍କ ରଖିବାକୁ ମଧ୍ୟ ଇଚ୍ଛା ପ୍ରକଟ କରିଥିଲା। ସ୍କାଣ୍ଡିନେଭିଆଇ ମହିଳା ବହୁତ ଭଲ ହୋଇଥାନ୍ତି ବୋଲି କହିଥିଲା। ଜବାବରେ ମେଟେ କହିଥିଲେ ଯେ ପତ୍ନୀ ସନ୍ଧାନ କରୁଥିବା ବିଶ୍ୱାସ ହେଉ ନାହିଁ। ରାଜକୁମାରୀ ତିନି ଥର ଏପଷ୍ଟିନଙ୍କୁ ଭେଟିଥିଲେ। ଏହି ସମ୍ପର୍କକୁ ନେଇ ସେ ଲଜ୍ଜିତ ବୋଲି କହିଛନ୍ତି।

ଇରାନରେ ଲଜ୍ଜା: ମହିଳା ବିକ୍ଷୋଭକାରୀଙ୍କୁ ଦୁଷ୍କର୍ମ କରି ମାରିଦେଲେ

ତେହରାନ, ୩।୨ (ଏଜେନ୍ସି): ଇରାନରେ ଚାଲିଥିବା ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଚପାଇବା ପାଇଁ ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇ ବର୍ବରତାର ସମସ୍ତ ସୀମା ଟପି ଯାଇଛନ୍ତି। ସେ ଭଡ଼ାଟିଆ ସେନା ଲଗାଇ ନିଜ ଦେଶର ଲୋକଙ୍କୁ ମାରିଛନ୍ତି। ମହିଳା ବିକ୍ଷୋଭକାରୀଙ୍କ ସହ ଅମାନବିକ କାର୍ଯ୍ୟ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନରେ ସାମିଲ ମହିଳାଙ୍କୁ ଦୁଷ୍କର୍ମ କରାଯାଇଛି। ଅନେକଙ୍କୁ ବିକଳାଙ୍ଗ କରିଦିଆଯାଉଛି। ହଜାର ହଜାର ମହିଳାଙ୍କ ଗର୍ଭାଶୟ ଏବଂ ଚର୍ମ ଟାଣି ବାହାର କରାଯାଇଛି। ଏହାର ପ୍ରମାଣ ଲୁଚାଇବା ପାଇଁ ହତ୍ୟା ପରେ ମହିଳାଙ୍କ ମୃତଦେହକୁ ପୋଡ଼ି ଦିଆଯାଇଛି। ଆନ୍ଦୋଳନକାରୀଙ୍କ ମନରେ ଭୟ ସୃଷ୍ଟି କରିବାକୁ ଏଭଳି କାଣ୍ଡ ଘଟାଯାଇଛି। ଇରାନୀ-ଜର୍ମାନୀ ସାମ୍ବାଦିକ ମିସେଲ ଅବ୍‌ଦୋଲାହି ଏହି ଦାବି କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସେ ଏହି ସୂଚନା ପାଇଥିବା କହିଛନ୍ତି।

ମିସେଲ କହିଛନ୍ତି ଯେ ଗିରଫ ହୋଇଥିବା ମହିଳାଙ୍କୁ ବଳାତ୍କାର କରାଯାଇଛି। ସେମାନଙ୍କ ଗର୍ଭାଶୟ କାଢ଼ି ମୁଣ୍ଡର କେଶ ସହିତ ଶରୀର ଚର୍ମକୁ କାଢ଼ି ଦିଆଯାଇଛି।

ସିଗାରେଟ୍ ଚେଙ୍କ ଲଗାଇ ଛାଡ଼ି ଦିଆଯାଉଥାଏ। ବହୁତ କମ୍ ମହିଳାଙ୍କ ମୃତଦେହ ଫେରା ଯାଉଥିଲା। ନିର୍ଯାତନାର ଚିହ୍ନ ଲୁଚାଇବା ଅଧିକାଂଶ ମୃତଦେହ ପୋଡ଼ା ଯାଉଥିଲା। ଅବଦୋଲ୍ଲାହି ଅଭିଯୋଗ କରିଛନ୍ତି ଯେ ଖାମନେଇଙ୍କ ନେତୃତ୍ୱରେ ଇରାନ ନିଜ ଲୋକଙ୍କ ବିରୁଦ୍ଧରେ ଦୁଷ୍କର୍ମକୁ ଅସ୍ତ୍ର ଭାବରେ ବ୍ୟବହାର କରୁଛି। ଏପରିକି ଶିଶୁ ମଧ୍ୟ ହିଂସାର ଶିକାର ହେଉଛନ୍ତି। ଜର୍ମାନ ଖବରକାଗଜ ଡାଏ ୱେଲ୍ଟ ମଧ୍ୟ ପ୍ରତ୍ୟକ୍ଷଦର୍ଶୀଙ୍କ ଆଧାରରେ ସମାନ ଦାବି କରିଛି। ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ଆହତ ମହିଳାଙ୍କୁ ଅଳିଆ ଗାଡ଼ିରେ ଭର୍ତ୍ତି କରାଯାଇଥିଲା। ଏବେ ମାରିବୁ ନାହିଁ, ପ୍ରଥମେ ଦୁଷ୍କର୍ମ କରିବୁ ବୋଲି କୁହାଯାଇଥିଲା। ଏହା ବ୍ୟତୀତ ଇରାନରେ ଅଟକ ବିକ୍ଷୋଭକାରୀଙ୍କୁ ଜୋର ଜବରଦସ୍ତି ଉଲଗ୍ନ କରାଯାଇଥିଲା। ସେମାନଙ୍କୁ ଅଜଣା ଇଞ୍ଜେକ୍ସନ ଦିଆଯାଇଥିଲା। ଗାର୍ଡିଆନ୍ ଖବରକାଗଜ ରିପୋର୍ଟରେ କୁହାଯାଇଛି ଯେ କେରମାନଶାହ ସହରରେ ଜଣେ ୧୬ ବର୍ଷୀୟା ଝିଅ ସମେତ ଅନେକ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ଦିଆଯାଇଛି। ଏଠାରେ ସୁରକ୍ଷା ବାହିନୀ ମହିଳାଙ୍କ ଶରୀରକୁ ସ୍ପର୍ଶ କରିଥିଲା ଏବଂ ମାଡ଼ ମାରିଥିଲା। ସୂଚନାଯୋଗ୍ୟ ଯେ ଡିସେମ୍ବର ୨୮ ରୁ ଇରାନରେ ଆରମ୍ଭ ହୋଇଥିବା ହିଂସା ଜାନୁଆରୀ ୧୫ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ୫ ହଜାରରୁ ଅଧିକ ବିକ୍ଷୋଭକାରୀଙ୍କ ଜୀବନ ଯାଇଛି। ଦେଶରେ ଦରଦାମ ବୃଦ୍ଧିକୁ ବିରୋଧ କରି ଏହି ହିଂସା ସୃଷ୍ଟି ହୋଇଥିଲା। ଇରାନୀ ମୁଦ୍ରା ରିଆଲ ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା। ଚା ଏବଂ ରୁଟି ଭଳି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକ ମଧ୍ୟ ବହୁତ ମହଙ୍ଗା ହୋଇଗଲା।

■ ହାଇକୋର୍ଟରେ ଜବାବ ଦାଖଲ କଲେ ସରକାର

ଅନୁମୋଦନ ମିଳିଛି, ଖୁବ୍‌ଶୀଘ୍ର ବିଜ୍ଞପ୍ତି

କଟକ, ୩।୨ (ସମିସ): ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ସଂକ୍ରାନ୍ତରେ ରାଜ୍ୟ ସରକାର ଖୁବ୍‌ଶୀଘ୍ର ବିଜ୍ଞପ୍ତି ଜାରି କରିବେ । ବିଭିନ୍ନ ବିଭାଗରୁ ମିଳିଥିବା ମତାମତ ଆଧାରରେ ଉଚ୍ଚସ୍ତରୀୟ କମିଟିର ପ୍ରସ୍ତାବକୁ ସରକାର ଅନୁମୋଦନ କରିଛନ୍ତି ବୋଲି ରାଜ୍ୟ ସରକାର ଆଜି ହାଇକୋର୍ଟରେ ଜବାବ ରଖିଛନ୍ତି । ତେବେ ଏହାର ସାନି ସ୍ଥିତି ସମ୍ପର୍କରେ ପରବର୍ତ୍ତୀ ଶୁଣାଣି ସମୟରେ ଜଣାଇବାକୁ ଆଜି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଆଇନଜୀବୀ ଡକ୍ଟର କହ୍ନେୟାଲାଲ୍ ଶର୍ମାଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରାଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଫେବୃଆରି ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ ।

ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ପ୍ରସଙ୍ଗ

ମାମଲା ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟରେ ଜବାବ ଦାଖଲ କରାଯାଇ କୁହାଯାଇଥିଲା ଯେ ସୁପ୍ରିମକୋର୍ଟଙ୍କ ୨୦୨୩ ଜାନୁଆରି ୨୪ର ନିର୍ଦ୍ଦେଶ ଅନୁସାରେ ସେହିବର୍ଷ ସେପ୍ଟେମ୍ବର ୭ରେ ଏକ କମିଟି ଗଠନ କରାଯାଇଥିଲା । ଏହି କମିଟିର ପୁନର୍ଗଠନ କରାଯିବା ନେଇ ଗତ ୨୦୨୫ ଏପ୍ରିଲ ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ କମିଟିର ବୈଠକ ଇତି ମଧ୍ୟରେ ଅନୁଷ୍ଠିତ ହୋଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କମିଟିର ଚିଠା ପ୍ରସ୍ତାବ ଉପରେ ଆଇନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ସମେତ ବିଭିନ୍ନ ବିଭାଗରୁ ମତାମତକୁ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଅନୁଧ୍ୟାନ କରି ସରକାରଙ୍କୁ ପଠାଇଥିଲା । ସରକାର ଏହାକୁ ଅନୁମୋଦନ କରିଛନ୍ତି ଓ ଖୁବ୍‌ଶୀଘ୍ର ବିଜ୍ଞପ୍ତି ଜାରି କରିବାକୁ ଯାଉଛନ୍ତି ବୋଲି ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି ।

ମାମଲାରୁ ପ୍ରକାଶ ଯେ ଯଦି କୌଣସି ରୋଗରୁ ବ୍ୟକ୍ତି ଆରୋଗ୍ୟ ହେବାର ସମ୍ଭାବନା ନଥାଏ ତେବେ ସେ ନିଜ ଇଚ୍ଛା ଅନୁସାରେ ଜୀବନ ଯେପରି ତ୍ୟାଗ କରିପାରିବେ, ସେଥିପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଇନଗତ ବ୍ୟବସ୍ଥା ହେବା ଉଚିତ । କୌଣସି ଦୁରାରୋଗ୍ୟରେ ପୀଡ଼ିତଙ୍କ ଇଚ୍ଛାକୁ ସମ୍ମାନ ଦେଇ ତାଙ୍କୁ ପ୍ରଦାନ କରାଯାଉଥିବା ଚିକିତ୍ସା ବନ୍ଦପୂର୍ବକ ମୃତ୍ୟୁ ପାଇଁ ପଥ ପରିଷ୍କାର କରାଯାଇପାରିବ । ସୁପ୍ରିମକୋର୍ଟଙ୍କ ଏ ସମ୍ପର୍କିତ ଏକ ଆଦେଶନାମା ରହିଥିବା ବେଳେ ରାଜ୍ୟରେ ଏହା କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପାର୍ଥ ମୁଖାର୍ଜୀ ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି ।

ମା' ତାରାତାରିଣୀଙ୍କ ପୀଠରୁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ଶୁଭାରମ୍ଭ

ଝିଅମାନେ ବୋଝ ନୁହନ୍ତି, ଭଗବାନଙ୍କ ଆଶୀର୍ବାଦ: ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର, ୩।୨(ସମିସ): ଝିଅମାନେ ବୋଝ ନୁହନ୍ତି, ଭଗବାନଙ୍କ ଆଶୀର୍ବାଦ । 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' କେବଳ ଏକ ଜନମଙ୍ଗଳକାରୀ ଯୋଜନା ନୁହେଁ, ଏହା ସାମାଜିକ ସୁରକ୍ଷାକୁ ମଜଭୁତ୍ କରିବାକୁ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ । ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର

୨୦୧ ବିବାହ ସମ୍ପନ୍ନ

ଶୁଭାରମ୍ଭ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି । ଏହି ଅବସରରେ ମା'ଙ୍କ ପୀଠରେ ୨୦୧ଜଣ କନ୍ୟାଙ୍କ ଶୁଭବିବାହ ସମ୍ପନ୍ନ ହୋଇଛି । ମୁଖ୍ୟମନ୍ତ୍ରୀ ନିଜେ ଉପସ୍ଥିତ ରହି ବିବାହ ମଣ୍ଡପରେ କର୍ତ୍ତା ଭାବେ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କ ଉପରେ ବିବାହର ଆର୍ଥିକ ଭାର ଲାଘବ କରିବା ସହ ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବା ପୁନଃ ବିବାହକୁ ଉତ୍ସାହିତ କରିବା, ଯୌତୁକ ପ୍ରଥାକୁ ନିବାରଣ କରିବା ଦିଗରେ ବହୁ ପରିମାଣରେ ସହାୟତା ପ୍ରଦାନ କରିବ । ୨୦୨୫-୨୬ରୁ ୨୦୨୯-୩୦ ମସିହା ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଏହା କାର୍ଯ୍ୟକାରୀ କରାଯିବ । ଏଥିପାଇଁ ବଜେଟ୍‌ରେ ୫୯ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଥିବା ଶ୍ରୀ ମାଝୀ ସୂଚନା ଦେଇଛନ୍ତି ।

ଆଜିଠାରୁ ଆରମ୍ଭ ହୋଇଥିବା ଏହି ମାଙ୍ଗଳିକ ଯୋଜନାରେ ସାମିଲ ହେବାକୁ କନ୍ୟାର ବୟସ ୧୮ରୁ୩୫ ବର୍ଷ ଏବଂ ବରର ବୟସ ୨୧ରୁ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ଏହାସହ ଉଭୟ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବା ଜରୁରୀ । ଏହି ଯୋଜନାରେ ଯୋଗ୍ୟ କନ୍ୟାଙ୍କୁ ୬୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି । କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ୪୫ ହଜାର ଏବଂ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଉଛି । ଯୋଗ୍ୟ ଦମ୍ପତିମାନଙ୍କୁ ଜିଲ୍ଲା/ବ୍ଲକ ସ୍ତରରୁ ଚୟନ କରାଯାଇଛି ।

ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନବଦମ୍ପତିଙ୍କୁ ଅଭିନନ୍ଦନ ଜଣାଇ ଏହି ମହତ୍ତ୍ୱାକାଂକ୍ଷୀ ସରକାରୀ ଯୋଜନା ମୁଖ୍ୟମନ୍ତ୍ରୀଙ୍କ ମାନସ ପ୍ରସୂତ ଯୋଜନା ବୋଲି କହିଥିଲେ । ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଞ୍ଜାମ ଜିଲ୍ଲାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନାରୀମାନଙ୍କୁ ସମ୍ମାନ ଦେବାରେ ମୋହନ ସରକାର ସର୍ବଦା ଅଗ୍ରାଧିକାର ଦେଇ ଆସିଥିବା କହିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବିଧାୟକ କେ. ଅନିଲ କୁମାର, ବିଧାୟକ ସରୋଜ କୁମାର ପାଢ଼ୀ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଧାୟକ ନୀଳମଣି ବିଷୋୟୀ ଓ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ପ୍ରମୁଖ ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ ।

ଚାନ୍ଦବାଲିରେ ପୁଣି କଙ୍ଗାରୁକୋର୍ଟ

ବାଂଲାଦେଶୀ ସନ୍ଦେହରେ ନାବାଳକକୁ ନିସ୍ତୁକ ମାଡ଼

ଭଦ୍ରକ, ୩।୨ (ସମିସ):ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ବାଂଶଡ଼ା ଥାନା ଅଞ୍ଚଳରେ ପୁଣି କଙ୍ଗାରୁକୋର୍ଟ ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ବାଂଲାଦେଶୀ ସନ୍ଦେହରେ ଜଣେ ମାନସିକ ବିକାରଗ୍ରସ୍ତ ନାବାଳକକୁ ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ମରାଯାଇଛି । ଏହାର ଏକ ଭିଡିଓ ଭାଇରାଲ ହେବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି ।

ସୂଚନା ମୁତାବକ, ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଭୂଇଁବୃତ୍ତି ପଞ୍ଚାୟତର ଅମୂଲ୍ୟ ସେଠୀଙ୍କ ନାବାଳକ ପୁଅ ସାର୍ଥକ ଜଣେ ମାନସିକ ବିକାରଗ୍ରସ୍ତ । ୨ ଦିନ ତଳେ ସେ କୁଆଡ଼େ ନିଖୋଜ ହୋଇଯାଇଥିଲେ । ବାଟ ଭୁଲି ମଉସୁଧା ପଞ୍ଚାୟତ ହରିପୁର ଗାଁକୁ ଚାଲିଯାଇଥିଲା । ରାତିରେ ସେ ଗାଁ ଦାଣ୍ଡରେ ବୁଲୁଥିବା ଦେଖି କିଛି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା । ସେମାନେ ତାକୁ ବାଂଲାଦେଶୀ ସନ୍ଦେହରେ ଗାଁ ଦାଣ୍ଡରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିବା ସହ ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୁଲିସ ପହଞ୍ଚି ନାବାଳକକୁ ଉଦ୍ଧାର କରି ଅନ୍ୟତ୍ର

ଛାଡ଼ି ଦେଇଥିଲା । ଗୁରୁତର ନାବାଳକକୁ ଚିକିତ୍ସା କରାଇବା ପରିବର୍ତ୍ତେ ଅନ୍ୟତ୍ର ଛାଡ଼ିଦେବା ଏବଂ ଆକ୍ରମଣକାରୀଙ୍କ ନାମରେ

■ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଲେ
■ ପୁଲିସର ଭୂମିକା ଉପରେ ପ୍ରଶ୍ନବାଚୀ

ମାମଲା ରୁଜୁ ନ କରିବା ଘଟଣାକୁ ଅଞ୍ଚଳବାସୀ ହଜମ କରିପାରୁନାହାନ୍ତି । ପୁଲିସର କାର୍ଯ୍ୟଦକ୍ଷତା ଓ ଭୂମିକା ଉପରେ ସେମାନେ ସନ୍ଦେହ ପ୍ରକଟ କରିଛନ୍ତି । ତେବେ ଚାପ ପଡ଼ିବାରୁ ବାଂଶଡ଼ା ପୁଲିସ କୁଣି ଉକ୍ତ ନାବାଳକକୁ ଖୋଜିଥିଲା । ତିହିଡ଼ି ବ୍ଲକ୍ ପୀରହାଟ ଅଞ୍ଚଳରୁ ଉକ୍ତ ନାବାଳକକୁ ଉଦ୍ଧାର କରି ପ୍ରଥମେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାକୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଏହି ଘଟଣାରେ ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ସାହୁଙ୍କ ହସ୍ତକ୍ଷେପ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ମାତ୍ର ରିପୋର୍ଟ ଲେଖା ହେବା ବେଳକୁ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ ।

ଡିଆରଡିଓ ପକ୍ଷରୁ ଏସଏଫ୍‌ଡିଆର୍‌ର ସଫଳ ପରୀକ୍ଷା

ବାଲେଶ୍ୱର,୩।୨ (ସମିସ): ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ(ଡିଆର୍‌ଡିଓ) ପକ୍ଷରୁ କଠିନ ଇନ୍ଧନଯୁକ୍ତ ରାମଜେଟ୍ ଜ୍ଞାନକୌଶଳ (ସଲିଡ୍ ଫୁଏଲ ଡକ୍ଟେଡ୍ ରାମଜେଟ୍, ଏସଏଫଡିଆର) ଇଞ୍ଜିନର କାର୍ଯ୍ୟଦକ୍ଷତା ପ୍ରଦର୍ଶିତ ହୋଇଛି । ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ଠାରେ ଆଜି ସକାଳ ୧୦ଟା ୪୫ରେ ସଫଳତାର ସହ ଏହା ପ୍ରଦର୍ଶିତ ହୋଇଥିଲା । ଏହି ସଫଳ ପ୍ରଦର୍ଶନ ପରେ, ଶତ୍ରୁପକ୍ଷଠାରୁ ଅଧିକ ଦକ୍ଷତାସମ୍ପନ୍ନ ଲମ୍ବ ଦୂରଗାମୀ ଆକାଶରୁ ଆକାଶକୁ ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ର ବିକାଶ ନିମିତ୍ତ ଜ୍ଞାନକୌଶଳ ହାସଲକାରୀ ପ୍ରମୁଖ ଦେଶମାନଙ୍କ ମଧ୍ୟରେ ଭାରତ ସାମିଲ ହୋଇଯିବ ବୋଲି ଡିଆରଡିଓ ପକ୍ଷରୁ ଜାରି ପ୍ରେସ୍ ବିବୃତିରେ କୁହାଯାଇଛି । ପ୍ରତିରକ୍ଷା ଅନୁସନ୍ଧାନ ଓ ଉନ୍ନୟନ ଗବେଷଣାଗର (ଡିଆରଡିଏଲ), ଉଚ୍ଚ ଶକ୍ତି ସାମଗ୍ରୀ ଅନୁସନ୍ଧାନ ଗବେଷଣାଗାର (ଏଚଇଏମଆରଏଲ), ହାଇଦ୍ରାବାଦର ଅନୁସନ୍ଧାନ କେନ୍ଦ୍ର ଭବନ (ଆରସିଆଇ) ଏବଂ ଆଇଟିଆର ପ୍ରଭୃତି ଡିଆରଡିଓର ବିଭିନ୍ନ ଗବେଷଣାଗାରର ବରିଷ୍ଠ ବୈଜ୍ଞାନିକମାନେ ଏହି ପ୍ରଦର୍ଶନକୁ ଅନୁଧ୍ୟାନ କରିଥିଲେ । ଏସଏଫ୍‌ଡିଆର ଜ୍ଞାନକୌଶଳର ସଫଳ ପ୍ରଦର୍ଶନ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ ସହ ଅନ୍ୟାନ୍ୟ ସଂସ୍ଥାଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି । ସେହିପରି ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ବିଭାଗ ସଚିବ ତଥା ଡିଆର୍‌ଡିଓର ଚେୟାର୍‌ମ୍ୟାନ୍ ଡ. ସମୀର ଭି କାମତ ଏହି ପ୍ରଦର୍ଶନରେ ଜଡ଼ିତ ସମସ୍ତ ସଂସ୍ଥାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

୨୪ ବର୍ଷର ନ୍ୟାୟିକ ଲଢ଼େଇ ପରେ ହାଇକୋର୍ଟରୁ ମିଳିଲା ନ୍ୟାୟ

ନିଯୁକ୍ତି ଆଶାୟୀଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

କଟକ, ୩।୨ (ସମିସ): ଦୀର୍ଘ ୨୪ବର୍ଷର ନ୍ୟାୟିକ ଲଢ଼େଇ ପରେ ଶେଷରେ ଜଣେ ନିଯୁକ୍ତି ଆଶାୟୀଙ୍କୁ ହାଇକୋର୍ଟରୁ ନ୍ୟାୟ ମିଳିଛି । ଆବେଦନକାରୀଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବା ସମ୍ବଲପୁର ଜିଲ୍ଲା ପ୍ରଶାସନକୁ କଡ଼ା ସମାଲୋଚନା କରିବା ସହ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୁଧାଂଶୁ ନନ୍ଦଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତକ୍ରିଷ୍ଣା ଶ୍ରୀପଦ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆବେଦନକାରୀଙ୍କୁ ୬ସପ୍ତାହ ମଧ୍ୟରେ ଜିଲ୍ଲାପାଳ ୫ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବେ । ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଅର୍ଥ ପ୍ରଦାନ କରାନଯାଏ, ତେବେ ପ୍ରତିଦିନ ପାଇଁ ୫୦୦ ଟଙ୍କା ଅତିରିକ୍ତ ଜରିମାନା ଦେବାକୁ ପଡ଼ିବ । ଏହି ଅତିରିକ୍ତ ଜରିମାନା ଅର୍ଥ ଦୋଷୀ କର୍ମଚାରୀଙ୍କ ଦରମାରୁ ବ୍ୟକ୍ତିଗତ ଭାବେ ଆଦାୟ କରାଯାଇପାରିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ ୧୯୯୯ମସିହାରେ ସୁଧାଂଶୁ ନନ୍ଦ ଡ୍ରାଇଭର୍ ପଦବୀ ପାଇଁ ସାକ୍ଷାତକାର ଦେଇ ଚୟନ ତାଲିକାର ୩ୟ ସ୍ଥାନରେ ଥିଲେ । ତାଙ୍କୁ ନିଯୁକ୍ତିପତ୍ର ମଧ୍ୟ ଜାରି କରାଯାଇଥିଲା । କିନ୍ତୁ କୌଣସି ପୋଷ୍ଟିଂ ଦିଆଯାଇନଥିଲା । ଏହା ବିରୋଧରେ ସେ ୨୦୦୨ରେ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ । ସେଠାରେ ତାଙ୍କ ସପକ୍ଷରେ ରାୟ ଆସିଥିଲା । ଏହି ନିର୍ଦ୍ଦେଶ ପାଳନ ନହେବାରୁ ସେ ୨୦୦୩ରେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ । ହେଲେ ଟ୍ରିବ୍ୟୁନାଲ ଏହି ମାମଲାକୁ ୧୫ ବର୍ଷ ଧରି ଚଳାଇବା ପରେ ୨୦୧୭ରେ ଏହାକୁ ଖାରଜ କରିଦେଇଥିଲେ । ପରେ ସେ ଏହା ବିରୋଧରେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ । ଏକ ଅଦାଲତ ଅବମାନନା ମାମଲାକୁ ସମାଧାନ କରିବା ପାଇଁ ୧୫ ବର୍ଷ ସମୟ ଲାଗିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବିଷୟ । ଏହି ସମୟ ମଧ୍ୟରେ ଆବେଦନକାରୀ ନୂତନ ନିଯୁକ୍ତି ପାଇଁ ବୟସସୀମା ଅତିକ୍ରମ କରିସାରିଛନ୍ତି । ଯେହେତୁ ୨୦୧୫ରୁ ଗାଡ଼ିଗୁଡ଼ିକ ଆଉଟ୍‌ସୋର୍ସିରେ ଚାଲୁଛି ଏବଂ ନିଯୁକ୍ତି ଦେବା ସମ୍ଭବ ହେଉ ନଥିବାରୁ ହାଇକୋର୍ଟ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ।

ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଓଡ଼ିଶା କାହିଁ: ସସ୍ମିତ

ଭୁବନେଶ୍ୱର,୩।୨(ସମିସ): ସଂସଦରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ କେନ୍ଦ୍ର ଅବହେଳା ବିରୋଧରେ ରାଜ୍ୟସଭାରେ ବର୍ଷିଛନ୍ତି ବିଜେଡି ସାଂସଦ ସସ୍ମିତ୍ ପାତ୍ର । ସେ କହିଛନ୍ତି ଯେ ମହାନଦୀ, ପୋଲାଭରମ କ୍ଷେତ୍ରରେ ଟ୍ରିପଲ ଇଞ୍ଜିନ ସରକାରଙ୍କ ଉଦାସୀନତା, ରାଜ୍ୟରେ ଚାଷୀ ହନ୍ତସନ୍ତ, ଯୋଗାଯୋଗ କ୍ଷେତ୍ରରେ ଅଣଦେଖାକୁ ନେଇ ସାଂସଦମାନେ କ୍ଷୋଭ ପ୍ରକାଶ କରି ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଓଡ଼ିଶା କାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି ।

ଆଲୋଚନାରେ ଭାଗ ନେଇ ସସ୍ମିତ କହିଛନ୍ତି ଯେ ସଂଘୀୟ ବ୍ୟବସ୍ଥା ସମ୍ପର୍କରେ ଅଭିଭାଷଣରେ କେଉଁଠାରେ ଉଲ୍ଲେଖ ମିଳିଲା ନାହିଁ । ଓଡ଼ିଶା, ଛତିଶଗଡ଼ ଓ ଦିଲ୍ଲୀରେ ଟ୍ରିପଲ ଇଞ୍ଜିନ ସରକାର ଚାଲୁଥିବା ବେଳେ ମହାନଦୀ ପ୍ରସଙ୍ଗ କିନ୍ତୁ ଗୌଣ ହୋଇଗଲା । ପୋଲାଭରମ କ୍ଷେତ୍ରରେ ଟ୍ରିପଲ ଇଞ୍ଜିନ ସରକାର ଓଡ଼ିଶା ପାଇଁ ନ୍ୟାୟ କରିପାରୁନାହାନ୍ତି । ଗତ ୧୧ ବର୍ଷ ହେଲାଣି ବିଜେଡି ସଭାପତି ତଥା ଆମର ନେତା ନବୀନ ପଟ୍ଟନାୟକ ଓଡ଼ିଶା ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି କରି ଆସୁଛନ୍ତି । ମାତ୍ର ଏହି ଅଭିଭାଷଣରେ ସଂଘୀୟ ବ୍ୟବସ୍ଥା ବାବଦରେ ପଦେ ହେଲେ ଶୁଣିବାକୁ ମିଳିଲା ନାହିଁ । ଓଡ଼ିଶାରେ ଏସସି, ଏସଟି, ସଂଖ୍ୟାଲଘୁ ଭାଇ ଭଉଣୀଙ୍କ ଉପରେ ଅତ୍ୟାଚାର ବଢ଼ି ବଢ଼ି ଚାଲିଛି । ୧୦ ବର୍ଷରେ ଓଡ଼ିଶାରେ କାହିଁକି ଉପକୂଳ ରାଜପଥରେ ଖଣ୍ଡିଏ ଇଟା ପଡ଼ିପାରିଲା ନାହିଁ । ଜାତୀୟ ରାଜପଥ, ରେଳ, ଡିଜିଟାଲ ସଂଯୋଗୀକରଣ ସବୁ କ୍ଷେତ୍ରରେ ଓଡ଼ିଶା ପଛୁଆ ରହିଛି । ମୋବାଇଲ ନେଟୱାର୍କ ପାଇଁ ଓଡ଼ିଶାରେ ଲୋକଙ୍କୁ ପାହାଡ଼ ଉପରେ ଚଢ଼ିବାକୁ ପଡୁଛି । ହାଇସ୍ପିଡ ରେଳ କରିଡର ମୁମ୍ବାଇ, ପୁନେ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଦିଲ୍ଲୀ , ଚେନ୍ନାଇ, ବାରଣାସୀ, ସିଲିଗୁଡ଼ିକୁ ଦିଆଗଲା । ଶିଳ୍ପ କରିଡର ଦୁର୍ଗାପୁରକୁ ଦିଆଗଲା । ଜାହଜ ମରାମତି କରିଡର ପାଇଁ ବାରଣାସୀ, ପାଟନାକୁ ଦିଆଗଲା । ମାତ୍ର ଓଡ଼ିଶାରେ ଧାମରା, ପାରାଦୀପ ଥିବାସତ୍ତ୍ୱେ ଏହାକୁ ଉପେକ୍ଷା କରାଗଲା । ଆଦିବାସୀ ଭାଇ ଭଉଣୀଙ୍କ ପାଇଁ ପେସା ଆଇନ କାର୍ଯ୍ୟକାରୀ ହୋଇପାରୁ ନାହି

ସକାଳ
THE SAKALA

୭୨ବର୍ଷୀୟ ବୃଦ୍ଧଙ୍କ ପରିବେଶ ସୁରକ୍ଷା ଚିନ୍ତା

ଉତ୍ତର ପ୍ରଦେଶରୁ ଅନୁଗୋଳ ସାଇକଲ ଯାତ୍ରା

ଅନୁଗୋଳ,୩।୨(ସମିସ): ୭୨ବର୍ଷୀୟ ବୃଦ୍ଧଙ୍କ ପରିବେଶ ଚିନ୍ତା ଏବେ ବେଶ ଚର୍ଚ୍ଚାରେ। ବୃକ୍ଷରୋପଣ ସଚେତନତା ବାର୍ତ୍ତା ସାରା ଦେଶରେ ବାଣ୍ଟିବା ପାଇଁ ସେ ଉଦ୍ୟମ ଆରମ୍ଭ କରିଛନ୍ତି। ସେ ହେଲେ ଉତ୍ତରପ୍ରଦେଶ ବଲିଆ ଜିଲ୍ଲାର ବିନୋଦ ସେବକ। ସେ ଗତ ଜାନୁଆରୀ ୧୯ ତାରିଖରେ ଉତ୍ତରପ୍ରଦେଶର ହାଥଜୌ ଗାଁରୁ ବାହାରିଥିଲେ। ସେଠାରୁ ଓଡ଼ିଶାର କଟକ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନରେ ପହଞ୍ଚିଥିଲେ। ଜାନୁଆରୀ ୨୬ ତାରିଖରେ ଜନ୍ମସ୍ଥାନରୁ ମାଟି ସଂଗ୍ରହ କରିବା ସହ ବୃକ୍ଷରୋପଣ ଓ ସମାନତା ବାର୍ତ୍ତା ବାଣ୍ଟି ଅନୁଗୋଳରେ ପହଞ୍ଚିଥିଲେ। ଅନୁଗୋଳର ତାଳଚେରସ୍ଥିତ ଗୋବରା ଗାଁର ସ୍ୱାଧୀନତା ସଂଗ୍ରାମୀ ବେଣୁଧର ପ୍ରଧାନ ଓ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗ ଦେଇଥିବା ଓ ବର୍ତ୍ତମାନ ଜୀବିତ ଥିବା କଳମଛୁଇଁ ଗାଁର ବଂଶୀଧର ପ୍ରଧାନଙ୍କ ଜନ୍ମଭୂମିରୁ ମାଟି ସଂଗ୍ରହ କରିଥିଲେ। ସାଇକଲ ଯୋଗେ ସେ ସାରା ଭାରତ ଭ୍ରମଣ କରିବାକୁ ଯୋଜନା କରିଥିବାବେଳେ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଏହି ଯାତ୍ରା ସମ୍ପୂର୍ଣ୍ଣ କରିବାର ଯୋଜନା ରଖିଛନ୍ତି। ପୂର୍ବରୁ ସେ କୃଷକ ଆନ୍ଦୋଳନ ଦାବିରେ ସାରା ଭାରତ ଭ୍ରମଣ କରିସାରିଛନ୍ତି ବୋଲି ଜଣାଇଛନ୍ତି।

ରାଇନାଳି ହେମାମୁରା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

କିଶୋରନଗର,୩।୨(ସମିସ): ଆଠମଲ୍ଲିକ ବ୍ଲକ୍ ସାପଘରା ପଞ୍ଚାୟତର ରାଇନାଳି ହେମାମୁରା ଆଶ୍ରମ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସାପଘରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟକୃଷ୍ଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ, ନିଷ୍ଠା ଓ ସଂଯମ ସହ ପଢ଼ାପଢ଼ି କରି ଜୀବନରେ ସଫଳତା ଅର୍ଜନ କରିବାକୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ପାଇକସାହି କ୍ଲଷ୍ଟରର ସିଆର୍‌ସିସି ନୃସିଂହ ଚରଣ ନାୟକ ଯୋଗଦେଇ ପାଠ୍ୟ ଶିକ୍ଷା ସହିତ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଧାମାଧବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜିତ କୁମାର ଖାଡ଼ିଆ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବସନ୍ତ କୁମାର ନାୟକ ଯୋଗଦେଇ ଶିକ୍ଷା ସହ କ୍ରୀଡ଼ା ଓ ଚରିତ୍ର ଗଠନର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ହେମାମୁରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଉତ୍ସବ ଅବସରରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମଞ୍ଚ ପରିଚାଳନା ଘନଶ୍ୟାମ ସାହୁ ଓ ବୈକୁଣ୍ଠନାଥ ପ୍ରଧାନ କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସବିତା ମଞ୍ଜରୀ ପ୍ରଧାନ ସହଯୋଗ କରିଥିଲେ। ଉତ୍ସବକୁ ସଫଳ କରିବାରେ ବିଦ୍ୟାଳୟର କର୍ମଚାରୀ ରାକେଶ ନାୟକ, ସମରେନ୍ଦ୍ର ପ୍ରଧାନ, ପଦ୍ମିନୀ ସାହୁ, ପ୍ରତିଭା ବେହେରା, ସଂଯୁକ୍ତା ନାୟକ ଓ ନୟନୀ ନାୟକ ସହଯୋଗ କରିଥିଲେ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦରମା ଘୋଟାଲା ସୁବ୍ରତଙ୍କ ଛୁଟି ନାମଞ୍ଜୁର

ଅନୁଗୋଳ,୩।୨(ସମିସ): ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ କନିଷ୍ଠ କିରାଣି ସୁବ୍ରତ ବେହେରା କୋଟି କୋଟି ଟଙ୍କାର ଦରମା ଘୋଟାଲାରେ ସଂପୃକ୍ତ ଥିବା ଅଭିଯୋଗ ପରେ ସିଡିଏମ୍‌ଓ ତାଙ୍କୁ ଗତ ଅକ୍ଟୋବର ମାସରେ ନିଲମ୍ବନ କରି ଆଠମଲ୍ଲିକ ହସ୍ପିଟାଲରେ ହାଜିରା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଜି ଅଡିଟ୍ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅଡିଟ୍‌ରୁ ଦରମା ପ୍ରଦାନରେ ଏହି ଘୋଟାଲା ହୋଇଥିବା କଥା ସାମ୍ନାକୁ ଆସିଥିଲା। ଇତିମଧ୍ୟରେ ସୁବ୍ରତ ଆଗୁଆ ଜାମିନ ଆଣି ଆଠମଲ୍ଲିକ ଡାକ୍ତରଖାନାରେ ଗତ ସପ୍ତାହରେ ଯୋଗଦେଇ ପୁଣି ଛୁଟି ବଢ଼ାଇ ଚାଲି ଆସିଥିଲେ। ତେବେ ଏ ପ୍ରସଙ୍ଗରେ ସିଡିଏମ୍‌ଓ ଡା ମଦନମୋହନ ପ୍ରଧାନଙ୍କୁ ପଚାରିବାରୁ ସେ ସୁବ୍ରତଙ୍କ ଛୁଟିକୁ ନାମଞ୍ଜୁର କରାଯାଇଥିବା କହିଛନ୍ତି। ଘଟଣା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିବା ବେଳେ ଚାଲିଥିବା ତଦନ୍ତର ମୋଡ଼ କୁଆଡେ ଯାଉଚି ତାହା ଦେଖିବାକୁ ବାକି ରହିଛି।

ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍; ପତକା ଓ କାଇଁଶିରିପାଲି ବିଜୟୀ

ଅନୁଗୋଳ,୩।୨(ସମିସ): ପିଟିସି ପଡ଼ିଆରେ ଆୟୋଜିତ ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍‌ର ଆଜିର ମ୍ୟାଚ୍‌ରେ ପତକା, ଆଠମଲ୍ଲିକ ୫-୦ ଗୋଲରେ କୁଇଓକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କାଇଁଶିରିପାଲି, ପାଲଲହଡ଼ା ୭-୦ ଗୋଲରେ ବଳରାମପ୍ରସାଦକୁ ପରାସ୍ତ କରିଥିଲା। ଶ୍ରୀମୁଖ ଗଡ଼ନାୟକ ଖେଳ ପରିଚାଳନା କରିଥିଲେ। ଅନୁଗୁଳ ହସ୍ପିଟାଲର ଡା ଅସିତ୍ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଂଘର ସଭାପତି ପବନ ସାହୁ, ସମ୍ପାଦକ ନିଲୁ ସାହୁ, କୋଷାଧ୍ୟକ୍ଷ ବିନୋଦ ସାହୁଙ୍କ ସମେତ ସୌରଜିତ୍ ରାଉତ, ଅଶୋକ ଦାସ, ଲକି ନନ୍ଦ, କୁନା ମୁଖୀ ପ୍ରମୁଖ ଖେଳରେ ସହଯୋଗ କରିଥିଲେ। ବୁଧବାର ପତକା ବନାମ ବଳରାମପ୍ରସାଦ ଏବଂ କୁଇଓ ବନାମ କାଇଁଶିରିପାଲି ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

ପୂର୍ଣ୍ଣ୍ୟ ଉତ୍କଳ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ଅନୁଗୋଳ,୩।୨(ସମିସ): ଜିଲ୍ଲା ପାଠାଗାର ପରିସରରେ ପୂର୍ଣ୍ଣ୍ୟ ଉତ୍କଳ ସାହିତ୍ୟ ସଂସଦର ଅଷ୍ଟମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ଶିକ୍ଷାବିତ୍ ଡା ଧରଣୀଧର ନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅନୁଗୋଳ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ମୁକୁନ୍ଦ ଶତପଥୀ, ସମ୍ମାନିତ ଅତିଥି ରୂପେ ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାଶ, ରମା ମଞ୍ଜରୀ ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱ ସଙ୍କଟରେ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର ଉପରେ ଅତିଥିମାନେ ନିଜସ୍ୱ ମତ ପୋଷଣ କରିଥିଲେ। ଜଳବାୟୁ ପରିବର୍ତ୍ତନ, ଆର୍ଥିକ ଅସମାନତା, ମାନବିକ ମୂଲ୍ୟବୋଧର ଅବକ୍ଷୟ ଆଦି ଘଟୁଥିବା ବେଳେ କବି, କଥାକାର, ଲେଖକମାନେ ସେମାନଙ୍କ କଲମ ଚାଳନା କରିସଙ୍କଟକୁ ଦୂର କରିବାକୁ ଆଗେଇ ଆସନ୍ତୁ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ। ଗୋଲାପନନ୍ଦ ସଭା ପରିଚାଳନା କରିଥିଲେ। ଏହାପରେ ଯଦୁମଣି ସାହୁ ଓ କଳ୍ପନା ବୋଇତିଙ୍କ ପୌରୋହିତ୍ୟରେ ଏକ କବିତାପାଠ ଆୟୋଜିତ ହୋଇଥିଲା। ସମାରୋହରେ ସଂସ୍ଥାର ସ୍ମରଣିକା ପୂର୍ଣ୍ଣ୍ୟ ଉତ୍କଳକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ସତୁରୀରୁ ଊର୍ଦ୍ଧ୍ୱ କବି କବୟିତ୍ରୀ କବିତା ପାଠରେ ଭାଗ ନେଇଥିଲେ। ଏକାଧିକ କବି ସାହିତ୍ୟିକଙ୍କୁ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଥିଲା। ବୈରାଗୀ ମଲ୍ଲିକ, କରୁଣାକର ବାଇ କବିତା ଆସରରେ ସହଯୋଗ କରିଥିଲେ।

ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କାମାକ୍ଷାନଗର,୩।୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍ ମାଳପୁରା ଗ୍ରାମ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ରାଉତଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ଏ ଖବର ପାଇ ତାଙ୍କର ସମସ୍ତ ଭାଇ, ଭଉଣୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପୁତୁରା, ଝିଆରୀ, ଭଣଜା, ଭାଣିଜୀ, ପରିବାର ବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ, ସାଙ୍ଗ-ସାଥୀ, ଛାତ୍ର ଓ ଗ୍ରାମବାସୀ ପହଞ୍ଚି ଯାଇଥିଲେ। ସେ ଜଣେ ସ୍ନେହୀ, କର୍ତ୍ତବ୍ୟନିଷ୍ଠ ସମୟାନୁବର୍ତ୍ତୀ, ସହଯୋଗୀ, ଧର୍ମପରାୟଣ, ନିର୍ମଳଭାବାପନ୍ନ ଦକ୍ଷ ଶିକ୍ଷକ ଥିଲେ। ନିଜର ଶିକ୍ଷକତା ଜୀବନରେ ସେ ଅନେକ ଗରିବ ଛାତ୍ରଙ୍କୁ ସାହାଯ୍ୟ କରିଛନ୍ତି। ତାଙ୍କ ବିୟୋଗରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ବିରାଟ ପଟୁଆରରେ ଗ୍ରାମ୍ୟ ଶଶ୍ମାନକୁ ନିଆଯାଇ ଶବଦାହ କରାଯାଇଥିଲା। ତାଙ୍କର ପୁଅ ମୁଖାଗ୍ନି ଦେଇଥିଲେ।

ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ

ଅନୁଗୋଳ,୩।୨(ସମିସ): ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଅନୁଗୋଳ ପରିସରରେ ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ରେଡ୍‌କ୍ରସ୍ ମୂଳ ଆଦର୍ଶ ସେବା ମନୋଭାବ ଓ ମାନବିକ ମୂଲ୍ୟବୋଧ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ମଧୁସ୍ମିତା ନନ୍ଦ, ଲୋପାମୁଦ୍ରା ପଟ୍ଟନାୟକ, ବିଇଓ ଅଶୋକ କୁମାର ପ୍ରଧାନ, ପ୍ରିୟବ୍ରତ ମାଝୀ, ପ୍ରଧାନଶିକ୍ଷକ ସରକାରୀ ଉଚ୍ଚ ବିଦ୍ୟାଳୟ ଅନୁଗୋଳ ପ୍ରିୟ ରଞ୍ଜନ ପ୍ରଧାନ, ସରକାରୀ ବାଳିକା ବିଦ୍ୟାଳୟ, ଅନୁଗୋଳ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଶିବିରରେ ଆତ୍ମଜ କୁମାର ଗଡ଼ନାୟକ ମଞ୍ଚ ପରିଚାଳନା କରିଥିଲେ, କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିନୋଦ ଦେହୁରୀ ଜୁନିୟର ରେଡ୍‌କ୍ରସ ସମ୍ପାଦକ ତଥା ଡିପିଇଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଶିବିରରେ ଦୁର୍ଯ୍ୟୋଧନ ଗୁରୁ, ରବୀନ୍ଦ୍ର ନାଥ ସାହୁ, ବିଜୟ କୁମାର ସାହୁ, ଦିବ୍ୟରଞ୍ଜନ ମିଶ୍ର, ଅବିନାଶ ସାମଲ ଓ ପ୍ରମୋଦ କୁମାର ଦେହୁରୀ ସାଧନା କର୍ମୀ ଭାବେ ଯୋଗ ଦେଇଥିଲେ।

ସମାଧାନ ଶିକ୍ଷା ନିକେତନର ପ୍ରତିଷ୍ଠା ଦିବସ

କିଶୋରନଗର,୩।୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ୍ ଅଏଡ଼ା ଗ୍ରାମ ପଞ୍ଚାୟତରେ ଅବସ୍ଥିତ ସମାଧାନ ଶିକ୍ଷା ନିକେତନର ପ୍ରତିଷ୍ଠା ଦିବସ ତଥା ନବମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରମେଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର କୁମାର ଲୁହା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ କୁମାର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଟସ ମହାନନ୍ଦିଆ, ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଣ୍ଡିଆ, ସମାଧାନ ସଂଗଠନ ସଭାପତି ସୁଧାଂଶୁ ଶେଖର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ରକ୍ତଦାତା ସଂଘ ସଭାପତି ଶତ୍ରୁଘ୍ନ ସାହୁ, ରବିନାରାୟଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭଞ୍ଜନ କ୍ଷେତୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦ୍ୟାଳୟ ନିର୍ଦ୍ଦେଶକ ବିନୟ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଶ୍ରୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀ, ପରିବହନ ଦାୟିତ୍ୱରେ ଥିବା ଗାଡ଼ି ଚାଳକ, ନାଟ୍ୟ ଗୁରୁ ଏବଂ ବିଦ୍ୟାଳୟ ନିମନ୍ତେ ଜମି ଦାନ କରିଥିବା ରବିନାରାୟଣ ସାହୁ ଓ ପ୍ରତିଭା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କୁନି କୁନି ପିଲାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ସୁବାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଗୁରୁମା ପ୍ରଭାତ ନଳିନୀ କ୍ଷେତୀ, ଭୂମିସୁତା ସାହୁ, ଚିନ୍ମୟୀ କ୍ଷେତୀ, ସସ୍ମିତା ଦେହୁରୀ, ପ୍ରଭାତୀ ବେହେରା ପ୍ରମୁଖ ସମସ୍ତ ସହଯୋଗ କରିଥିଲେ।

ତାଳମଳିହା କୋଡା ସାହିରେ ଅଷ୍ଟପ୍ରହରୀ ନାମ ଯଜ୍ଞ

କିଶୋରନଗର,୩।୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ତାଳମଳିହା କୋଡ଼ାସାହିରେ ନାମ ଯଜ୍ଞ ଅନୁଷ୍ଠିତ ହୋଇଛି। ପ୍ରତ୍ୟୁଷରୁ ରୀତିନୀତି ଅନୁସାରେ ପୂଜା କରି କଳସ ଯାତ୍ରା କରାଯାଇଥିଲା। ପରେ ଯଜ୍ଞସ୍ଥଳରେ କଳସ ସ୍ଥାପନ କରାଯାଇଥିଲା। କର୍ତ୍ତା ଭାବେ ଆକୁଳ ଚନ୍ଦ୍ର ପ୍ରଧାନ ଓ ତାଙ୍କ ପତ୍ନୀ ତିଳୋତ୍ତମା ପ୍ରଧାନ କାର୍ଯ୍ୟ ନିର୍ବାହ କରିଥିଲେ। ପୂଜକଙ୍କ ମନ୍ତ୍ର ପାଠରେ ଗାଁ ପରିବେଶ ଭକ୍ତିମୟ ହୋଇଉଠିଥିଲା। ଏହି ଯଜ୍ଞରେ ବାର ଦଳ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ପୂର୍ଣ୍ଣାହୁତି ସୋମବାର ସମ୍ପନ୍ନ ହୋଇଥିଲା। ସମ୍ପାଦକ ଘାସିନାଥ ବେହେରା, ସଭାପତି ଆକୁଳ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଧୁମ୍‌ଧାମରେ ପାଳିତ ହୋଇଥିଲା।

ଲଜିଷ୍ଟିକ୍ ଦକ୍ଷତା ବିକାଶ ପ୍ରଶିକ୍ଷଣ ଆରମ୍ଭ

ଅନୁଗୋଳ,୩।୨(ସମିସ): ଜିଲ୍ଲାର ଆଶାୟୀ ଯୁବକ ଯୁବତୀଙ୍କ ନିଯୁକ୍ତି ସୁଯୋଗ ପାଇଁ ଅନୁଗୋଳ ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ମାଗଣାରେ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯାଉଛି। ଆଜି ବଁଆରପାଳ ବ୍ଲକ୍ ସଭାଗୃହଠାରେ ପ୍ରଶିକ୍ଷଣ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ନିଯୁକ୍ତି ଆଶାୟୀ ଯୁବକ ଯୁବତୀଙ୍କୁ ଅନୁଗୋଳସ୍ଥିତ ଲଜିଷ୍ଟିକ ଦକ୍ଷତା ବିକାଶ କେନ୍ଦ୍ରଠାରେ ପ୍ରଶିକ୍ଷଣ ଦିଆଯିବ। ଶିଳ୍ପ ଓ ଖଣି ପ୍ରଭାବିତ ଜିଲ୍ଲାର ୫ଟି ବ୍ଲକ୍ ଅଞ୍ଚଳର ନିଯୁକ୍ତି ଆଶାୟୀ ଯୁବକ ଯୁବତୀ ଯୋଗ ଦେଇଥିଲେ। ବିଭିନ୍ନ କମ୍ପାନୀର ଲଜିଷ୍ଟିକ ସେକ୍ଟରରେ ନିଯୁକ୍ତି ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ପ୍ରଶିକ୍ଷଣ ଦିଆଯାଇଛି। ପ୍ରଶିକ୍ଷାର୍ଥୀ ଟ୍ରେନିଂ ଅବଧିରେ ରହିବା, ଖାଇବା ଓ ଆନୁଷଙ୍ଗିକ ପାଠ୍ୟ ଉପକରଣ ସମ୍ପୂର୍ଣ୍ଣ ମାଗଣାରେ ପାଇବେ। ଏହି ଟ୍ରେନିଂ ପର୍ଯ୍ୟାୟକ୍ରମେ ଚାଲିବ। ସେମାନଙ୍କୁ ଆସେସ୍‌ମେଣ୍ଟ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଟ୍ରେନିଂ ପରେ ଇଚ୍ଛୁକ ପ୍ରଶିକ୍ଷଣାର୍ଥୀମାନେ ପସନ୍ଦ ମୁତାବକ ଲଜିଷ୍ଟିକ କମ୍ପାନୀ ଚୟନ କରିବେ। ଡିଏମ୍‌ଏଫ୍‌ର ସ୍କିଲ ଏକ୍ସପୋର୍ଟ ମନୋରଞ୍ଜନ ମୁଦୁଲି, ଟ୍ରେନିଂ ସେଣ୍ଟର ଇନଚାର୍ଜ ତଥା ଦକ୍ଷତା ବିକାଶ ଉପଦେଷ୍ଟା ସ୍ୱର୍ଣ୍ଣଲତା ପାତ୍ରୀ, ପ୍ରଶିକ୍ଷକ ଚିନ୍ମୟୀ ସାମଲ ପ୍ରମୁଖ ଏହି କର୍ମଶାଳାରେ ଯୋଜନାର ବିସ୍ତୃତ ଲାଭ ଉଠାଇବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ।

କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ବଇଣ୍ଡା,୩।୨(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ସାନହୁଲାସ୍ଥିତ ଶ୍ରୀଗଣେଶ ଶିଶୁ ବିଦ୍ୟା ମନ୍ଦିରର ତୃତୀୟ ଶ୍ରେଣୀର ଛାତ୍ର ସୁଦୀପ୍ତ ପ୍ରଧାନ ମେଧାବୃତ୍ତିରେ ସଫଳତା ପାଇଥିବାବେଳେ ତାଙ୍କୁ ମଙ୍ଗଳବାର ଦିନ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟା ବିଜୟିନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସମ୍ପାଦକ ଅରୁଣ କୁମାର ସାହୁ ଯୋଗଦେଇ ଛାତ୍ରଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ମାଳତୀ ବେହେରା, ରଶ୍ମିତା ସାହୁ, ଲକି ପ୍ରଧାନ, ନିବେଦିତା ନାୟକ, ଗୀତା ସାମଲ, ସ୍ୱପ୍ନା ସାଗରିକା ବାରିକ, ଶୁଭକାନ୍ତ ସାହୁ, ଶ୍ରୀପତି ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଅନୁଗୋଳରେ ବିଶାଳ ହିନ୍ଦୁ ସମ୍ମିଳନୀ ୫ରେ

ଅନୁଗୋଳ,୩।୨(ସମିସ): ସ୍ଥାନୀୟ ମାରୱାଡି ପଞ୍ଚାୟତ ଧର୍ମଶାଳାଠାରେ ଆଗାମୀ ହିନ୍ଦୁ ସମ୍ମିଳନୀ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ହିନ୍ଦୁ ସମାଜ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀ ସମ୍ପର୍କରେ ଉପସ୍ଥିତ ସାମ୍ବାଦିକଙ୍କୁ ଆୟୋଜନ ସମିତିର ମୁଖ୍ୟ ସଂଯୋଜକ ଅଶୋକ କୁମାର ଜୈନ, ସହ ସଂଯୋଜକ ଅଭୟ ରାୟ ଓ ଚନ୍ଦ୍ରକାନ୍ତ ଧଳ ଉପସ୍ଥିତ ରହି ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ହିନ୍ଦୁତ୍ୱ ହିଁ ରାଷ୍ଟ୍ରୀୟ ଏହି ମୂଳ ଚିନ୍ତନ ଆଧାରରେ ଦୀର୍ଘ ୧୦୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ରାଷ୍ଟ୍ର କାର୍ଯ୍ୟ କରି ଆସୁଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଏହା ଶତାବ୍ଦୀ ବର୍ଷ ଭାବେ ସର୍ବତ୍ର ପାଳିତ ହେଉଛି। ଭାରତ ମାତାର ପୁତ୍ର ରୂପୀ ସମାଜ ହିନ୍ଦୁ ସମାଜ ସମସ୍ତ ପ୍ରକାର ସଂକୀର୍ଣ୍ଣ ଚିନ୍ତା ଧାରାରୁ ଉପରେ ସମସ୍ତଙ୍କୁ ଆପଣାର କରି ଏକ ସଶକ୍ତ, ସମର୍ଥ ଓ ସମରସତା ପୂର୍ଣ୍ଣ ରାଷ୍ଟ୍ର ନିର୍ମାଣ ପାଇଁ ସଂକଳ୍ପବଦ୍ଧ। ତେଣୁ ଏହି ହିନ୍ଦୁ ସମାଜକୁ ତା'ର ଗୌରବଶାଳୀ ଅତୀତର ପରମ୍ପରା, ବୀରତ୍ୱର ଗାଥା ଓ ବସୁଧୈବ କୁଟୁମ୍ବକଂ ଭାବ ମନେ ପକାଇ ଦେବା ତଥା ଏହି ଶ୍ରେଷ୍ଠ ଭାବନା ନେଇ ଦେଶକୁ ଆଗେଇ ନେବାର କାମ କରିବା ନିମନ୍ତେ ଏହି ବିଶାଳ ହିନ୍ଦୁ ସମ୍ମିଳନୀର ଆୟୋଜନ କରାଯାଇଛି। ବିଭିନ୍ନ ମତ, ପନ୍ଥ, ସାମାଜିକ ଓ ସାଂସ୍କୃତିକ ସଂଗଠନ ତଥା ଜାଗ୍ରତ ହିନ୍ଦୁ ସମାଜର ସକ୍ରିୟ ସହଯୋଗରେ ଆଗାମୀ ୫ ତାରିଖରେ ଅନୁଗୋଳ ନଗରସ୍ଥିତ ଦଶହରା ପଡ଼ିଆଠାରେ ସକାଳ ୯ଟାରୁ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ଶାନ୍ତି ଯଜ୍ଞ, ଗୋମାତା ପୂଜନ, ଜ୍ଞାନ ଯଜ୍ଞ ଓ ଅନ୍ନ ଯଜ୍ଞ ତଥା ପ୍ରବଚନ ଆଦି କାର୍ଯ୍ୟକ୍ରମକୁ ନେଇ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହେବ। ବିଶେଷକରି ସକାଳ ୧୦ ଘଟିକା ସମୟରେ ଶ୍ରଦ୍ଧାଳୁ ହିନ୍ଦୁ ସମାଜ ଓ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନଗର ପରିକ୍ରମା କରାଯିବ। ଏହାପରେ ଗୋମାତା ପୂଜନ ଓ ଯଜ୍ଞ ଅନୁଷ୍ଠିତ ହେବ। ଶେଷରେ ବିଶିଷ୍ଟ ବକ୍ତାଙ୍କ ମାର୍ଗଦର୍ଶନ ପରେ କାର୍ଯ୍ୟକ୍ରମ ସମାପ୍ତ ହେବ। ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ହିନ୍ଦୁ ସମାଜ ଯୋଗଦେଇ ସମ୍ମିଳନୀକୁ ସଫଳ କରିବାକୁ ଆୟୋଜକ ମଣ୍ଡଳୀ ନିବେଦନ କରିଛନ୍ତି।

ଆଠମଲ୍ଲିକ କଲେଜ ଆଲୁମିନି ସଂଘ ଗଠିତ

ଆଠମଲ୍ଲିକ,୩।୨(ସମିସ)

ଦୀର୍ଘଦିନର ପ୍ରତୀକ୍ଷା ପରେ ଗତ ରବିବାର ଅପରାହ୍ଣରେ ଆଠମଲ୍ଲିକ କଲେଜ ସଭାଗୃହଠାରେ ରାଜ୍ୟ ସରକାରଙ୍କ "ଆମ ଗୌରବ, ଆମ କଲେଜ ସଂଗଠନ'ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଲେଜର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଆଲୁମିନି ସଂଗଠନର ସଂଯୋଜକ ତଥା ଅଧ୍ୟାପକ ଗଗନ କୁମାର ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୁମିନି ସଂଗଠନର କାର୍ଯ୍ୟକର୍ତ୍ତା ନିର୍ବାଚନ କରାଯାଇ ସଭାପତି, ଉପସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ସହ ୫ ଜଣ କାର୍ଯ୍ୟନିର୍ବାହୀ ସଭ୍ୟ ଚୟନ କରାଯିବା। ସର୍ବସମ୍ମତି କ୍ରମେ ଆଠମଲ୍ଲିକ ଓକିଲସଂଘ ସଭାପତି ଆଇନଜୀବୀ ସୁଶାନ୍ତ କୁମାର ମହାପାତ୍ରଙ୍କୁ ଆଲୁମିନି ସଂଗଠନର ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ସେହିପରି ସମ୍ପାଦକ ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ମିଶ୍ର, ଉପସଭାପତି ଭାବେ ପୂର୍ବତନ ଛାତ୍ର ସଂସଦ ସଭାପତି ଦେବବ୍ରତ ପ୍ରଧାନ, କୋଷାଧ୍ୟକ୍ଷ ଭାବେ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀଙ୍କୁ ନିର୍ବାଚିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଆଶା କୁମାରୀ ସାହୁ, ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ର, କବିନ୍ଦ୍ର ଦାସ, ପ୍ରଭାସ କୁମାର ମହାନ୍ତି ଓ ଅବିନାଶ ଷଡ଼ଙ୍ଗୀ ନିର୍ବାଚିତ ହୋଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ/ ଅଧ୍ୟାପିକା, କଲେଜ କର୍ମଚାରୀଙ୍କ ସହଯୋଗ, ପୁରାତନ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ସହଯୋଗ ସହ ସମସ୍ତଙ୍କ ପ୍ରଚେଷ୍ଟାରେ ମହାବିଦ୍ୟାଳୟରେ ଥିବା ସମସ୍ୟାକୁ ସୁଧାରିବା ପାଇଁ ଏହି ସଂଗଠନ ସବୁବେଳେ ତତ୍ପର ରହିବ ଓ ଖୁବ୍‌ଶୀଘ୍ର ଅଧିକ ସଂଖ୍ୟାରେ ପୁରାତନ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ କରି ଏକ ବୈଠକ ଅନୁଷ୍ଠିତ ହେବ ବୋଲି ଆଲୁମିନିର ନବ ନିର୍ବାଚିତ ସଭାପତି ଆଇନଜୀବୀ ସୁଶାନ୍ତ କୁମାର ମହାପାତ୍ର ମତ ପ୍ରକାଶ କରିଛନ୍ତି। ଶେଷରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଧାନ ସମସ୍ତ ନିର୍ବାଚିତ ଆଲୁମିନି କର୍ମକର୍ତ୍ତାଙ୍କ ସହ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀ, ମହାବିଦ୍ୟାଳୟ ଅଧ୍ୟାପକ/ଅଧ୍ୟାପିକାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଆଦର୍ଶ ଶିକ୍ଷକଙ୍କ ସ୍ମୃତିସଭା

ରଘୁନାଥପୁର,୩।୨(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ସାଦେଇପୁର ଗ୍ରାମର ଅଧିବାସୀ ତଥା ଆଦର୍ଶ ଶିକ୍ଷକ ଅଲେଖ ଚରଣ ବସ୍ତିଆଙ୍କ ସ୍ମୃତିଚାରଣ ସଭା ତାଙ୍କ ବାସଭବନରେ ସାମାଜିକ କର୍ମୀ ସର୍ବେଶ୍ୱର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀକାନ୍ତ ମିଶ୍ର, ସୁରେଶ ଚନ୍ଦ୍ର ରାଉତ, ସଦାଶିବ ବିଶ୍ୱାଳ, ବନମାଳୀ ମହାରଣା, ଅଲେଖ ବିହାରୀ ସାହୁ, ନୃସିଂହ ଚରଣ ପଣ୍ଡା, ବିଜୟ କୁମାର ବିଶ୍ୱାଳ, ଯଜିନ୍ଦ୍ର ଆଚାର୍ଯ୍ୟ, ବାବାଜୀ ଚରଣ ସାହୁ, ନିର୍ମଳେନ୍ଦୁ ସୋମ, ଦେବାଶିଷ ବେହେରା, ଲକ୍ଷ୍ମୀଧର ବେହେରା, କବିପ୍ରସାଦ ପଣ୍ଡା, ନାରାୟଣ ପଣ୍ଡା ଓ ଅଜୟ ବରାଳ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ, ସାମାଜିକ କର୍ମୀ ବିଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସାଦେଇପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ବଂଶୀଧର ସ୍ୱାଇଁ ଯୋଗଦେଇଥିବା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ମୋବାଇଲ ମେଡିକାଲ ୟୁନିଟ୍‌ର ଶୁଭାରମ୍ଭ

ପାରାଦୀପ,୩।୨(ସମିସ): ପାରାଦୀପ ଉପକଣ୍ଠ ପାରାଦୀପଗଡ଼ ପଞ୍ଚାୟତର ରଙ୍ଗିଆଗଡ଼ ଠାରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍, ପାରାଦୀପ ରିଫାଇନାରୀର ଫ୍ଲାଗସିପ୍ ସିଏସ୍ଆର୍ ପ୍ରକଳ୍ପ 'ଇଣ୍ଡିଆନ୍ ଅଏଲ୍ ଆରୋଗ୍ୟମ୍ ସ୍କିମ୍' ଅଧୀନରେ ମୋବାଇଲ୍ ମେଡିକାଲ୍ ୟୁନିଟ୍‌ର ଉଦଘାଟନ ହୋଇଛି। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ପାରାଦୀପ ରିଫାଇନାରୀର ୟୁନିଟ୍ ହେଡ କୌଶିକ ବସୁଙ୍କ ସମେତ ବହୁ ଅଧିକାରୀ ଏବଂ ଆଇନଜୀବୀ ସଞ୍ଜୟ କୁମାର ବେହେରା ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ୟୁନିଟ୍ଟି ପାରାଦୀପ ବିଧାନସଭା କ୍ଷେତ୍ରର ସମସ୍ତ ଗ୍ରାମକୁ ଯାଇ ଜନସାଧାରଣଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇବା ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବାରେ ସହାୟକ ହେବ ଏବଂ ସ୍ୱାସ୍ଥ୍ୟ ଓ ରୋଗ ପ୍ରତି ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ।

ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ବାଲିଗାଁ ବିଜୟୀ

ନାଉଗାଁ,୩।୨(ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ କାନୁନଗୋସାହି ଗ୍ରାମରେ ଜଙ୍ଗଲୀ ୟୁଥ କ୍ଲବ ଆୟୋଜନରେ ଅନୁଷ୍ଠିତ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ବାଲିଗାଁ ଟିମ୍ ବିଜୟୀ ହୋଇଥିବା ବେଳେ ତିରୁଣା ଟିମ ଉପ ବିଜେତା ହୋଇଥିଲା। ଭିନ୍ନଭିନ୍ନ ଅଞ୍ଚଳରୁ ଆସିଥିବା ୧୬ଟି ଟିମକୁ ନେଇ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ସମାଜସେବୀ ଦୀପ୍ତିରଞ୍ଜନ ଦାସ ଉଦଘାଟନ କରିଥିଲେ। ଉଦଯାପନୀରେ ମୁଖ୍ୟଅତିଥିରୂପେନାଉଗାଁସମବାୟସମିତିରସଭାପତିଅନିଲକୁମାରଲେଙ୍କା, ଯୁବନେତା ଶାଶ୍ୱତନାୟକ, ଛାତ୍ରନେତାସୁନିଲକୁମାରମାଟିଆଯୋଗଦେଇଥିଲେ। ଏହିଟୁର୍ଣ୍ଣାମେଣ୍ଟକୁ ଜଙ୍ଗଲୀ ୟୁଥ କ୍ଲବର ସମସ୍ତ ସଦସ୍ୟ ମାନେ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିଥିଲେ।

ପାରାଦୀପ ବନ୍ଦରକୁ ପ୍ରଥମ ସ୍ୱଚ୍ଛତା ପୁରସ୍କାର

ପାରାଦୀପ, ୩।୨ (ସମିସ): ସ୍ୱଚ୍ଛତା ପକ୍ଷ ପାଳନ କରିବା କ୍ଷେତ୍ରରେ ପାରାଦୀପ ବନ୍ଦରକୁ ମିଳିଛି ସଫଳତା। ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ କରିବାରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ପୁରସ୍କୃତ କରାଯାଇଛି। କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର, ବିଭାଗୀୟ ସଚିବ ବିଜୟ କୁମାରଙ୍କ ଉପସ୍ଥିତିରେ ଏହି ପୁରସ୍କାର ପାରାଦୀପ ବନ୍ଦର ପକ୍ଷରୁ ଅଧ୍ୟକ୍ଷ ପି.ଏଲ୍. ହରନାଦଙ୍କୁ ଗ୍ରହଣ କରିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସମାରୋହରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସ୍ୱଚ୍ଛତା ପକ୍ଷ-୨୦୨୫ ଓ ସ୍ୱଚ୍ଛତା ହିଁ ସେବା-୨୦୨୫ ମାଧ୍ୟମରେ ବନ୍ଦର ସହରକୁ ସ୍ୱଚ୍ଛ ରଖିବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଉଦ୍ୟମ ପ୍ରଶଂସନୀୟ। ଏକ ପେଡ୍ ମାଆ କି ନାମ୍ ୨.୦ କାର୍ଯ୍ୟକ୍ରମ ଅଧୀନରେ ୪୦ହଜାର ବୃକ୍ଷରୋପଣ କରାଯାଇଛି। ପ୍ଲାଷ୍ଟିକ ମୁକ୍ତ ଭାରତ ଅଭିଯାନରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ସଚେତନତା ସୃଷ୍ଟି କାର୍ଯ୍ୟ ସହିତ ରକ୍ତଦାନ ଶିବିର, ପ୍ରଶାସନିକ ଭବନର ନବୀକରଣ କାର୍ଯ୍ୟ ବନ୍ଦର ପ୍ରଶାସନ ପକ୍ଷରୁ କରାଯାଇଛି।

ପ୍ରଶିକ୍ଷଣ ଶିବିରରେ ଅବ୍ୟବସ୍ଥା

ଏବିଇଓଙ୍କୁ ଘେରିଲେ ୧୧ ଜଣ ସିଆର୍‌ସିସି

ଜଗତସିଂହପୁର/ଏରସମା,୩।୨(ସମିସ): ଜଗତସିଂହପୁର ଜିଲ୍ଲାର ଶିକ୍ଷା ବିଭାଗରେ ଅଧିକାରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅଭାବ କାରଣରୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଏକପ୍ରକାର ଭୁଶୁଡି ପଡିଛି। ଯେଉଁ କେତେଜଣ ଅଧିକାରୀ ଅଛନ୍ତି ସେମାନଙ୍କୁ ଏକାଧିକ ଦାୟିତ୍ୱ ନିର୍ବାହ କରିବାକୁ ପଡୁଥିବାରୁ ସେମାନେ ଚାପଗ୍ରସ୍ତ ହେବା ସହିତ ମନମୁଖୀ କାର୍ଯ୍ୟକରି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହେଉଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଏରସମା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ। ଏଠିକାର ବ୍ଲକ ଶିକ୍ଷା ଅଧିକାରୀ ଏକାଥରକେ ତିନିଟି ବ୍ଲକ ସହିତ ଦୁଇଟି ହାଇସ୍କୁଲର ଦାୟିତ୍ୱ ଅଛନ୍ତି। ତେଣୁ ଏବିଇଓ ବ୍ଲକ ଦାୟିତ୍ୱରେ ରହୁଛନ୍ତି। ଏବିଇଓଙ୍କ ବ୍ୟବହାରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠାରୁ ସିଆର୍‌ସିସିମାନଙ୍କ ପର୍ଯ୍ୟନ୍ତ ଅତିଷ୍ଠ ହୋଇପଡ଼ିଲେଣି। ତେଣୁ ୧୧ ଜଣ ସିଆର୍‌ସିସି ଏକତ୍ର ହୋଇ ଆଜି ବ୍ଲକ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ମହିଳା ସିଆର୍‌ସିସିମାନଙ୍କୁ ମାନସିକ ନିର୍ଯାତନା ବିଷୟରେ ମଧ୍ୟ ଅଭିଯୋଗ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁସାରେ ବ୍ଲକର ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ହାଇସ୍କୁଲରେ ପାଞ୍ଚ ଦିନିଆ ଓସିଏଫ୍ ପ୍ରଶିକ୍ଷଣ ଶିବିର ଚାଲିଛି। ଶିବିରରେ ଭାଗ ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଉଦ୍ଦେଶ୍ୟରେ ୧୦୦ଟଙ୍କାର ବ୍ୟବସ୍ଥା କରାଯାଇଛି। ମାତ୍ର ୪୦ଟଙ୍କିଆ ମିଲ୍ ଖୁଆଇବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଢ଼ କିମି ଦୂରକୁ ଯିବାକୁ ପଡୁଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦର ଠାରୁ କମ୍ ଟଙ୍କାରେ କଲମ ଖାତା ଓ ଚାହା ଜଳଖିଆ ନ ଦେଇ ପାଞ୍ଚ ଟଙ୍କା ଚୁଡ଼ା ପକେଟ୍ ଦେବା ଏପରିକି ପ୍ରଶିକ୍ଷକ ଭାବରେ ଯୋଗଦାନ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ତ ଦୂରର କଥା ଶୋଷ ମେଣ୍ଟାଇବାକୁ ପାଣିର ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ଖାଇବା ନାମରେ ଏବିଇଓ ଟୋକନର ବ୍ୟବସ୍ଥା କରି ନିଜକୁ ବିଇଓ ବୋଲି ସ୍ୱାକ୍ଷର କରିବା ସାଧାରଣରେ ଚର୍ଚ୍ଚା ବିଷୟ ପାଲଟିଛି। ଟୋକନ ଧରି ଶିକ୍ଷକ ଶିକ୍ଷୟିତ୍ରୀ ଏରସମା ବଜାରରେ ବୁଲୁଥିବା ପ୍ରଶିକ୍ଷଣ ଶିବିର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶିକ୍ଷଣ ଶିବିର ସପୋର୍ଟିଂ ଷ୍ଟାଫ ଭାବରେ ନିଜ ସମର୍ଥକଙ୍କୁ ଦାୟିତ୍ୱ ଦେବାକୁ ଗୋଟିଏ ଚିଠି ନମ୍ବରରେ ଦୁଇଟି ଚିଠି କରିବାକୁ ବ୍ଲକର ସିଆର୍‌ସିସିମାନେ ସହଜରେ ଗ୍ରହଣ କରିପାରିନାହାନ୍ତି। ସ୍ଥାନୀୟ ସିଆର୍‌ସିସିମାନଙ୍କ ବଦଳରେ ବାହାର କ୍ଲଷ୍ଟରର ସିଆର୍‌ସିସିଙ୍କୁ ପ୍ରଶିକ୍ଷଣ ଶିବିର ସପୋର୍ଟିଂ ଷ୍ଟାଫ ଭାବରେ ଦାୟିତ୍ୱ ଦେବା ସ୍ଥାନୀୟ ସିଆର୍‌ସିସିମାନଙ୍କୁ ଏକ ପ୍ରକାର ଅପମାନିତ କରାଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ସ୍ଥାନୀୟ ସିଆର୍‌ସିସିଙ୍କୁ ଦାୟିତ୍ୱ ନଦେଇ ବାହାର କ୍ଲଷ୍ଟରର ସିଆର୍‌ସିସିଙ୍କୁ ଦାୟିତ୍ୱ ଦିଆଯିବା ଘଟଣା ପଚାରିବାରୁ କୌଣସି ଉତ୍ତର ମିଳିନଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏହି ସମସ୍ତ ବିଷୟରେ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଉକ୍ତ ୧୧ ଜଣ ସିଆର୍‌ସିସି ନିବେଦନ କରିଛନ୍ତି।

ଡାକ୍ତରଙ୍କୁ ବିଧାୟକଙ୍କ ତାଗିଦ

ପ୍ରତିବାଦରେ ଲୋକଙ୍କ ରାସ୍ତାରୋକ

ରଘୁନାଥପୁର,୩।୨(ସମିସ): ରଘୁନାଥପୁର ବ୍ଲକ ତରିକୁନ୍ଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବାକୁ ନେଇ ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ତିର୍ତ୍ତୋଲ ବିଧାୟକ ଡ. ପ୍ରଫେସର ରମାକାନ୍ତ ଭୋଇ ତାଗିଦ ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରତିବାଦ ସ୍ୱରୂପ ଡାକ୍ତରଙ୍କୁ ସମର୍ଥନ କରି ସ୍ଥାନୀୟ ଲୋକେ ଅପରାହ୍ନରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ବିଧାୟକ ଡାକ୍ତରଙ୍କୁ କ୍ଷମା ନ ମାଗିବା ପର୍ଯ୍ୟନ୍ତ ରାସ୍ତାରୁ ଉଠିବେ ନାହିଁ ବୋଲି ଲୋକେ ଅଡ଼ିବସିଥିଲେ। ପୁଲିସ ଆସି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ପ୍ରକାଶ କି ରୋଗୀସେବା ଓ ଔଷଧ ବିତରଣକୁ ନେଇ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବିଧାୟକ ଡ. ଭୋଇଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବିଧାୟକ ଆଜି ସ୍ଥାନୀୟ ସରପଞ୍ଚ ବଳରାମ ସାହୁଙ୍କ ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏ ସମ୍ପର୍କରେ ଡା. ବିପ୍ଳବ ଜେନାଙ୍କ ସହ ଆଲୋଚନା କରି ପୁନର୍ବାର ନ ହେବା ପାଇଁ ତାଙ୍କୁ ତାଗିଦ କରିଥିଲେ। ସେଠାରେ ଥିବା ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ଏହାକୁ ସହ୍ୟ କରିନପାରି ଡାକ୍ତର ଜେନାଙ୍କ ସପକ୍ଷରେ ବାହାରିଥିଲେ। ଡା. ଜେନା ଜଣେ ଭଲ ଡାକ୍ତର ଭାବେ ଅଞ୍ଚଳରେ ପରିଚିତ ଥିବାରୁ ଅପରାହ୍ନରେ ବିଜେପି ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ସୁବୋଧ ବାରିକଙ୍କ ନେତୃତ୍ୱରେ ୫ ଶହ ଜନସାଧାରଣ କଟକ ଜଗତସିଂହପୁର ରାସ୍ତାର ତରିକୁନ୍ଦ ଠାରେ ରାସ୍ତାରୋକ କରିଥିଲେ। ବିଧାୟକ ଡାକ୍ତରଙ୍କୁ କ୍ଷମା ମାଗନ୍ତୁ ବୋଲି ଦାବିକରି ନାରାବାଜି କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରି ରାସ୍ତା ଅବରୋଧ ହଟାଇଥିଲା। ଏ ସମ୍ପର୍କରେ ବିଧାୟକ କୁହନ୍ତି ଯେ ଲୋକଙ୍କ ଅଭିଯୋଗ ପରେ ସେ ଆସି ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଏହାଛଡା ବିଭାଗୀୟ ଶୃଙ୍ଖଳା ରକ୍ଷା ସହ ଔଷଧ ବିତରଣ ନେଇ ପରସ୍ପର ମଧ୍ୟରେ ବାଦବିବାଦ ନକରିବା ପାଇଁ ବିଧାୟକ ତାଗିଦ କରିଥିବା ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ବିଧାୟକତାଙ୍କ ସହ ଆଲୋଚନା କରି ତାଗିଦ କରିଥିବା ସମ୍ପର୍କରେ ଡା. ଜେନା ପ୍ରକାଶ କରିଛନ୍ତି।

ଜିଲ୍ଲା କଂଗ୍ରେସ କମିଟିର ନବକଳେବର

ବାଦ ପଡ଼ିଲେ ପୂର୍ବତନ ପୌରାଧ୍ୟକ୍ଷ

ଜଗତସିଂହପୁର,୩।୨(ସମିସ): ଗତବର୍ଷ ସେପ୍ଟେମ୍ବର ମାସରେ ଯୁବନେତା ଦେବପ୍ରସାଦ ନାୟକ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବେ ଦାୟିତ୍ୱ ନେବା ପରେ ଆଜି ଜିଲ୍ଲା କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତା ଏବଂ ବିଭିନ୍ନ ବ୍ଲକ୍ ଓ ପୌରାଞ୍ଚଳ ସଭାପତିଙ୍କ ନାମ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ୧୧ ଜଣ ଉପସଭାପତି, ୧୧ ଜଣ ସାଧାରଣ ସଂପାଦକ, ୨୧ ଜଣ ସଂପାଦ, ୧୯ ଜଣ କାର୍ଯ୍ୟକାରିଣୀ ସଦସ୍ୟ ଏବଂ ୯ ଜଣ ବରିଷ୍ଠ ନେତାଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ନିଆଯାଇଛି। ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକଙ୍କ ନାମ ଏହି ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ତାଲିକାରେ ରହିଛି। ତେବେ ଜଗତସିଂହପୁର ପୌର ପରିଷଦର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ନାମ ଏହି ତାଲିକାରୁ ବାଦ ଦିଆଯାଇଛି। କେଉଁ କାରଣ ନେଇ ଶ୍ରୀ ଚୌଧୁରୀଙ୍କ ନାମ ବାଦ ଦିଆଯାଇଛି ତାହା ସ୍ପଷ୍ଟ ହୋଇନଥିବା ବେଳେ କିଛିଦିନ ହେବ ଜିଲ୍ଲା କଂଗ୍ରେସର ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁନଥିଲା। ଗତ ୨୦୨୨ ପୌର ନିର୍ବାଚନରେ ଶ୍ରୀ ଚୌଧୁରୀଙ୍କ ନିଜ ୱାର୍ଡ ୧୪ ନମ୍ବରରେ କଂଗ୍ରେସ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ସେହିପରି ଆଜି ଘୋଷଣା ହୋଇଥିବା ବ୍ଲକ୍ ଓ ପୌରାଞ୍ଚଳ ସଭାପତି ତାଲିକାରେ କୁଜଙ୍ଗ ଏବଂ ବାଲିକୁଦା ବ୍ଲକକୁ ଛାଡ଼ି ଅନ୍ୟ ୬ଟି ବ୍ଲକ ଓ ୨ଟି ପୌରାଞ୍ଚଳ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଜଗତସିଂହପୁର ସଦର ବ୍ଲକ୍ କଂଗ୍ରେସ ସଭାପତି ଭାବେ ଜ୍ଞାନରଞ୍ଜନ ପୃଷ୍ଟି, ନାଉଗାଁ ବ୍ଲକ୍ ସଭାପତି ଭାବେ ବିଚିତ୍ରାନନ୍ଦ ଲେଙ୍କା, ତିର୍ତ୍ତୋଲ ବ୍ଲକ୍ ସଭାପତି ଭାବେ ମହମ୍ମଦ ସଫି ଆଜମ୍, ବିରିଡି ବ୍ଲକ୍ ସଭାପତି ଭାବେ ପ୍ରୀୟବ୍ରତ ମିଶ୍ର, ରଘୁନାଥପୁର ବ୍ଲକ ସଭାପତି ଭାବେ ଆର୍ତ୍ତତ୍ରାଣ ପଣ୍ଡା ଏବଂ ଏରସମା ବ୍ଲକ କଂଗ୍ରେସ ସଭାପତି ଭାବେ ପିନାକୀ ନାରାୟଣ ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଜଗତସିଂହପୁର ପୌରାଞ୍ଚଳ କଂଗ୍ରେସ ସଭାପତି ଭାବେ ପ୍ରଶାନ୍ତ ମହାପାତ୍ର ଏବଂ ପାରାଦୀପ ପୌରାଞ୍ଚଳ ସଭାପତି ଭାବେ କେଦାରନାଥ ବିଶ୍ୱାଳଙ୍କୁ ଦାୟିତ୍ୱ ଦିଆଯାଇଛି। ସମସ୍ତ କମିଟି କର୍ମକର୍ତ୍ତା ଏବଂ ସଦସ୍ୟମାନଙ୍କୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକ ଅଭିନନ୍ଦନ ଜଣାଇବା ସହିତ ଏମାନଙ୍କର ବଳିଷ୍ଠ ନେତୃତ୍ୱରେ ଆଗାମୀ ଦିନରେ ସମଗ୍ର ଜିଲ୍ଲାରେ କଂଗ୍ରେସ ସଂଗଠନ ଅଧିକ ବଳଶାଳୀ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି।

ପାରାଦୀପରେ 'ଅମୂଲ୍ୟ'କୁ ସ୍ୱାଗତ



ପାରାଦୀପ,୩।୨(ସମିସ): ଭାରତୀୟ ତଟ ରକ୍ଷକ ବାହିନୀ (ଆଇସିଜି)ରେ ସାମିଲ ହେଲା ଜାହାଜ 'ଅମୂଲ୍ୟ'। ଏ ନେଇ ଆଇସିଜିକୁ ବଳ ଯୋଗାଇବ। ଆଠଟି ଫାଷ୍ଟ ପେଟ୍ରୋଲ୍ ଜାହାଜ ମଧ୍ୟରୁ ଦ୍ୱିତୀୟ ଭାରତୀୟ ତଟରକ୍ଷୀ ଜାହାଜ ଅମୂଲ୍ୟ ମଙ୍ଗଳବାର ପାରାଦୀପରେ ପହଞ୍ଚିଛି। ପୂର୍ବରୁ 'ଅଦମ୍ୟ' ପହଞ୍ଚିଛି ଥିଲା। ଭାରତୀୟ ତଟରକ୍ଷୀ ଜାହାଜ ଅମୂଲ୍ୟକୁ ୧୯ ଡିସେମ୍ବର ୨୫ ତାରିଖରେ ଗୋଆ ବନ୍ଦରରେ ନିୟୋଜିତ କରାଯାଇଥିଲା। ଅମୂଲ୍ୟ ହେଉଛି ୫୧ ମିଟର ଲମ୍ବା। ଯାହାକୁ ଗୋଆ ସିପ୍‌ୟାର୍ଡ ଲିମିଟେଡ୍ ଦ୍ୱାରା ଡିଜାଇନ୍ ଏବଂ ସ୍ୱଦେଶୀ ଭାବରେ ନିର୍ମିତ କରାଯାଇଛି। ଉକ୍ତ ଜାହାଜଟି "ଆତ୍ମନିର୍ଭର ଭାରତ'ର ଏକ ଉପଯୁକ୍ତ ଉଦାହରଣ। ଯେଉଁଥିରେ ୬୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀ ରହିଛି; ଯାହା ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ଅଧୀନରେ ଭାରତର ସାମୁଦ୍ରିକ ଶକ୍ତିକୁ ସୁଦୃଢ଼ କରିଛି। ଅମୂଲ୍ୟ ହେଉଛି ଦ୍ୱିତୀୟ ଜାହାଜ; ଯାହା ସ୍ୱଦେଶୀ ଭାବରେ ବିକଶିତ ଦୁଇଟି ନିୟନ୍ତ୍ରଣ ଯୋଗ୍ୟ ପିଚ୍ ପ୍ରୋପେଲର୍ ଏବଂ ଗିଅର୍ବକ୍ସ ସହିତ ସଜ୍ଜିତ। ସୁସଜ୍ଜିତ ଅସ୍ତ୍ରଶସ୍ତ୍ରରେ ଉଚ୍ଚ କ୍ଷମତା ବିଶିଷ୍ଟ ବନ୍ଧୁକ ଗୋଟିଏ ମିନିଟରେ ୩୫୦ ରାଉଣ୍ଡ ଗୁଳି ଚଳାଇ ପରିବା କ୍ଷମତା ରହିଛି। ଯାହା ସମସ୍ତ ଅଗ୍ନି ନିୟନ୍ତ୍ରଣ ପ୍ରଣାଳୀ ଦ୍ୱାରା ସମର୍ଥିତ। ଅମୂଲ୍ୟ ଓଡ଼ିଶାର ପାରାଦୀପରେ ଅବସ୍ଥାପିତ ହେବ। ଯାହା କମାଣ୍ଡର, ତଟରକ୍ଷୀ ବାହିନୀ ମୁଖ୍ୟାଳୟ ନମ୍ବର ୭ (ଓଡ଼ିଶା) ମାଧ୍ୟମରେ ତଟରକ୍ଷୀ ବାହିନୀ କ୍ଷେତ୍ର (ଉତ୍ତରପୂର୍ବ)ର କାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ ନିୟନ୍ତ୍ରଣରେ ରହିବ। ଜାହାଜରେ ପାଞ୍ଚ ଅଧିକାରୀ ଏବଂ ୩୪ ଜଣ କର୍ମଚାରୀ ରହିବେ। ଉକ୍ତ ଜାହାଜକୁ ମଙ୍ଗଳବାର ପାରାଦୀପ ବନ୍ଦରରେ କମାଣ୍ଡର ତଟରକ୍ଷୀ ବାହିନୀ (ଓଡ଼ିଶା) ଏକ ଭବ୍ୟ ସ୍ୱାଗତ ଉତ୍ସବରେ ସ୍ୱାଗତ କରିଥିଲେ।

ବାଳକୃଷ୍ଣଙ୍କ ନାଟ୍ୟଦିବସରେ ନାଟ୍ୟକୃତି ଆଲୋଚନା

ଜଗତସିଂହପୁର,୩।୨(ସମିସ): ଲୋକକବି ନାଟ୍ୟଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି ସ୍ମୃତିପରିଷଦ ପକ୍ଷରୁ ଆଜି ସନ୍ଧ୍ୟାରେ ଠାକୁରପାଟଣା ସ୍ଥିତ ରୂପଶ୍ରୀ ମଣ୍ଡପ ଠାରେ ବାଳକୃଷ୍ଣ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ନାଟ୍ୟାଚାର୍ଯ୍ୟଙ୍କ ୧୨୫ତମ ଜୟନ୍ତୀ ଅବସରରେ ତାଙ୍କ ନାଟ୍ୟ ଜୀବନର ଅୟମାରମ୍ଭ ପ୍ରସଙ୍ଗ ତଥା କବିଙ୍କ ନାଟ୍ୟକୃତିକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗତ ୧୯୨୦ ମସିହାରେ ବାଳକୃଷ୍ଣଙ୍କ ରଚିତ 'ଚୈତନ୍ୟ ଲୀଳା' ପ୍ରଥମ ଥର ପାଇଁ ପଳାଶୋଳ ସ୍ଥିତ ଅଟଳ ବଳଦେବଜୀୟୁ ମନ୍ଦିର ପରିସରରେ ପରିବେଷଣ କରାଯାଇଥିଲା। ଏହି ଉତ୍ସବ ଅବସରରେ ଆୟୋଜିତ ସଭାରେ ପ୍ରଦୀପ୍ତ କିଶୋର ଚୌଧୁରୀଙ୍କ ଅଧ୍ୟକ୍ଷତା କରିଥିବା ବେଳେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ବିଶିଷ୍ଟ ନାଟ୍ୟକାର ଶିଶିର ମିଶ୍ର, ଅଧ୍ୟାପକ ଡ. କିଶୋର କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ନାଟ୍ୟାଚାର୍ଯ୍ୟଙ୍କ ନାଟ୍ୟ ସାଧନା, ନିର୍ଦ୍ଦେଶନା, ରଚନା, ମଞ୍ଚସଜ୍ଜା ଓ ନାଟକର କ୍ରମ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

● ସରକାରୀ ଜମିରୁ ଉଚ୍ଛେଦ

ହଟହଟା ହେଲେ ମ୍ୟୁନିସିପାଲିଟି କର୍ମଚାରୀ

ପାରାଦୀପ,୩।୨(ସମିସ): ପାରାଦୀପ ତାରିଣୀଗଡ଼ା ଗିରିଧାରୀ ଛକ ନିକଟରେ ଜବରଦଖଲ ଉଚ୍ଛେଦ କରିବାକୁ ଆସି ହଟହଟା ହେଲେ ମ୍ୟୁନିସିପାଲିଟି ଅଧିକାରୀ। ଆଜି ପାରାଦୀପ ମ୍ୟୁନିସିପାଲିଟି ତରଫରୁ ଗିରିଧାରୀ ଛକ ନିକଟରେ ରହିଥିବା ଅୟସକାନ୍ତ ସାମଲଙ୍କ ଘର ସାମ୍ନାରେ ରହିଥିବା ଜଗାରେ ଗାଡ଼ି ରଖିବା ପାଇଁ ନିର୍ମାଣ ହୋଇଥିବା ସେଡ୍‌କୁ ସରକାରୀ ଜମି କହି ପୁଲିସ ସହିତ ମେସିନ ଆଣି ଭାଙ୍ଗିବାକୁ ଆସିଥିଲେ। ଯାହାକୁ ବିରୋଧ କରିଥିଲେ ଅୟସକାନ୍ତଙ୍କ ପତ୍ନୀ ଓ ଝିଅ। ଯାହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ବିନା ନୋଟିସ୍‌ରେ ଉଚ୍ଛେଦ କରିବାକୁ ଆସିଥିବା ପୌର କର୍ମଚାରୀଙ୍କୁ ବିରୋଧ କରିଥିଲେ ଅୟସକାନ୍ତଙ୍କ ପତ୍ନୀ। ଆମ ପାଖରେ ଜାଗାର କାଗଜପତ୍ର ଅଛି ଏହା କିପରି ସରକାରୀ ଜମି ହେଲା। ଯଦି ଭାଙ୍ଗିବାକୁ ଆସିଛନ୍ତି ନୋଟିସ୍ କାହିଁ ବୋଲି ଉକ୍ତ କର୍ମଚାରୀଙ୍କୁ ପ୍ରଶ୍ନ କରିବା ପରେ କିଛି ସଠିକ୍ ଉତ୍ତର ଦେବା ବଦଳରେ 'ପୌରନିର୍ବାହୀ ଅଧିକାରୀ ଆମକୁ ପଠାଇଛନ୍ତି। ଆମେ ସରକାରୀ ଜମି ଉଚ୍ଛେଦ କରିବାକୁ ଆସିଛୁ, ଆମ ସାର୍‌ଙ୍କ ପାଖରେ ନୋଟିସ ଅଛି, ଚେୟାରମ୍ୟାନ ସାର ଆଉ ପୌର ନିର୍ବାହୀ ଅଧିକାରୀ ସାର ଆମକୁ ଉଚ୍ଛେଦ କରିବାକୁ ପଠାଇଛନ୍ତି' ବୋଲି କହିଥିଲେ। ରାଜନୈତିକ ଶତ୍ରୁତା ଓ କିଛି ଉଦ୍ଦେଶ୍ୟମୂଳକ ଭାବରେ ବିନା ନୋଟିସ୍‌ରେ ଆମ ଜାଗାକୁ ଆସି କାନ୍ଥ ଭାଙ୍ଗିବା ଘଟଣାକୁ ନେଇ ଆଇନର ଦ୍ୱାରସ୍ଥ ହେବାକୁ ଚେତାବନୀ ଦେଇଛନ୍ତି ଅୟସକାନ୍ତଙ୍କ ପତ୍ନୀ ବିଶ୍ୱଶ୍ରୀ। ତେବେ ତାରିଣୀଗଡ଼ା ଅଞ୍ଚଳରେ ବହୁ ଜାଗା ଘର ମାଲିକମାନଙ୍କ ଅକ୍ତିଆରରେ ରହିଥିବା ବେଳେ ଅୟସକାନ୍ତଙ୍କ ଜାଗାକୁ କାହିଁକି ପୌର ଅଧିକାରୀ ଭାଙ୍ଗିବା ପାଇଁ ଆସିଥିଲେ ତାକୁ ନେଇ ଅୟସକାନ୍ତ ସାମଲଙ୍କ ପଡ଼ୋଶୀ ଅଭିଯୋଗ କରିଛନ୍ତି। ତାରିଣୀ ଗଡା ଅଞ୍ଚଳରେ କୌଣସି ଘର ମଲିକଙ୍କର ସରକାରୀ ପଟ୍ଟା ନଥିବା ବେଳେ ପୌରପାଳିକା ଏହି ଜାଗାକୁ ଉଚ୍ଛେଦ କରିବାକୁ କାହିଁକି ଉଚ୍ଛେଦ କରିବାକୁ ଆନ୍ତରିକତା ଦେଖାଉଛି ତାକୁ ନେଇ ପ୍ରଶ୍ନ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଯଦି ଭାଙ୍ଗିବାକୁ ଅଛି ତେବେ ସମସ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଉ ବୋଲି ସ୍ଥାନୀୟ ଘର ମାଲିକମାନେ କହିଛନ୍ତି।

୨୫ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ

୨ୟ ସନ୍ଧ୍ୟାରେ ରାଧା-ରାମ କ୍ରିଷ୍ଣ ମଞ୍ଚସ୍ଥ

ପାରାଦୀପ,୩।୨(ସମିସ): ପାରାଦୀପ ଜୟଦେବ ସଦନ ଠାରେ ଜାତୀୟ ନାଟ୍ୟ ବିଦ୍ୟାଳୟ ତରଫରୁ ଆୟୋଜିତ ୨୫ ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ "ଭାରତ ରଙ୍ଗ ମହୋତ୍ସବର' ୨ୟ ସନ୍ଧ୍ୟାରେ ପଶ୍ଚିମବଙ୍ଗର କଲ୍ୟାଣୀ କଳାମଣ୍ଡଲମ୍ ନାଟ୍ୟ ଅନୁଷ୍ଠାନ ଶାନ୍ତନୁ ଦାସଙ୍କ ନିର୍ଦ୍ଦେଶନାରେ ବଙ୍ଗଳା ଭାଷାର ନାଟକ ରାଧା- ରାମକ୍ରିଷ୍ଣା ମଞ୍ଚସ୍ଥ କରିଥିଲେ। ରାଧା -ରାମକୃଷ୍ଣ ଏକ ଐତିହାସିକ କାଳ୍ପନିକ ନାଟକ। ଦୁଇଟି ସମାନ୍ତରାଳ ଯାତ୍ରାର ଚିତ୍ରଣ କରେ। ଦକ୍ଷିଣେଶ୍ୱରରେ ଶ୍ରୀରାମକୃଷ୍ଣଙ୍କ ମଧୁର ସାଧନା, ଯେଉଁଠାରେ ସେ ନିଜକୁ ରାଧା ଭାବରେ କଳ୍ପନା କରିଥିଲେ, ଜଣେ ନାରୀର ଶରୀର ଏବଂ ମାନସିକତାକୁ ଅନୁଭବ କରୁଥିଲେ ଏବଂ ଅଭିନେତ୍ରୀ ବିନୋଦିନୀ ଦାସୀଙ୍କ କଳା ମାଧ୍ୟମରେ ତାଙ୍କ ଜନ୍ମର କଳଙ୍କକୁ ଅତିକ୍ରମ କରିବା ପାଇଁ ସଂଘର୍ଷ କରିଥିଲେ। ଗିରିଶ ଚନ୍ଦ୍ର ଘୋଷଙ୍କ ଦ୍ୱାରା ରାମକୃଷ୍ଣଙ୍କ ଉପାସନା ବିଷୟରେ ଅନୁପ୍ରାଣିତ ହୋଇ ବିନୋଦିନୀଙ୍କ ଅଭିନୟ ଏକ ଉଚ୍ଚତର ସାଧନାରେ ବିକଶିତ ହୁଏ ଯାହା ପ୍ରଦର୍ଶନ ଏବଂ ଆଧ୍ୟାତ୍ମିକ ଅନୁଭବ ମଧ୍ୟରେ ଥିବା ସୀମାକୁ ଝାପସା କରିଦିଏ। ଔପନିବେଶିକ କଲିକତା, ଜାତିଗତ ପକ୍ଷପାତ ଏବଂ ବ୍ରିଟିଶ ଅପରାଧୀ ଜନଜାତି ଆଇନ ଦ୍ୱାରା ନାରୀକରଣ ପୁରୁଷ ଶରିରକୁ ନିଷେଧ କରାଯିବାର ପୃଷ୍ଠଭୂମି ବିରୋଧରେ ରାମକୃଷ୍ଣ ରାଣୀ ରାସମଣୀଙ୍କ ଜନବଜାର ଦୁର୍ଗା ପୂଜାରେ ରାଧାଙ୍କ ପୋଷାକ ପିନ୍ଧି କିନ୍ନର ସମ୍ପ୍ରଦାୟ ସହିତ ନୃତ୍ୟ କରି ଅର୍ଦ୍ଧନାରୀ ଅବତାରରେ ଉପସ୍ଥିତ ହୁଅନ୍ତି ଓ ବିନୋଦିନୀଙ୍କୁ ଆଶୀର୍ବାଦ କରି କୁହନ୍ତି କି ତୁମର ଚୈତନ୍ୟ ଜାଗ୍ରତ ହେଉ। ସମାଜକୁ ଆଇନ, ଜାତି କିମ୍ବା ପକ୍ଷପାତ ଦ୍ୱାରା ସଂସ୍କାର କରାଯାଇ ପାରିବ ନାହିଁ, କେବଳ କଳା ଏବଂ ଭକ୍ତିର ପରିବର୍ତ୍ତନକାରୀ ଅଗ୍ନି ମାଧ୍ୟମରେ ହିଁ କରାଯାଇ ପାରିବ। ନାଟକର ଆନନ୍ଦ ନେବା ପାଇଁ ଅଧିକ ବଙ୍ଗଳା ଭାଷୀ ନାଟ୍ୟପ୍ରେମୀ ଆଜି ଜୟଦେବ ସଦନରେ ଉପସ୍ଥିତ ଥିଲେ।

ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ତିର୍ତ୍ତୋଲ,୩।୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନୂଆପୋଖରୀ ସ୍ଥିତ ଓମ୍ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଆଚାର୍ଯ୍ୟା ରେଶମା ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଦସ୍ୟ ତଥା ଅବସରପ୍ରାପ୍ତ ଅନୁଶାସନ ସଚିବ ବିଷ୍ଣୁପ୍ରସାଦ କାନୁନଗୋ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ପ୍ରାଧ୍ୟାପକ ତଥା ପ୍ରବଚକ ଅରୁଣ କୁମାର ପଣ୍ଡା, ବିଶିଷ୍ଟ ଅତିଥି ସରକାରୀ ପାଠ୍ୟ ପୁସ୍ତକର ପ୍ରଣେତା ତଥା ଶିକ୍ଷାବିତ୍ ରମାକାନ୍ତ ମିଶ୍ର ଯୋଗଦେଇଥିଲେ। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁଜୀ ତରୁଣ ସ୍ୱାଇଁ, ଜାହାଙ୍ଗୀର ଅଲ୍ଲୀ, ଗୁରୁମା' ଅର୍ପିତା ପ୍ରିୟଦର୍ଶିନୀ ସାହୁ, ଜ୍ୟୋତିପ୍ରଭା ନାୟକ, ପ୍ରୀତିଛନ୍ଦା ସୁତାର, ରୋଜାଲିନ ଗୋଛାୟତ, ମଧୁସ୍ମିତା ଦାଶ, ସ୍ୱର୍ଣ୍ଣଲତା ଖୁଣ୍ଟିଆ, ଶ୍ରୀଲେଖା ମଲ୍ଲିକ, ସସ୍ମିତା ଓଝା, ଶିକ୍ଷା କର୍ମୀ ପ୍ରତିମା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ଅଭିନୟ ଓ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। କମିଟି ସଦସ୍ୟ ଶିକ୍ଷାବିତ୍ ପଦ୍ମଚରଣ ବିଶ୍ୱାଳ, ଅଭୟ କୁମାର ବସ୍ତିଆ, ଶିକ୍ଷାବିତ୍ ବସନ୍ତ ଓଝା, ଓମ୍ ପ୍ରକାଶ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଖଟୁଆ ଧନ୍ୟବାଦ୍ ଦେଇଥିଲେ।

ସାରଦା ଏକାଡେମୀରେ ପୁରାତନ ଛାତ୍ରଛାତ୍ରୀ ସମ୍ମିଳନୀ

ଜଗତସିଂହପୁର,୩।୨(ସମିସ): ସାରଦା ଏକାଡେମୀ କନକପୁର ୨୦୦୬ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଝଙ୍କଡ଼ ସ୍ଥିତ ସାରଦା ଏକାଡେମୀ କନକପୁର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରାତନ ଶିକ୍ଷକ ଉପେନ୍ଦ୍ର ନାଥ ବଶ୍ୱାଳ ଏବଂ ବିଦ୍ୟାଳୟର କର୍ମକର୍ତ୍ତାଗଣ ଛାତ୍ରଛାତ୍ରୀଙ୍କ ଉପରେ ଆଲୋଚନା କରିଥିଲେ। ଏଥିରେ ପୁରାତନ ଛାତ୍ର ଶୁଭେନ୍ଦୁ, ପ୍ରୀତମ, ହରିଶଙ୍କର, ଶ୍ରୀକାନ୍ତ, ଅଜିତ୍, ଗୋରେଖନାଥ, ଅମରଜିତ୍, ରାକେଶ, ବୁଲୁ, ଚରଣ, ଚନ୍ଦନ, ରଶ୍ମୀରଂଜନ, ପବିତ୍ର, ଜୟଶ୍ରୀ, ଅମିତା, ଶୁଭଶ୍ରୀ, ପ୍ରମୋଦିନୀ ଓ ଅନ୍ୟ ଛାତ୍ରଛାତ୍ରୀ ଉପସ୍ଥିତି ଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟଗୀତ ପରିବେଷଣ ହୋଇଥିଲା।

ସକାଳ
THE SAKALA

ସମ୍ପାଦକୀୟ

ନାଗରିକମାନେ କେବଳ ଭୋଟର ହେବା ଯଥେଷ୍ଟ ନୁହେଁ, ନୀତି ନିର୍ଦ୍ଧାରକ ମଧ୍ୟ ହେବା ଆବଶ୍ୟକ। ନଚେତ୍ କତିପୟ ନୀତି ନିର୍ଦ୍ଧାରକ ଭୋଟରମାନଙ୍କ ଉପରେ ପ୍ରଭୁତ୍ୱ ଜାହିର କରିଚାଲିଥିବେ।

-ଡ. ବି ଆର ଆମ୍ବେଦକର

ଅର୍ଥ ଆୟୋଗ ମଧ୍ୟ ଦାଉ ସାଧିଲେ

ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, କୋଇଲା ରାଜଭାଗ, ପ୍ରଦୂଷଣ ଉପକରରେ ରାଜ୍ୟ ଭାଗ, ରେଳବାଇ ଆଦି କ୍ଷେତ୍ରରେ କ୍ରମାଗତ କେନ୍ଦ୍ରୀୟ ଅବହେଳାର ଶିକାର ହୋଇଆସୁଥିବା ଓଡ଼ିଶା ଉପରେ ଏଥର ଷୋଡ଼ଶ କେନ୍ଦ୍ର ଅର୍ଥ ଆୟୋଗ ମଧ୍ୟ ଦାଉ ସାଧିଛନ୍ତି। ପଞ୍ଚଦଶ ଅର୍ଥ ଆୟୋଗ ଓଡ଼ିଶା ପାଇଁ କେନ୍ଦ୍ରୀୟ ଟିକସ ଭାଗର ୪.୫୨ ପ୍ରତିଶତ ସୁପାରିସ କରିଥିବା ବେଳେ ୨୦୨୬ ରୁ ୨୦୩୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଷୋଡ଼ଶ ଅର୍ଥଆୟୋଗଙ୍କ ସୁପାରିସରେ ତାହା ୪.୪୨କୁ ହ୍ରାସ ପାଇଛି। ଆହୁରି ଉଦ୍‌ବେଗଜନକ ହେଉଛି ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ କମ୍ ଅର୍ଥ ପାଇବାକୁ ଯାଉଛି।

ସଂସଦର ଚଳିତ ଅଧିବେଶନରେ ଉପସ୍ଥାପିତ ଷୋଡ଼ଶ ଅର୍ଥ ଆୟୋଗ ସୁପାରିସକୁ କେନ୍ଦ୍ର ସରକାର ଗ୍ରହଣ କରିନେଇଛନ୍ତି। ଏଥିରେ କେନ୍ଦ୍ରୀୟ ଟିକସ ରାଜସ୍ୱ ପାଣ୍ଠିରୁ ରାଜ୍ୟଭାଗ ପୂର୍ବଥର ଭଳି ୪୧%ରେ ଅପରିବର୍ତ୍ତିତ ରହିଛି। କିନ୍ତୁ ପାଣ୍ଠିର ସମାନ୍ତରାଳ ଆବଣ୍ଟନରେ ଯେଉଁ ମାନଦଣ୍ଡ ଆଧାରିତ ପରିବର୍ତ୍ତନ ହୋଇଛି ସେଥିରେ ଓଡ଼ିଶା ବିପୁଳ କ୍ଷତି ସହିବାକୁ ଯାଉଛି। ପ୍ରଥମ ଥର ପାଇଁ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)କୁ ରାଜ୍ୟର ଅବଦାନ ଆଧାରରେ ୧୦% ଆବଣ୍ଟନର ବ୍ୟବସ୍ଥା ରହିଛି। କିନ୍ତୁ ଆୟଗତ ତାରତମ୍ୟ ଆଧାରିତ ଆବଣ୍ଟନ ଗତଥରର ୪୫% ତୁଳନାରେ ଚଳିତ ଥର ୪୨.୫%କୁ ହ୍ରାସ ପାଇଛି। ସେହିପରି ଜନସଂଖ୍ୟା ମାନଦଣ୍ଡ ପାଇଁ ପାଣ୍ଠି ଆବଣ୍ଟନ ପୂର୍ବର ୧୫%ରୁ ୧୭.୫%କୁ ବୃଦ୍ଧି ପାଇଥିବା ବେଳେ ଭୌଗୋଳିକ ପରିସୀମା ଆଧାରିତ ଆବଣ୍ଟନ ୧୫%ରୁ ୧୦%କୁ ହ୍ରାସ ପାଇଛି। ସାମଗ୍ରିକ ଜନସାଂଖ୍ୟିକ ଆଧାର ୧୨.୫%ରୁ ୧୦%କୁ ହ୍ରାସ ପାଇଛି। ଜଙ୍ଗଲାଞ୍ଚଳ ଆଧାରିତ ଆବଣ୍ଟନ ପୂର୍ବପରି ୧୦%ରେ ଅପରିବର୍ତ୍ତିତ ରହିଛି। ସମ୍ବିଧାନର ଧାରା ୨୭୫(୧)ର ବିରୁଦ୍ଧାଚରଣ କରୁଥିଲେ ମଧ୍ୟ ଷୋଡ଼ଶ ଅର୍ଥ ଆୟୋଗ ରାଜ୍ୟମାନଙ୍କ ରାଜସ୍ୱ ନିଅଣ୍ଟ ଭରଣା ବାବଦ ଅନୁଦାନ ଓ ରାଜ୍ୟ ଭିତ୍ତିକ ନିର୍ଦ୍ଦିଷ୍ଟ ଅନୁଦାନକୁ ଉଚ୍ଛେଦ କରିଛନ୍ତି। ଏହାଦ୍ୱାରା ଗରିବ ରାଜ୍ୟଗୁଡ଼ିକର ଅର୍ଥନୀତି ଆହୁରି ଦୟନୀୟ ହେବାର ଆଶଙ୍କା ପ୍ରକାଶ ପାଇଛି।

ଉପରୋକ୍ତ ମାନଦଣ୍ଡ ଆଧାରରେ ଓଡ଼ିଶା ସମାନ୍ତରାଳ ଆବଣ୍ଟନରେ ପୂର୍ବାପେକ୍ଷା ଅଧିକ କ୍ଷତି ସହିବ। ଓଡ଼ିଶାର ଡବଲ୍ ଇଞ୍ଜିନ୍ ସରକାର କେନ୍ଦ୍ରୀୟ ଟିକସ ଭାଗରୁ ୧୨.୫୯ ଲକ୍ଷ କୋଟି ଟଙ୍କା(୪.୯୬୪%) ମାଗିଥିବା ବେଳେ ଆୟୋଗଙ୍କ ପରିବର୍ତ୍ତିତ ମାନଦଣ୍ଡରେ ଓଡ଼ିଶାର ସ୍ୱାର୍ଥ ପୁଣି ଥରେ ବଳି ପଡ଼ିଛି। ପଞ୍ଚାୟତ ଅନୁଷ୍ଠାନ ପୌରପାଳିକା, ମହାନଗର ନିଗମ ଆଦିଗୁଡ଼ିକ ପାଇଁ ଓଡ଼ିଶା ଶତପ୍ରତିଶତ ଅନୁଦାନ ଦାବି କରିଥିବା ବେଳେ ପୂର୍ବାପେକ୍ଷା କମ୍ ମିଳିବ। ସେହିପରି ବିପର୍ଯ୍ୟୟ ତାଲିକାରେ ଓଡ଼ିଶାର ଅଙ୍କ ଦେଶର ସବୁଠାରୁ ଉଚ୍ଚରେ ଥିବା ବେଳେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଆଦି କମ୍ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଓଡ଼ିଶାଠାରୁ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଅନୁଦାନ ବାବଦରେ ଅଧିକ ଅର୍ଥ ପାଇବେ। ଅଧିକନ୍ତୁ ଷୋଡ଼ଶ ଆୟୋଗ ସୁପାରିସ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ହିଁ ଓଡ଼ିଶା ପ୍ରାୟ ୨ ହଜାର କୋଟି ଟଙ୍କା ହରାଇବ।

ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପାଇଁ କେବଳ ଆନ୍ତର୍ଜାତିକ ସୀମାରେଖା ମାନଦଣ୍ଡକୁ ଛାଡ଼ି ଅନ୍ୟ ସବୁ ମାନଦଣ୍ଡ ଓଡ଼ିଶା ପୂରଣ କରୁଛି। ରଘୁରାମ୍ ରାଜନ୍ ରିପୋର୍ଟ ମଧ୍ୟ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ସପକ୍ଷରେ ଯାଉଛି। ଓଡ଼ିଶାର ଏହି ନ୍ୟାଯ୍ୟ ଦାବି ବିଗତ ଶତାବ୍ଦୀରୁ ନିରନ୍ତର ଉପସ୍ଥାପିତ ହୋଇଆସୁଛି। ଅଥଚ ଚତୁର୍ଦ୍ଦଶ ଅର୍ଥ ଆୟୋଗଙ୍କ ସୁପାରିସକୁ ଆଳ କରି ଏନ୍‌ଡିଏ ସରକାର ଓଡ଼ିଶାର ଏହି ଦାବିରେ ପୂର୍ଣ୍ଣଛେଦ ପକାଇ ଦେଇଛନ୍ତି, ଅଥଚ ତେଲଙ୍ଗାନାକୁ ଏହି ମାନ୍ୟତା ୨୦୧୪ରେ ମିଳିଛି। ଅଧିକନ୍ତୁ କେନ୍ଦ୍ର ସରକାରଙ୍କ ସହିତ ଅର୍ଥ ଆୟୋଗ ମଧ୍ୟ ଓଡ଼ିଶା ପ୍ରତି ନିରନ୍ତର ଅବହେଳା କରି ଆସୁଛନ୍ତି।

ଚତୁର୍ଦ୍ଦଶ ଅର୍ଥ ଆୟୋଗ ସୁପାରିସ ଅନୁଯାୟୀ କେନ୍ଦ୍ରୀୟ ଟିକସର ସମାନ୍ତରାଳ ଆବଣ୍ଟନରେ ଓଡ଼ିଶାର ଭାଗ ୪.୬୪% ଥିବା ବେଳେ ପଞ୍ଚଦଶ ଆୟୋଗ ଏହାକୁ ୪.୫୨କୁ ହ୍ରାସ କରିଥିଲେ। ଏବେ ଷୋଡ଼ଶ ଅର୍ଥ ଆୟୋଗ ୪.୪୨କୁ ଖସାଇ ଦେଇଛନ୍ତି। ଅଥଚ ଖଣିଜ ରାଜଭାଗ, ରେଳବାଇ ରାଜସ୍ୱ, ପରିବେଶ ଉପକର ଆକାରରେ ଓଡ଼ିଶା ମାଟି, ପାଣି ଓ ପବନରୁ କେନ୍ଦ୍ର ସରକାର ଅଧିକରୁ ଅଧିକ ଅର୍ଥ ଶୋଷି ଚାଲିଛନ୍ତି। ସଂସଦରେ ସଦ୍ୟ ଉପସ୍ଥାପିତ ରେଳବଜେଟ୍ କଥା ମଧ୍ୟ ଦେଖାଯାଉ। କେନ୍ଦ୍ର ରେଳମନ୍ତ୍ରୀଙ୍କ କହିବା ଅନୁଯାୟୀ ୨୦୨୪ରେ ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାର କ୍ଷମତାକୁ ଆସିବା ପରେ ପାଞ୍ଚବର୍ଷ ମଧ୍ୟରେ ଓଡ଼ିଶାରେ ରେଳବାଇ ୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଆଉ ମାସ କେଇଟା ପରେ ଡବଲ୍ ଇଞ୍ଜିନ ସରକାରକୁ ଦୁଇବର୍ଷ ପୂରିଯିବ। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଓଡ଼ିଶା ପାଇଁ ରେଳବଜେଟ୍‌ରେ ମାତ୍ର ୩୨୯ କୋଟି ଟଙ୍କା ବଢ଼ିଛି। ଏହି ଧାରାରେ ବାକି ଥିବା ତିନିବର୍ଷରେ ୧ ଲକ୍ଷ କୋଟିରୁ ବାକି ଥିବା ପାଣ୍ଠି ବିନିଯୋଗ ହୋଇପାରିଲେ ତାହା ନିଶ୍ଚୟ ଏକ ଆଶ୍ଚର୍ଯ୍ୟଜନକ ଓ ଚମତ୍କାରିତା ହେବ। ରାଜ୍ୟରେ ଏବେ ଚାଲୁ ରହିଥିବା ୯୦, ୬୫୯ କୋଟି ଟଙ୍କାର ପୂର୍ବ ପ୍ରକଳ୍ପ କାମକୁ ଯଦି ଏହି ୧ ଲକ୍ଷ କୋଟି ଟଙ୍କାର ଧାର୍ଯ୍ୟ ଲକ୍ଷ୍ୟରେ ସାମିଲ୍ କରାଯାଇଥାଏ ତେବେ ଘୋଷଣା ଫଳବତୀ ହେବାରେ କିଛି ଅସୁବିଧା ହେବ ନାହିଁ। ଏ କଥା ରେଳମନ୍ତ୍ରୀ ସ୍ପଷ୍ଟ କରିଥିଲେ ଓଡ଼ିଶାବାସୀଙ୍କୁ ବୁଝିବାକୁ ସହଜ ହୋଇଥା'ନ୍ତା। ତେବେ ଓଡ଼ିଶାରେ ନୂଆ ରେଳ ନିର୍ମାଣ କାରଖାନା ସମେତ ଖୋର୍ଦ୍ଧା-ବଲାଙ୍ଗୀର, ତାଳଚେର-ସମ୍ବଲପୁର, ତାଳଚେର-ବିମଳାଗଡ଼, ଜଖପୁରା-ବାଂଶପାଣି, ପାରାଦ୍ୱୀପ-ହରିଦାସପୁର, ସମ୍ବଲପୁର-ଟିଟିଲାଗଡ଼ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ରେଳ ଲାଇନ ପ୍ରକଳ୍ପ ଯଦି ବାକି ତିନିବର୍ଷ ଭିତରେ ସରିପାରନ୍ତା ଏବଂ ଦ୍ୱୈତ ନଗରୀରେ ବନ୍ଦ କରାଯାଇଥିବା ମେଟ୍ରୋ ଟ୍ରେନ୍ ପ୍ରକଳ୍ପର ପୁନଃ ଆରମ୍ଭ ହୋଇପାରନ୍ତା ଡବଲ୍ ଇଞ୍ଜିନ୍‌କୁ ଓଡ଼ିଶାବାସୀ କ୍ଷମତାକୁ ଆଣି କିଛି ଭୁଲ୍ କରିନାହାନ୍ତି ବୋଲି ଆଶ୍ୱସ୍ତ ହୁଅନ୍ତେ।

ସ୍ମରଣର ବହୁବିଧ ଝରକା

ପ୍ରଫେସର୍ ଫକୀର ମୋହନ ସାହୁ

ଆଧୁନିକ ଜୀବନରେ ସ୍ମରଣଜନିତ ସମସ୍ୟା ଏକ ବହୁଚର୍ଚ୍ଚିତ ପ୍ରସଙ୍ଗର ରୂପ ନେଇଛି। 'ବନ୍ଧୁଙ୍କର ନାମ ମନେପଡୁ ନାହିଁ', 'ପରିବାରର ଦୂରସଂପର୍କୀୟ ଭାଇଙ୍କ ନାମ ମନେପଡୁନାହିଁ'- ଏପରି ସବୁ ବକ୍ତବ୍ୟ କାନଘଷା ହୋଇଗଲାଣି। ବିଶେଷତଃ ଏବେ ଆମ ଦେଶରେ ବାର୍ଦ୍ଧକ୍ୟଜନିତ ରୋଗ ଆଲଜେମର୍ ଓ ସ୍ମୃତିଭ୍ରଂଶର ପ୍ରାଦୁର୍ଭାବ ଏକ ଭୟାବହ ପରିବେଶ ସୃଷ୍ଟି କରିଛି। ପୁଣି ଯେଉଁସବୁ ପରିବାରରେ ବର୍ଷୀୟାନ୍ ବ୍ୟକ୍ତିମାନେ ଅଛନ୍ତି କିମ୍ବା ବୟସ୍କହେବାକୁ ଯାଉଛନ୍ତି, ସେପରି ପରିବାରରେ ଅନାଗତ ଆତଙ୍କର ମାନସିକତା ରାଜତ୍ୱ କରୁଛି।

ସ୍ମରଣର ସଫଳତା ବିଫଳତାର କାରଣ ଏଠାରେ ବିଚାର୍ଯ୍ୟ ନୁହେଁ। ବାସ୍ତବରେ ସ୍ମରଣ ସଂପର୍କିତ ମନସ୍ତାତ୍ତ୍ୱିକ ତଥ୍ୟ ଖୁବ୍ ଜଟିଳ ଓ ବ୍ୟାପକ। ଏକ ସୀମିତ ଲେଖାର କଳେବର ମଧ୍ୟରେ ଏହାର ଆଲୋଚନା ସମ୍ଭବ ନୁହେଁ। କିନ୍ତୁ ଏ କଥା ସତ ଯେ ସ୍ମରଣର ବିବିଧ ରୂପ ରହୁଛି ଏବଂ ଏଗୁଡ଼ିକର ବିକାଶ ଓ ବିଲୟର ଧାରା ସମାନ ନୁହେଁ। ଏହାର ତାତ୍ପର୍ଯ୍ୟ ହେଉଛି ଯେ ଗୋଟିଏ ପ୍ରକାର ସ୍ମରଣ ସାମଗ୍ରୀର ବିଲୟ ଘଟିଥିଲେ ମଧ୍ୟ ଅନ୍ୟପ୍ରକାର ସ୍ମରଣ ଅବ୍ୟାହତ ରହିଥାଏ। ସୁତରାଂ ଗୋଟିଏ ଧରଣର ବିସ୍ମରଣ ଘଟିଥିଲେ ମଧ୍ୟ ମଣିଷ ଅଯଥା ଆତଙ୍କିତ ହେବାର ବିଶେଷ କାରଣ ନାହିଁ।

ସ୍ମରଣର ବ୍ୟାପକ ପ୍ରକାରଭେଦ ରହିଛି। କିନ୍ତୁ ମୋଟାମୋଟି ଭାବରେ ଏହାକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ। ସେଗୁଡ଼ିକ ହେଉଛି- ନିତିଦିନିଆ ସ୍ମୃତି, ଜ୍ଞାନଭିତ୍ତିକ ସ୍ମୃତି ଓ କୌଶଳଜ୍ଞାନଭିତ୍ତିକ ସ୍ମୃତି। ସ୍ମରଣ ପ୍ରକ୍ରିୟାର ଏ ତିନୋଟି ଝରକା ଖୋଲିବା ଓ ବନ୍ଦ ହେବା ନିୟମ ଭିନ୍ନ ଧରଣର।

ଆପଣ ଗତକାଲି ସକାଳେ ପ୍ରାତଃଭୋଜନ ସମୟରେ କ'ଣ ଖାଇଥିଲେ? ଗତ ରବିବାର ଦିନ କେଉଁ ସ୍ଥାନକୁ ବୁଲିଯାଇଥିଲେ? ସେଦିନ କେଉଁ ବନ୍ଧୁଙ୍କ ସହିତ ସାକ୍ଷାତ ହୋଇଥିଲା? ତାଙ୍କ ସହ କ'ଣ ସବୁ କଥାବାର୍ତ୍ତା ହୋଇଥିଲା? ଏପରି ସବୁ ଗତାନୁଗତିକ ଜୀବନର ଘଟଣା-କୈନ୍ଦ୍ରିକ ଅନୁଭବର କିଛି ଅଂଶ ମନେପଡ଼ିବ। ହୁଏତ ବହୁଅଂଶ ଆପଣ ମନେପକାଇ ପାରିବେ ନାହିଁ। ଏହାହେଉଛି ଦୈନନ୍ଦିନ ଜୀବନର ଘଟଣାକୈନ୍ଦ୍ରିକ ସ୍ମୃତି। ମୋଟମୋଟି ଭାବରେ ଘଟଣା ଘଟିବାର ୨୪ ଘଣ୍ଟା ମଧ୍ୟରେ ଏହାର ଅଧାଅଧି ବିସ୍ମୃତ ହୁଏ। ଅବଶିଷ୍ଟ ଅଂଶ ଧୀରେ ଧୀରେ ବିସ୍ମୃତ ହୁଏ। ସ୍ଥୂଳତଃ ଏପରି ନିତିଦିନିଆ ସ୍ମୃତିର ବିଲୟ ଖୁବ୍ ଦ୍ରୁତ। ଏଥିରେ ଆତଙ୍କିତ ହେବାର କିଛି ନାହିଁ।

ଅବଶ୍ୟ ଏହାର ଏକ ବ୍ୟତିକ୍ରମ ଅଛି। ଏହାକୁ ଫ୍ଲାସବଲ୍‌ବ ସ୍ମୃତି କୁହନ୍ତି। ମନେକରାଯାଉ ଆପଣଙ୍କୁ ପଚରାଗଲା- ଓଡ଼ିଶାରେ ମହାବାତ୍ୟା ଘଟିବା ଦିନ ଆପଣ କେଉଁଠି ଥିଲେ ଏବଂ କ'ଣ ଖାଇଥିଲେ? କିମ୍ବା ଜଣେ ତରୁଣ କିମ୍ବା ତରୁଣୀକୁ ପଚରାଗଲା; ତୁମର ବିବାହ ଉତ୍ସବରେ କେଉଁ କେଉଁ ବନ୍ଧୁ ବା ବାନ୍ଧବୀ ତୁମକୁ ଅଭିନନ୍ଦନ ଜଣାଇଥିଲେ? ଏହା ହୁଏତ ସ୍ପଷ୍ଟଭାବରେ ସ୍ମୃତିଭଣ୍ଡାରରେ ରହିଥିବ। ସୁତରାଂ ଗୋଟିଏ ସାମାନ୍ୟ ଘଟଣାକୁ ଅସାମାନ୍ୟ ପରିସ୍ଥିତି ସହ ଯୋଡ଼ିପାରିଲେ ସେପରି ମାମୁଲି ସ୍ମୃତି ମଧ୍ୟ ଅବିସ୍ମୃତ ରହିବ।

ଦ୍ୱିତୀୟ ଧରଣର ସ୍ମରଣ ସାମଗ୍ରୀ ହେଉଛି ଜ୍ଞାନଭିତ୍ତିକ ସ୍ମୃତି। ଗୋଟିଏ 'କଲମ'କୁ କଲମ କହିବା ବା ସ୍ମରଣ କରିବା ଏବଂ 'କମଳା'କୁ କମଳା କହିବା ଏ ଧରଣର ସ୍ମରଣପ୍ରକ୍ରିୟା। ଏହାର ବିଲୟ (ସ୍ମରଣ ବିଫଳତା) ମଧ୍ୟମ ମାତ୍ରାର ହୋଇଥାଏ। କ୍ରମାଗତ ଶିକ୍ଷଣ ଓ ଅଭ୍ୟାସ ମାଧ୍ୟମରେ ଏପରି ସ୍ମୃତି ବଳବତ୍ତର ରହେ।

ତୃତୀୟ ଧରଣର ସ୍ମରଣ ସାମଗ୍ରୀ ହେଉଛି କୌଶଳଜ୍ଞାନ। ସାଇକେଲ୍ କିପରି ବ୍ୟବହାର କରାଯିବ, କାର୍ ଚାଳନା ଏବଂ କମ୍ପ୍ୟୁଟର୍‌ର ବ୍ୟବହାର ସଂପର୍କିତ ସ୍ମୃତି ଏ ଧରଣର। ଏହାର ବିଲୟର ଗତି ଖୁବ୍ ମନ୍ଥର। ଦୀର୍ଘଦିନ ଧରି ସାଇକେଲ କିମ୍ବା କାର୍ ଚାଳନା ନ କରିବାରୁ ଲୋକଟି ମନେକରେ ଯେ ସେ ଭୁଲିଯାଇଛି। ମାତ୍ର ଏହା ଠିକ୍ ନୁହେଁ। ଆରମ୍ଭରେ କାର୍‌ଚାଳନା ଶିଖିବା ପାଇଁ ହୁଏତ ସମୁଦାୟ ୧୦୦ ଘଣ୍ଟା ଲାଗିଥିଲା। ମାତ୍ର ବର୍ତ୍ତମାନ ବିସ୍ମରଣ ଅନୁଭବ କରୁଥିବା ଲୋକଟି ମାତ୍ର ୧୫ଘଣ୍ଟାର ଅଭ୍ୟାସ ପରେ ପୂର୍ବ ସ୍ଥିତିକୁ ଫେରିଆସିବା ସମ୍ଭବ ହେବ। ସୁତରାଂ କାର୍‌ଚାଳନାର ସ୍ମୃତି ପ୍ରକୃତରେ ବିସ୍ମୃତ ହୋଇ ନ ଥିଲା; ସ୍ମରଣର ଏକପ୍ରକାର ବିଫଳତା ପରିଦୃଷ୍ଟ ହେଉଥିଲା। ଏ ପର୍ଯ୍ୟବେକ୍ଷଣର ଏକ ପ୍ରୟୋଗାତ୍ମକ ଦିଗ ହେଉଛି ଯେ କୌଶଳଜ୍ଞାନ ସଂପର୍କିତ ସ୍ମୃତିକୁ ଅତୁଟ ରଖିବା ପାଇଁ ମଝିରେ ମଝିରେ ଅଭ୍ୟାସର ଉପଯୋଗ କରିବା ଆବଶ୍ୟକ।

ସ୍ଥୂଳତଃ ନିତିଦିନିଆ ସ୍ମୃତି, ଜ୍ଞାନଭିତ୍ତିକ ସ୍ମୃତି ଓ କୌଶଳଭିତ୍ତିକ ସ୍ମୃତିର ବିଲୟର ମାତ୍ରାର ଭିନ୍ନ ଭିନ୍ନ ହୋଇଥିବାରୁ ଗୋଟିଏ ପ୍ରକାର ବିସ୍ମରଣକୁ ଅକ୍ଷମତା ବା ଅସାମର୍ଥ୍ୟର ଚିହ୍ନ ରୂପେ ବିଚାର କରିବା ଠିକ୍ ହେବ ନାହିଁ। ବୟସ ଅଧିକ ହେଲେ (ସାଧାରଣତଃ ୫୦ ବର୍ଷ ପରେ) ବ୍ୟକ୍ତିର ନାମ ଓ ସ୍ଥାନର ନାମ ପରି ନାମବାଚକ ବିଶେଷ୍ୟ ଭୁଲିଯିବାର ସମସ୍ୟାଟିକୁ ମାମୁଲି ବିଚାର କରି ସ୍ଥିର ରହିବା ପ୍ରୟୋଜନ।

ସ୍ମରଣର ବହୁବିଧ ଝରକା ପ୍ରସଙ୍ଗରେ ମସ୍ତିଷ୍କ ସଂପର୍କରେ ଗୋଟିଏ ଦୁଇଟି କଥା ଆମର ଜାଣିବା ଉଚିତ୍। ପ୍ରଥମତଃ, ପଚାଶବର୍ଷ ବୟସ ପରେ ମସ୍ତିଷ୍କର ଓଜନ ଧୀରେ ଧୀରେ କମିବାକୁ ଆରମ୍ଭ କରେ। ଏପରି ପ୍ରକ୍ରିୟା ପ୍ରାୟ ସମସ୍ତଙ୍କର ସ୍ମରଣ ସାଫଲ୍ୟକୁ କିଛି କିଛି ପ୍ରଭାବିତ କରିଥାଏ। ଦ୍ୱିତୀୟତଃ, ମସ୍ତିଷ୍କ ଆମର ସମସ୍ତପ୍ରକାର ବ୍ୟବହାରକୁ ନିୟନ୍ତ୍ରଣ କରେ। ସ୍ମରଣକୁ ମଧ୍ୟ ନିୟନ୍ତ୍ରଣ କରେ। କିନ୍ତୁ ବିଭିନ୍ନ ଧରଣର ସ୍ମରଣ ସାମର୍ଥ୍ୟ ପାଇଁ ମସ୍ତିଷ୍କର ସ୍ନାୟୁକେନ୍ଦ୍ରମାନ ପୃଥକ୍ ପୃଥକ୍ ରହିଛି। ଗୋଟିଏ ଉଦାହରଣ ଦ୍ୱାରା ଏହାକୁ ସ୍ପଷ୍ଟ କରାଯାଇପାରେ। ଥରେ ଜଣେ ତରୁଣ ତାଙ୍କର ମୋଟର ସାଇକେଲ୍‌ରେ ଦ୍ରୁତଗତିରେ କାର୍ଯ୍ୟସ୍ଥଳରୁ ଘରକୁ ଫେରୁଥିଲେ। ତାଙ୍କର ଏକ ବିରାଟ ଦୁର୍ଘଟଣା ଘଟିଲା। ତୁରନ୍ତ ତାଙ୍କୁ ଚିକିତ୍ସାଳୟକୁ ନିଆଗଲା ଏବଂ ସେ କିଛିଦିନ ପରେ ଠିକ୍ ହୋଇଗଲେ। ମାତ୍ର ଦେଖାଗଲା ଯେ ସେ ନିଜର କାର୍‌ଟି ଠିକ୍‌ରୂପେ ଚଳାଇପାରୁଥିଲେ ମଧ୍ୟ ଅତୀତରେ ତାଙ୍କ କାର୍‌ରେ କେଉଁମାନେ ଯାଇଥିଲେ, ତାହା ସ୍ମରଣ କରିପାରୁ ନାହାନ୍ତି। ସେହିପରି ସେ ବର୍ତ୍ତମାନ ଭଲ ରୂପେ ଚେସ୍ ଖେଳୁପାରୁଥିଲେ ମଧ୍ୟ ଅତୀତରେ କାହା ସହିତ ଖେଳିଛନ୍ତି, ତାହା ମନେପକାଇ ପାରୁନାହାନ୍ତି। ଏହାର ତାତ୍ପର୍ଯ୍ୟ ହେଉଛି ଯେ ମସ୍ତିଷ୍କର ନିତିଦିନିଆ ସ୍ମରଣ କେନ୍ଦ୍ର କ୍ଷତିଗ୍ରସ୍ତ ହେଲେ ମଧ୍ୟ କୌଶଳଜ୍ଞାନର ମସ୍ତିଷ୍କ କେନ୍ଦ୍ର ଠିକ୍‌ଠାକ୍ ରହିଛି। ସୁତରାଂ ଗୋଟିକର ବିପର୍ଯ୍ୟୟ ସବୁଦିଗର ବିପର୍ଯ୍ୟୟ ନୁହେଁ।

ପରିଶେଷରେ କୁହାଯିବ ଯେ ବୟସ୍କମାନଙ୍କ କ୍ଷେତ୍ରରେ ପରିଦୃଷ୍ଟ ହେଉଥିବା ପ୍ରକାଣ୍ଡ ସ୍ମୃତିଭ୍ରଂଶ ଅଧିକାଂଶ ସମୟରେ ବାର୍ଦ୍ଧକ୍ୟଜନିତ ରୋଗ ଆଲ୍‌ଜେମର୍ କାରଣରୁ ଘଟିଥାଏ। ତେବେ ସବୁବେଳେ ଆଲ୍‌ଜେମର୍ କାରଣ ନୁହେଁ। ଆମ ଶରୀରରେ ଯେପରି ରକ୍ତସଞ୍ଚାଳନ ସଂସ୍ଥା ରହିଛି, ଆମ ମସ୍ତିଷ୍କରେ ମଧ୍ୟ ଏକ ରକ୍ତସଞ୍ଚାଳନ ସଂସ୍ଥା ରହିଛି। ଏହି ସଂସ୍ଥା ମସ୍ତିଷ୍କକୁ ଅମ୍ଳଜାନ ଦେଇଥାଏ ଏବଂ ମସ୍ତିଷ୍କର ସକ୍ରିୟତା ପାଇଁ ଅମ୍ଳଜାନ ଜରୁରୀ। ଏହି ରକ୍ତସଞ୍ଚାଳନରେ କୌଣସି କାରଣରୁ ବାଧା ଉପୁଜିଲେ ସ୍ମରଣ କ୍ରିୟା ବ୍ୟାହତ ହୁଏ। ଏହାକୁ ଭାସ୍କୁଲାର୍ ସ୍ମୃତିଭ୍ରଂଶ କୁହନ୍ତି।

ଆମକୁ ମନେରଖିବାକୁ ଦେବ ଯେ ସ୍ମରଣର ଝରକା ବହୁବିଧ; ରୂପରେଖରେ ଭିନ୍ନତା ଅଛି। ସୁତରାଂ ଗୋଟିଏ ଧରଣର ସ୍ମୃତି ସମସ୍ୟାବିଜଡିତ ହେଲେ ଆତଙ୍କିତ ନ ହୋଇ ପ୍ରତିବିଧାନ କରିବା ଉଚିତ୍। ଗୋଟିଏ ଝରକାର ସମସ୍ୟା ସାମଗ୍ରିକ ସମସ୍ୟା ନୁହେଁ।

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

ଶୈଶବର ନିର୍ବିକଳ୍ପ ପରିବାର

ଜଗନ୍ନାଥ ବେହେରା

ନିଷ୍ପାପ ଶିଶୁ, ହସ ହସ ମୁହଁ, ଖନି ଖନି କଥା, ପଡ଼ି ଉଠି ଚାଲି। ବୁଝେ ନାହିଁ ଖରାପ-ଭଲ ଭିତରେ ଅନ୍ତର। ଶତ୍ରୁ-ମିତ୍ର ଭେଦଭାବ। ଶିଶୁ ପାଇଁ ପିତାମାତା ଆଦି ଗୁରୁ, ଯିଏ ଶିଶୁକୁ ଚିହ୍ନାଇ ଦେଇଥାଏ କାଉ, କୋଇଲି, ଜହ୍ନ, ମାଛ, ଦାଦା, ଭାଇ ଇତ୍ୟାଦି। ପରିବାର ହେଉଛି ଦୀକ୍ଷା ଗୁରୁ, ଯିଏ ସଂସ୍କାର ଶିକ୍ଷା ଦିଏ। ସାଙ୍ଗସାଥୀ ହେଉଛନ୍ତି କର୍ଣ୍ଣଗୁରୁ, ଯେଉଁମାନେ ଭଲ, ମନ୍ଦ, ପାପ ପୁଣ୍ୟ ଓ ଅନେକ ଗୁପ୍ତ କଥା ଶିଖାଇ ଥା'ନ୍ତି, ଯାହା ପରିବାର ଶିକ୍ଷା ଦେଇ ପାରେ ନାହିଁ। ଗାଁ ପ୍ରକୃତି ଓ ପରିବେଶ ଶିଶୁର ଶାରୀରିକ ଓ ମାନସିକ ବୃଦ୍ଧିର ଗୁରୁ, ଯିଏ ଫଳନ୍ତି ଗଛର ସହିବା ଶକ୍ତି ଶିଖାଇ ଦିଏ, ଆକାଶରେ ଉଡ଼ିବାର ସ୍ୱପ୍ନ ଭରିଦିଏ। ପରେ ଆସନ୍ତି ବିଦ୍ୟା ଗୁରୁ, ଯିଏ କେବଳ କିଛି ଶବ୍ଦ ଚିହ୍ନିବାକୁ ଶିକ୍ଷା ଦିଅନ୍ତି।

ବର୍ତ୍ତମାନ କିନ୍ତୁ ଏ କ୍ରୂର ସମାଜ ଶିଶୁଙ୍କୁ ପାଠ ନାଁ ରେ ପରିବାର ଓ ପ୍ରକୃତିଠାରୁ ଛଡ଼ାଇ ନେଉଛି। ମଣିଷ ପାଠକୁ ହିଁ ମୁଖ୍ୟ ବାଟ ବୋଲି ଧରି ନେଇଛନ୍ତି। ବହି ବସ୍ତାନି ବିନା ସତେଯେମିତି ମଣିଷ ଅନ୍ଧାର ଭିତରକୁ ଚାଲିଯିବ। ଜନ୍ମ ନେଉ ନେଉ ହାତରେ ଖଡ଼ି ପଟା ଧରି ମୁଣ୍ଡୁଳା ବୁଲାଇ ଦେଇ ମଥାରେ ଚନ୍ଦନ ପରି ପୁଳାଏ ଲେସି ଦେଲେ ପିଲା ମହାଜ୍ଞାନୀ ସାଜି ବଡ଼ ଚାକିରି କରିବ। ଭବିଷ୍ୟତ ଉଜ୍ଜ୍ୱଳ ହେବ। ତିନି ବର୍ଷର ଶିଶୁ ବର୍ତ୍ତମାନ ବାଟିକାରେ ଅଙ୍ଗନୱାଡି କେନ୍ଦ୍ରରେ ଶିକ୍ଷକଙ୍କ ବେତ ଭୟରେ ଚୁପ ଚାପ୍ ବସି ରହି ନିଜ ଶରୀରର ଗଠନ ପ୍ରକ୍ରିୟାକୁ ନଷ୍ଟ କରିଦିଏ। ହସିବା, ବସିବା, ସାଙ୍ଗ ସାଥୀ ସଙ୍ଗରେ ବୁଲିବା, ଶବ୍ଦ ଶିଖିବା, ପ୍ରଜାପତି ଦେଖି କିଛି କଳ୍ପନା କରିବା, ପଶୁ ପକ୍ଷୀ ବୃକ୍ଷଲତାଠାରୁ କିଛି ଶିଖିବା ସମୟକୁ ବନ୍ଦୀଶାଳାରେ ବିତେଇ ଦେବାକୁ ଆମେ ବାଧ୍ୟ କରୁ। ଜେଜେ ମା', ଜେଜେ ବାପା, ଅଜା, ଆଈ ମୁହଁରୁ ଗପଟିଏ ଶୁଣାଇ ଶିଖିବାର ପ୍ରଥାକୁ ଛଡ଼ାଇ ନେଉ। ଅନେକ ଅବୁଝା ଶବ୍ଦ ଜବରଦସ୍ତ ଭରି କରି ଦେଉ। ହସ ଖୁସି ସମୟରେ ଆମେ ନିର୍ଯାତନା ଆରମ୍ଭ କରି ଦେଉ। ପଡ଼ିଶା ଘର ପିଲା ସହିତ ତୁଳନା କରି ଆମ ପିଲା ନିକଟରେ ଥିବା ସୃଜନଶୀଳ କ୍ଷମତାକୁ ଚାପି ଦେଉ।

ଆଜିର ସମୟହୀନ ଶିକ୍ଷିତ ପିତାମାତାଙ୍କ ପାଇଁ ଲକ୍ଷ ଲକ୍ଷ ପ୍ଲେ ସ୍କୁଲ ଗଢ଼ି ଉଠିଛି। କୋଚିଂ ସେଣ୍ଟର୍‌ଗୁଡ଼ିକ ଠିଆ ହୋଇ ଯାଇଛି। ନୈତିକ ଶିକ୍ଷାର ମୂଲ୍ୟବୋଧ ବଦଳରେ ସାର୍ଟିଫିକେଟର ମାନରେ ବାନ୍ଧି ଦିଆଯାଉଛି ଲୋକଙ୍କୁ। ଉଡ଼ାଜାହାଜ ତିଆରି କରିଥିବା ରାଇଟ୍ ଭାତୃଦ୍ୱୟ, ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିଥିବା ନିଉଟନ୍, ଦୂରବୀକ୍ଷଣ ଯନ୍ତ୍ର ଉଦ୍‌ଭାବନ କରିଥିବା ଗାଲିଲିଓ କେଉଁ କଲେଜରେ ଇଞ୍ଜିନିୟର ପଢ଼ିଥିଲେ? ଭାସ୍କୋଡାଗାମାଙ୍କୁ କେଉଁ ପ୍ରାଧ୍ୟାପକ କଳାପଟାରେ ନକ୍ସା ଦେଖାଇ ପଢ଼ାଇ ଥିଲେ ଯେ ଭାରତ ବଙ୍ଗୋପସାଗର କୂଳରେ ଅବସ୍ଥିତ? ରେଡିଓ, ଟିଭି, ଘଣ୍ଟା ଆଦି ସୃଷ୍ଟି କରିଥିବା ବୈଜ୍ଞାନିକମାନେ କେଉଁ ବୟସରେ ବିଦ୍ୟାଳୟ ବାରଣ୍ଡା ଚଢ଼ିଥିଲେ? ଆଜିର ବାପା ମା' ପରିବାରଠାରୁ ପିଲାଙ୍କୁ ଅଲଗା କରି ଟଙ୍କା ଦେଇ ବିଭିନ୍ନ ହଷ୍ଟେଲରେ ଛାଡୁଛନ୍ତି। ସେତେବେଳେ କେଉଁଠି ହଷ୍ଟେଲ ଥିଲା? ପିଲାଙ୍କ ସ୍ୱାଧୀନତାକୁ ନିଜେ ବିକ୍ରି କରି ଦେଉଛନ୍ତି। ପାଠପଢ଼ାର ଚାପରେ ପିଲା ମାନସିକ ସ୍ତରରେ ଦୁର୍ବଳ ହେଇ ଯାଉଛି। ବର୍ତ୍ତମାନ ସମୟରେ ୩୫ ବର୍ଷ ବର୍ଗର ୬୦% ଲୋକ ମାନସିକ ସ୍ତରରେ ଦୁର୍ବଳ ହୋଇ ଯାଉଛନ୍ତି ବୋଲି ସର୍ଭେ କହୁଛି।

ପରିବାର ମଧ୍ୟରେ ରହୁଥିବା ବୈଦ୍ୟ ବିନା ପାଠରେ ନାଡ଼ି ଦେଖି ଡାକ୍ତର ପରି ରୋଗ ନିରୂପଣ କରି ପାରୁଥିଲେ। ଆଜି ବି ଅନେକ ଚାଷୀ ପରିବାରରେ ରହି ଦେଶକୁ ଅନ୍ନ ଦେବାରେ ସକ୍ଷମ। ଆଜି ମଧ୍ୟ ଅନେକ ଗାଁ ଗହଳିର ପିଲା ପରିବାର ମଧ୍ୟରେ ରହି ପାଠ ପଢ଼ି ବଡ଼ ଚାକିରି ଓ ଉଚ୍ଚ ପଦପଦବୀରେ ରହିଛନ୍ତି। ହଷ୍ଟେଲ ରହି ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଯେଉଁ ପିଲା ଇଞ୍ଜିନିୟର ଡାକ୍ତର ହୋଇଛନ୍ତି, ତାଙ୍କୁ ଜଣେ ଶ୍ରେଣୀରେ ସେକେଣ୍ଡ ଡିଭିଜନ ରଖି ପାସ ହୋଇଥିବା ପିଲା ଆଇଏଏସ ପାଇ ଶାସନ କରୁଛନ୍ତି। ପରିବାର ମଧ୍ୟରେ ରହି ତୃତୀୟ ଡିଭିଜନରେ ପାସ କରିଥିବା ପିଲାଟି ମନ୍ତ୍ରୀ, ବିଧାୟକ ହୋଇ ଡାକ୍ତର, ଇଞ୍ଜିନିୟର, କଲେକ୍ଟର, ଫରେଷ୍ଟର, ଆରକ୍ଷୀ ଅଧିକ୍ଷକଙ୍କ ପରି ଲୋକଙ୍କୁ ଶାସନ କରୁଛି। ଏଥିରୁ ହଷ୍ଟେଲ ଓ ପରିବାର ମଧ୍ୟରେ ରହି ଶିକ୍ଷା ଲାଭ କରିଥିବା ବଡ଼ ଉଦାହରଣ କ'ଣ ମିଳିପାରିବ?

ଶିଶୁଙ୍କୁ ପରିବାରଠାରୁ ଅଲଗା କରିବା ପୂର୍ବରୁ ପିତାମାତା ହଜାରେ ଥର ଚିନ୍ତା କରନ୍ତୁ। ଜରାଶ୍ରମ ପରି ଶିଶୁଙ୍କୁ ଏକ ଅଲୋଡ଼ା ଶିଶୁ ଆଶ୍ରମକୁ ପଠାଇ ଦେଉ ନାହାନ୍ତି ତ? ବାହାରେ ରଖି ସାମାଜିକ ସଂସ୍କାର, ସାମାଜିକ ରୀତିନୀତି, ଚାଲିଚଳଣ, ବେଶପୋଷାକ, ମାନମର୍ଯ୍ୟାଦା, ସହନଶୀଳତା ଆଦି ଶିଶୁଠାରୁ କିପରି ଆଶା କରିବା? ଅନ୍ୟର ଦୁଃଖ, ସୁଖରେ ଛିଡ଼ା ହେବା, ପର୍ବପର୍ବାଣୀରେ ମିଳିମିଶି କାର୍ଯ୍ୟ କରିବା, ପରସ୍ପରକୁ ସାହାଯ୍ୟ ସହଯୋଗ କରିବା ଗୁଣ ଶିଶୁଠାରୁ କେମିତି ପାଇବା? ଆଜି ମଧ୍ୟ ସମୟ ଅଛି, ଶିଶୁଙ୍କୁ ପରିବାର ସହିତ ରହିବାକୁ ଦିଅନ୍ତୁ। ଆମକୁ ମନେ ରଖିବାକୁ ହେବ ଯେ ଶିଶୁ ପାଇଁ ପରିବାରର ବିକଳ୍ପ ନାହିଁ।

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

ବାଇଶି ପାହାଚର ଗଙ୍ଗାରୁଦ୍ଧ ଶିଳା

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ମହାପ୍ରଭୁ ଜଗନ୍ନାଥଙ୍କର ଅନନ୍ୟ ଭକ୍ତ ଗଙ୍ଗବଂଶୀ ମହାରାଜା ଭାନୁଦେବ ଥିଲେ ଜଣେ ଅଦ୍ଭୁତ ଖିଆଲର ମଣିଷ। ସେ ଖାଉଥିବା ଫଳମୂଳ ଓ ପରିବାକୁ ନ କାଟି ଏକ କନାରେ ପୂରେଇ ପଥର ବା କାଠରେ ପିଟି ଖଣ୍ଡ ଖଣ୍ଡ କରାଯାଉଥିଲା। ତାଙ୍କ ରୋଷେଇ ଘରେ ଶିଳ ନ ଥିଲା। ମସଲାକୁ ମଧ୍ୟ ପଥରରେ ଛେଚି ବ୍ୟବହାର କରା ଯାଉଥିଲା। ତେଣୁ ପ୍ରଜାମାନେ ତାଙ୍କୁ 'ଅକଟା ଅବଟା ଭାନୁଦେବ' ବୋଲି କୁହାକୁହି ହେଉଥିଲେ। ତାଙ୍କ ରାଜତ୍ୱ କାଳରେ ଶ୍ରୀମନ୍ଦିରରେ ଏକ ଅଦ୍ଭୁତ ଘଟଣା ଘଟିଲା। ବାଇଶିପାହାଚର ତଳପାହାଚରୁ ଗଣି ଆସିଲେ ସପ୍ତମପାହାଚରେ ହଠାତ୍ ପାଣିର ଏକ ଝରଣା ସୃଷ୍ଟି ହେଲା। ବଉଳ ମାଳ ପଥରରେ ନିର୍ମିତ ପାହାଚ ଫଟେଇ ସୃଷ୍ଟି ହୋଇଥିବା ପାଣିର ଝରଣା ଦେଖି ଯାତ୍ରୀ, ସେବକ ଓ କ୍ଷେତ୍ରବାସୀ ଆଶ୍ଚର୍ଯ୍ୟଚକିତ ହେଲେ। ମାଟି ଓ ପଥର ଦେଇ ଝରଣାକୁ ବନ୍ଦ କରିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ବରଂ ଝରଣାରୁ ବେଳକୁ ବେଳ ଅଧିକରୁ ଅଧିକ ପାଣି ବାହାରି ବଡ଼ଦାଣ୍ଡକୁ ଜଳମଗ୍ନ କଲା। ସେବକ ଓ ଯାତ୍ରୀମାନେ ମନ୍ଦିରକୁ ଯିବାରେ ଅସୁବିଧା ସୃଷ୍ଟି ହେଲା। ମନ୍ଦିର ଅପରିଷ୍କାର ହେଲା। ଠାକୁରଙ୍କ ସେବାରେ ବିଭ୍ରାଟ ସୃଷ୍ଟି ହେଲା। କ୍ଷେତ୍ରବାସୀ କୁହାକୁହି ହେଲେ ଯେ 'ସେବକମାନେ ମହାପ୍ରଭୁଙ୍କ ସେବାପୂଜାରେ ଅନ୍ୟାଚାର କରୁଛନ୍ତି। ଯାତ୍ରୀଙ୍କୁ ଶୋଷଣ କରୁଛନ୍ତି। ମହାପ୍ରଭୁ ଭୋକରେ ରହୁଛନ୍ତି। ପ୍ରଥମ ସେବକ ରାଜା ମଧ୍ୟ ଅନୀତି କରୁଛନ୍ତି। କେତେ ସହନ୍ତା କାଳିଆ? ମନ୍ଦିର ନିର୍ମାଣ ପୂର୍ବରୁ ନୀଳାଚଳ ପର୍ବତରେ ଅନେକ ଝରଣା ଥିଲା। ସେହି ଚିରସ୍ରୋତା ଝରଣାରୁ ଗୋଟେ ଖୋଲିଦେଲେ ସାଆନ୍ତେ।' ପୁଣି ଆଉ କିଏ କହିଲା, 'ପ୍ରଭୁଙ୍କ ନଖକୋଣରେ ଗଙ୍ଗା। ମନ୍ଦିରର ଅନୀତି ଅନ୍ୟାଚାର ଦେଖି ସାଆନ୍ତେ ରାଗିକି ଗଙ୍ଗାକୁ ଆଦେଶ ଦେଇଛନ୍ତି। ତାଙ୍କ ଆଜ୍ଞା ବିନା ଧାର ବନ୍ଦ କରିବ କିଏ?'

ଶେଷରେ ସମସ୍ୟା ସମାଧାନ ପାଇଁ ରାଜା ଅଖିଆ ଅପିଆ ଗର୍ଭଗୃହରେ ଗୁହାରିଆ ପଡ଼ିଲେ। ଦେବୀ ବିମଳାଙ୍କୁ ପ୍ରାର୍ଥନା କରିବା ପାଇଁ ମହାପ୍ରଭୁ ରାଜାଙ୍କୁ ସ୍ୱପ୍ନରେ ଆଦେଶ ଦେଲେ। ରାଜା ମାତା ବିମଳାଙ୍କ ମନ୍ଦିରରେ ଅଧିଆ ପଡ଼ିଲେ। ରାଜାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମାଆ ବିମଳା ଶୂନ୍ୟବାଣୀରେ କହିଲେ, 'ଆଜି ରାତି ଓ କାଲି ଦିନର ସନ୍ଧିକ୍ଷଣରେ ମନ୍ଦିରରୁ ବାହାରି ଦକ୍ଷିଣପୂର୍ବ ଦିଗରେ ଏକମୁହାଁ ହୋଇ ଚାଲି ଚାଲି ଛଦ୍ମବେଶରେ ଯିବୁ। ରାତି ପାହି ନ ଥିବ, ସକାଳ ହୋଇ ନ ଥିବ। ପ୍ରଭୁଙ୍କର ବିଷ୍ଣୁଗାୟତ୍ରୀ ପାଠ କରି କରି କୌଣସି ସ୍ଥାନରେ ନ ଅଟକି ବାଙ୍କି ମୁହାଣରେ ପହଞ୍ଚିବୁ। ସତ୍ୟଯୁଗରେ ରାଜା ଇନ୍ଦ୍ରଦ୍ୟୁମ୍ନ ଏକସହସ୍ର ଅଶ୍ୱମେଧ ଯଜ୍ଞ କଲା ପରେ ମହାପ୍ରଭୁଙ୍କ ଦିବ୍ୟଦାରୁ ସେଠାରେ ପ୍ରକଟ ହୋଇଥିଲେ। ସେଠାରେ ତୁ ଏକ ଦିବ୍ୟ ପଦାର୍ଥ ଦେଖିବାକୁ ପାଇବୁ। ତାକୁ ଆଣି ଝରଣା ମୁହଁରେ ରଖିଦେଲେ ସ୍ରୋତ ବନ୍ଦ ହୋଇଯିବ।'

ମାଆ ବିମଳାଙ୍କ ଆଦେଶମତେ ରାଜା ବାଙ୍କି ମୁହାଣରେ ପହଞ୍ଚିଲେ। ସେଠାରେ ଜଣେ ଲୋମଶ ସାଧୁ ମହୋଦଧି ପାଣିରେ ଭାସୁଥିବା ଏକ ପଥର ଚାରି ପଟେ ନାଚି ନାଚି ଗାଉଥିଲେ - 'ହରି ବୋଲ ଭାଇ ଗୋବିନ୍ଦ ବୋଲ, ଭାସିଲା ପଥର ବୁଡ଼ିଲା ସୋଲ।' ରାଜା ଲୋମଶ ସାଧୁଙ୍କ ଆଡ଼କୁ ଯିବା ବେଳକୁ ସାଧୁ ଅନ୍ତର୍ଦ୍ଧାନ ହୋଇଗଲେ। ରାଜା ଦେଖିଲେ ଯେ ଏକ ମାଙ୍କଡ଼ା ପଥର ପାଣିରେ ଭାସୁଥିଲା। ରାଜା ଭାବିଲେ ଯେ ମାଆଙ୍କ ନିର୍ଦ୍ଦେଶିତ ପଦାର୍ଥ ସେହି ପଥର। ସେ ପଥରକୁ ପାଟକନାରେ ଗୁଡ଼େଇ ମୁଣ୍ଡରେ ମୁଣ୍ଡେଇ ଶ୍ରୀମନ୍ଦିର ଅଭିମୁଖେ ଚାଲିଲେ। ରାସ୍ତାରେ ଗଲା ବେଳେ ଅନେକ ଚିନ୍ତା ତାଙ୍କ ମୁଣ୍ଡକୁ ଆସୁଥିଲା - 'ପାଣିରେ ଭାସୁଥିବା ଏ ପଥର ତ୍ରେତୟା ଯୁଗରେ ସେତୁବନ୍ଧ ନିର୍ମାଣରେ ବ୍ୟବହୃତ ହୋଇଥିବା ପଥରରୁ ଗୋଟେ ନୁହେଁ ତ? ସେ ଲୋମଶ ସାଧୁ ହନୁମାନ ମହାରାଜ ନୁହନ୍ତି ତ?' କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ସେ ମନ୍ଦିରରେ ପହଞ୍ଚି ସାରିଥିଲେ। ପଥରଟାକୁ ନେଇ ଝରଣା ମୁହଁରେ ରଖିଦେବା ପରେ ଝରଣା ବନ୍ଦ ହୋଇଗଲା। ସେବକମାନେ ରାଜାଙ୍କୁ ଚିହ୍ନି ପାରିଲେ। 'ଜୟଜଗନ୍ନାଥ' ଓ ରାଜାଙ୍କର ଜୟଘୋଷରେ ବଡ଼ଦାଣ୍ଡ କମ୍ପି ଉଠିଲା। ପଥର ଦ୍ୱାରା ଗଙ୍ଗାଙ୍କ ପ୍ରବାହ ବନ୍ଦ ହୋଇଥିବାରୁ ସେ ପଥରକୁ 'ଗଙ୍ଗାରୁଦ୍ଧ ଶିଳା' କୁହାଗଲା।

ମୋ: ୯୯୦୦୦୮୩୪୩୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ନିବେଶ ଆଳରେ ୫ କୋଟିର ସାଇବର୍ ଠକେଇ

ଗୁଜରାଟରୁ ୨ ଠକଙ୍କୁ ବାନ୍ଧିଲା କ୍ରାଇମବ୍ରାଞ୍ଚ

କଟକ, ୩।୨ (ସମିସ): ଅନଲାଇନ୍ ନିବେଶ ଆଳରେ ଓଡ଼ିଶାରୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିଥିବା ୨ ସାଇବର୍ ଠକଙ୍କୁ କ୍ରାଇମବ୍ରାଞ୍ଚ ଗୁଜରାଟ ଭାବନଗରରୁ ଗିରଫ କରିଛି। ଗିରଫ ଠକଦ୍ୱୟ ହେଲେ, ଗୋୟାନୀ ମିଲନଭାଇ ଭୁପତଭାଇ (୩୧) ଓ କୋଶିୟା ବୈଭବ ଜିତେନ୍ଦ୍ରଭାଇ (୩୦)।

ସେମାନଙ୍କ ପାଖରୁ କ୍ରାଇମ୍‌ବ୍ରାଞ୍ଚ ମୋବାଇଲ ଫୋନ୍ ଏବଂ ସିମ୍‌କାର୍ଡ ସମେତ ଅନେକ ଆପତ୍ତିଜନକ ସାମଗ୍ରୀ ଜବତ କରିଛି। ପୂର୍ବରୁ ଏହି ମାମଲାରେ ଆସାମରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

ସୂଚନାନୁଯାୟୀ, ଗତ ୨୦୨୫ ମାର୍ଚ୍ଚ ୧୭ରେ ଠକମାନେ ଅଭିଯୋଗକାରୀଙ୍କୁ ହ୍ୱାଟସ୍‌ଆପ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ। ତାଙ୍କୁ ଇକ୍ୟୁଟି-ହବ୍ ନାମକ ଏକ ହ୍ୱାଟସ୍-ଆପ୍ ଗ୍ରୁପ୍‌ରେ ସାମିଲ କରାଯାଇଥିଲା। ଠକଜଣଙ୍କ ନିଜକୁ ହ୍ୱାର୍ଟନ୍ ସ୍କୁଲ୍ ଗ୍ରାଜୁଏଟ୍ ଏବଂ ଜେପି ମୋର୍ଗାନର ପୂର୍ବତନ ପାଣ୍ଠି ପରିଚାଳକ ଭାବେ ପରିଚୟ ଦେଇଥିଲେ। ଏହି ଗ୍ରୁପରେ ସେୟାର୍ ବଜାର ଏବଂ ନିଫ୍ଟି-୫୦ର ବୈଷୟିକ ବିଶ୍ଳେଷଣ ସଂପର୍କରେ ମାଗଣା ପରାମର୍ଶ ଦିଆଯାଉଥିଲା। ଅଭିଯୋଗକାରୀ ଠକମାନଙ୍କ କଥାରେ ପଡ଼ି ଗତ ୨୦୨୫ ମାର୍ଚ୍ଚ ୧୭ରୁ ୨୦୨୫ ଏପ୍ରିଲ୍ ୯ ମଧ୍ୟରେ ମୋଟ ୫କୋଟି ୧୪ଲକ୍ଷ ଟଙ୍କା ୫୪ ଥରରେ ୮ଟି ଭିନ୍ନଭିନ୍ନ ଆକାଉଣ୍ଟକୁ ପଠାଇଥିଲେ। ତାଙ୍କ ଟ୍ରେଡିଂ ଆକାଉଣ୍ଟରେ ଏହି ଅର୍ଥରାଶି ୩ ଗୁଣ ବଢ଼ି ୧୨କୋଟି ଟଙ୍କା ହୋଇଥିବା ଦେଖାଯାଉଥିଲା। ମାତ୍ର ଯେତେବେଳେ ସେ ଟଙ୍କା ଉଠାଇବାକୁ ଚାହିଁଲେ, ବିଭିନ୍ନ ବାହାନା ଦେଖାଇ ତାଙ୍କୁ ମନା କରି ଦିଆଯାଇଥିଲା। ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ଏ ସଂପର୍କରେ ସାଇବର୍ ଥାନାରେ ଏତଲା ଦେଇଥିଲେ। ଇନ୍ସପେକ୍ଟର୍ ରାଜକିଶୋର ବେହେରାଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ଡିଜିଟାଲ ପ୍ରମାଣ ଏବଂ ବ୍ୟାଙ୍କ କାରବାରକୁ ଯାଞ୍ଚ କରି ଗୁଜରାଟରୁ ଦୁଇ ଜଣଙ୍କୁ ଚିହ୍ନଟ ସହ ଗିରଫ କରିଥିଲେ।

ଅଦାଲତରେ ହାଜରର ଦୁଇଘଣ୍ଟା ପୂର୍ବରୁ ଅଭିଯୁକ୍ତଙ୍କୁ ଗିରଫଦାରୀର କାରଣ ଜଣାଅ: ହାଇକୋର୍ଟ

କଟକ, ୩।୨(ସମିସ): ଫୌଜଦାରୀ ମାମଲାରେ ଗିରଫ ହେଉଥିବା ଅଭିଯୁକ୍ତଙ୍କୁ ଅଦାଲତରେ ହାଜର କରିବାର ଦୁଇଘଣ୍ଟା ପୂର୍ବରୁ ଅପରାଧ ଓ ଗିରଫଦାରୀର କାରଣ ସଂକ୍ରାନ୍ତରେ ଲିଖିତ ଭାବେ ଜଣାଇବା ଉଚିତ ବୋଲି କହିଛନ୍ତି ହାଇକୋର୍ଟ। ଏ ସଂକ୍ରାନ୍ତରେ ଅଭିଯୁକ୍ତଙ୍କୁ ଅବଗତ କରିବେ ଗିରଫ କରିଥିବା ଅଧିକାରୀ। ଗିରଫଦାରୀର କାରଣ ସଂକ୍ରାନ୍ତରେ ଅବଗତ କରାନଯିବା ଅଭିଯୁକ୍ତଙ୍କ ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ଏକ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଦୁଷ୍ମନ୍ତ ଶବରଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗିରଫର କାରଣ ସଂକ୍ରାନ୍ତରେ ଅବଗତ କରାଯାଇନଥିବା ଘଟଣା ସ୍ପଷ୍ଟ ହେବା ପରେ ଅଭିଯୁକ୍ତ ତଥା ଆବେଦନକାରୀଙ୍କୁ ଜାମିନରେ ଛାଡ଼ିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୫ହଜାର ଟଙ୍କାର ଜଣେ ଜାମିନଦାରଙ୍କ ବଦଳରେ ଭବାନୀପାଟଣା ସ୍ୱତନ୍ତ୍ର ପୋକସୋ ଅଦାଲତ ଆବେଦନକାରୀଙ୍କୁ ଜାମିନରେ ଛାଡ଼ିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଧାରା ୨୨(୧) ଓ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ର ଧାରା ୪୭ରେ ରହିଥିବା ଏ ସଂପର୍କିତ ବ୍ୟବସ୍ଥା ପାଳନରେ ଯଦି ଗିରଫ କରିଥିବା ଅଧିକାରୀ ଅବହେଳା କରନ୍ତି, ତେବେ ଅଭିଯୁକ୍ତଙ୍କୁ ଅଦାଲତ ଜାମିନରେ ଛାଡ଼ିବାର ବ୍ୟବସ୍ଥା ରହିଛି ବୋଲି ହାଇକୋର୍ଟ ଏପରି ରାୟ ଦେଇଛନ୍ତି। ପ୍ରକାଶ ଯେ ଜଇପାଟଣା ଥାନାରେ ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗ ନେଇ ରୁଜୁ ମାମଲାରେ ଆବେଦନକାରୀଙ୍କୁ ଗିରଫ କରାଯାଇଥିଲା। ଗିରଫର କାରଣ ସଂକ୍ରାନ୍ତରେ ଅଭିଯୁକ୍ତଙ୍କୁ ଅବଗତ କରାଯାଇ ନଥିବା ଅଭିଯୋଗ ହୋଇଥିଲା। ସାମ୍ବିଧାନିକ ବ୍ୟବସ୍ଥା ଓ ବିଏନଏସଏସର ଧାରା ୪୭ଅନୁସାରେ ପ୍ରତ୍ୟେକ ପୁଲିସ ଅଧିକାରୀ ବା ଅନ୍ୟ କେହି ବିନା ପରୱାନାରେ କୌଣସି ବ୍ୟକ୍ତିଙ୍କୁ ଗିରଫ କଲେ, କେଉଁ ଅପରାଧ ପାଇଁ ବା ଅନ୍ୟାନ୍ୟ କାରଣ ପାଇଁ ତାଙ୍କୁ ଗିରଫ କରାଯାଉଛି, ତାହାର ସବୁ ବିବରଣୀ ତାଙ୍କୁ ଜଣାଇବେ। କିନ୍ତୁ ଆବେଦନକାରୀଙ୍କ କ୍ଷେତ୍ରରେ ଏପରି ନିୟମ ପାଳନ କରାଯାଇ ନଥିବା ସ୍ପଷ୍ଟ ହୋଇଥିଲା।

ରାଉରକେଲା ପୁଲିସ ନିକଟରେ ମାଓବାଦୀଙ୍କ ଆତ୍ମସମର୍ପଣ

ରାଉରକେଲା, ୩।୨(ସମିସ): ମାଓ ଦମନ ଅଭିଯାନରେ ରାଉରକେଲା ପୁଲିସକୁ ସଫଳତା ମିଳିଛି। କୁଖ୍ୟାତ ମାଓବାଦୀ ଅମ୍ବଲେନ୍ ହୋନହଗା ଓରଫ୍ ପ୍ରଭୁ(୧୮) ରାଉରକେଲା ପୁଲିସ ନକଟରେ ଆତ୍ମସମର୍ପଣ କରିଛି। ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ

ଡିଆଇଜି ବ୍ରିଜେଶ ରାଏ ଓ ଏସ୍‌ପି ନୀତେଶ ୱାଧୱାନୀ ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଅମଲେନ୍‌ର ଘର ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ ଜିଲ୍ଲା ଛୋଟନାଗରା ଥାନା ହଲମୁଲି ଗ୍ରାମରେ। ସେ ୨୦୨୪ ମସିହାରେ ମାଓ ସଂଗଠନ ସଦସ୍ୟ ବିର୍ସାଙ୍କ ଜରିଆରେ ମାଓ ସଂଗଠନରେ ସାମିଲ ହୋଇଥିଲେ। ପରେ ତାଙ୍କୁ ଲୋକାଲ ଗରିଲା ସ୍କ୍ୱାଡ୍ ସଦସ୍ୟ ଭାବେ ସଂଗଠନର ପଶ୍ଚିମ ଛୋଟନାଗରା ଡିଭିଜନ୍ ଦାୟିତ୍ୱ ଦିଆଯାଇଥିଲା। ଅମ୍ବଲେନ୍ ସରଣ୍ଡା ଅଞ୍ଚଳରେ ବିଭିନ୍ନ ମାଓ କାର୍ଯ୍ୟରେ ସଂଶ୍ଳିଷ୍ଟ ହେବା ସହ ମାଓ କ୍ୟାମ୍ପରେ ରାସନ ସମେତ ଅନ୍ୟ ସାମଗ୍ରୀ ଯୋଗାଇବା ଦାୟିତ୍ୱ ଏବଂ ସଂଗଠନର ଅନ୍ୟାନ୍ୟ ବିଭିନ୍ନ କାର୍ଯ୍ୟ ଉପରେ ନଜର ରଖିଥିଲା। ମାଓ କ୍ୟାମ୍ପରେ ଦୀର୍ଘ ୧ବର୍ଷ ରହିବା ପରେ ବି ତାଙ୍କୁ କୌଣସି ବ୍ୟକ୍ତିଗତ ଲାଭ ହୋଇନଥିଲା। ଓଲଟି ତାଙ୍କୁ ନାନାଦି ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ତେଣୁ ସେ ସଂଗଠନରୁ ଦୂରେଇ ଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିଲେ।

ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଚାଲାଣ ପଇଠ ମାମଲା

ହାଇକୋର୍ଟରେ ପରିବହନ କମିସନରଙ୍କ ସତ୍ୟପାଠ

କଟକ, ୩।୨(ସମିସ): ବକେୟା ଚାଲାଣ ପଇଠ ନକଲେ ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର(ପିୟୁସିସି) ପ୍ରଦାନରେ କଟକଣା ସଂପର୍କିତ ମାମଲାରେ ପରିବହନ କମିସନରଙ୍କ ପକ୍ଷରୁ ଆଜି ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ପରିବହନ ବିଭାଗ ପକ୍ଷରୁ ଦର୍ଶାଯାଇଛି ଯେ କେନ୍ଦ୍ର ପରିବହନ ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ବାହାନ ପୋର୍ଟାଲରେ ଚାଲାଣ ପଇଠ ନକଲେ ପ୍ରଦୂଷଣ ପ୍ରମାଣପତ୍ର ଜାରି ଉପରେ ଅଙ୍କୁଶ ଲଗାଯାଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ଏହି ମାମଲାର ଶୁଣାଣି କରିଥିବା ବେଳେ ଆସନ୍ତା ୧୦ତାରିଖରେ ଏହାର ପୂର୍ଣ୍ଣାଙ୍ଗ ଶୁଣାଣି ଅନୁଷ୍ଠିତ ହେବ। ଅପରପକ୍ଷେ, ଏହି ସତ୍ୟପାଠକୁ ରେକର୍ଡଭୁକ୍ତ କରିବା ସହ ପରବର୍ତ୍ତୀ ଶୁଣାଣି ବେଳେ ଏହି ପ୍ରସଙ୍ଗରେ ଶୁଣାଣି

୧୦ରେ ପୂର୍ଣ୍ଣାଙ୍ଗ ଶୁଣାଣି

କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରକାଶଥାଉକି ପୂର୍ବରୁ ପ୍ରଦୂଷଣ ପ୍ରମାଣପତ୍ର ପାଇବା ପାଇଁ ବାକି ଚାଲାଣଗୁଡ଼ିକ ଆଦାୟ କରାଯାଇପାରିବା ନେଇ ନିୟମ ରହିଥିବା ନେଇ ପରିବହନ ବିଭାଗ କରିଥିବା ଯୁକ୍ତିକୁ ହାଇକୋର୍ଟ ଅଗ୍ରାହ୍ୟ କରିବା ସହ ଏନେଇ ସତ୍ୟପାଠ ଦେବାକୁ ପରିବହନ କମିସନରଙ୍କୁ ନିର୍ଦ୍ଦେଶ ରହିଥିଲା। ପ୍ରଦୂଷଣ ପ୍ରମାଣପତ୍ର ପାଇଁ ବାକି ଚାଲାଣଗୁଡ଼ିକୁ ଭରିବା ପାଇଁ ବାଧ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ। ଏଥିସହ ଏନେଇ ରହିଥିବା ଦ୍ୱନ୍ଦ୍ୱକୁ ବାହାନ ପୋର୍ଟାଲରେ ସଂଶୋଧନ କରିବା ପାଇଁ ରାଜ୍ୟ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସମସ୍ତଙ୍କ ପାଇଁ...

ସହାୟତା ମିଳିପାରିବ। ଏ ପର୍ଯ୍ୟନ୍ତ ପର୍ବତାରୋହଣକୁ ଧନୀ ତଥା ପ୍ରାୟୋଜକଙ୍କ ଖେଳ କୁହାଯାଉଥିଲା। କାରଣ ଶୁଳ୍କକୁ ବଡ଼ ବୋଝ ଧରାଯାଉଥିଲା। ନୂଆ ମାର୍ଗଦର୍ଶିକାରେ ଗିରିଶୃଙ୍ଗ ଦେୟ, କ୍ୟାମ୍ପ ଶୁଳ୍କ, ଟ୍ରେଲ ମ୍ୟାନେଜମେଣ୍ଟ ଫିସ ଏବଂ ପରିବେଶ ଶୁଳ୍କ ଆଦିକୁ ଶୂନ କରି ଦିଆଯାଇଛି। ଏହା ଦ୍ୱାରା ୧୫ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ହେବ। ବିଦେଶୀ ପର୍ବତାରୋହୀଙ୍କୁ ମଧ୍ୟ ବଡ଼ ଆଶ୍ୱସ୍ତି ମିଳିଛି। ସେମାନଙ୍କ ପାଇଁ ଅଭିଯାନ ଶୁଳ୍କକୁ ଉଚ୍ଛେଦ କରିଦିଆଯାଇଛି।

ଲୋକସଭାରେ ନର୍‌ବାଣେ...

ଯେହେତୁ ଏହି ପୁସ୍ତକ ପ୍ରକାଶ ପାଇନାହିଁ, ଏହାର ତଥ୍ୟ ଗୃହରେ ଉପସ୍ଥାପିତ କରାଯାଇ ପାରିବ ନାହିଁ ବୋଲି ସରକାର ଯୁକ୍ତି କରି ରାହୁଲଙ୍କୁ ବିରୋଧ କରୁଛନ୍ତି। ବାଚସ୍ପତି ମଧ୍ୟ ରୁଲିଂ ଦେଇଛନ୍ତି ଯେ ଅପ୍ରକାଶିତ ପୁସ୍ତକକୁ ଗୃହରେ କୌଣସି ସଭ୍ୟ ଉଦ୍ଧାର କରିପାରିବେ ନାହିଁ। କିନ୍ତୁ ରାହୁଲ ତାଙ୍କ ଜିଦରେ ଅଟଳ ରହିଛନ୍ତି ଏବଂ ବିରୋଧୀ ସଭ୍ୟମାନେ ମଧ୍ୟ ତାଙ୍କୁ ସମର୍ଥନ କରୁଛନ୍ତି। ଏହି କାରଣରୁ ଗତକାଲି ଲୋକସଭା ଚାଲିପାରିନଥିଲା। ଆଜି ଗୃହ ଆରମ୍ଭ ପରେ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା। ରାହୁଲ ଜେନେରାଲ ନର୍ବାଣେଙ୍କ ପୁସ୍ତକର କିଛି ଅଂଶ ଉଦ୍ଧାର କରିବା ଲାଗି ଜିଦ୍ ଧରିଥିଲେ। ସରକାର କାହିଁକି ଡରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। କିନ୍ତୁ ତାଙ୍କୁ କହିବା ଲାଗି ବାଚସ୍ପତି ଅନୁମତି ଦେଇନଥିଲେ। ରାହୁଲ କହିଥିଲେ, ଭାରତର ବୈଦେଶିକ ନୀତି ସଂପର୍କରେ ଆଲୋଚନା କରାଯାଇପାରିବ, କାରଣ ଏହା ହେଉଛନ୍ତି ରାଷ୍ଟ୍ରପତିଙ୍କ ଅଭିଭାଷଣର ଏକ ଅଂଶ। ୨୦୨୦ରେ ଲଦାଖ ସୀମାରେ ଭାରତ ଓ ଚୀନ ମଧ୍ୟରେ କଣ ହେଲା ଏବଂ ପ୍ରଧାନମନ୍ତ୍ରୀଙ୍କ ପ୍ରତିକ୍ରିୟା କଣ ଥିଲା, ତାହା ଉପରେ ଆଲୋଚନା ହେବା ଉଚିତ। ଜେନେରାଲ ନର୍ବାଣେ ଏସଂପର୍କରେ ଅନେକ ବିସ୍ଫୋରକ ତଥ୍ୟ ଦେଇଛନ୍ତି। ଏହା ଉପରେ ମୁଁ କିଛି କହିବାକୁ ଚାହୁଁଛି, କିନ୍ତୁ କାହିଁକି କହିବାକୁ ଦିଆଯାଉ ନାହିଁ ବୋଲି ରାହୁଲ ବିସ୍ମୟ ପ୍ରକାଶ କରିଥିଲେ। ଏହି ସମୟରେ ଗୃହର ଅଧ୍ୟକ୍ଷତା କରୁଥିବା କୃଷ୍ଣ ପ୍ରସାଦ ଟେନ୍ନେଟି କହିଥିଲେ ଯେ ରାହୁଲ ପ୍ରଥମେ ତଥ୍ୟ ବାଚସ୍ପତିଙ୍କୁ ଦିଅନ୍ତୁ। ଏହା ଉପରେ ଆଲୋଚନା ହୋଇପାରିବ କି ନାହିଁ ତାହା ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ। ଏହା ଉପରେ ରାହୁଲଙ୍କୁ ଆଉ କିଛି କହିବାକୁ ସେ ବାରଣ କରିଥିଲେ।

ଏହାକୁ ନେଇ ଗୃହରେ ବିରୋଧୀ ଦଳମାନେ ପ୍ରବଳ ହଙ୍ଗାମା କରିଥିଲେ। ଏହି ପ୍ରସଙ୍ଗ ଉପରେ ରାହୁଲଙ୍କୁ କହିବାକୁ ଅନୁମତି ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। କିନ୍ତୁ ଅଧ୍ୟକ୍ଷ କିଛି ନଶୁଣିବାରୁ ସେମାନେ କାଗଜ ଚିରି ବାଚସ୍ପତିଙ୍କ ଚୌକି ଆଡ଼କୁ ଫୋପାଡ଼ିଥିଲେ। ଏଭଳି ଆଚରଣ ପାଇଁ ବିରୋଧୀ ଦଳର ୮ ଜଣ ସାଂସଦଙ୍କୁ ସସପେଣ୍ଡ କରାଯାଇଥିଲା। ଏହାପରେ ଗୃହକୁ ଆଜି ଦିନକ ପାଇଁ ମୁଲତବୀ କରିଦିଆଯାଇଥିଲା।

ଇତିମଧ୍ୟରେ ରାହୁଲ ଗାନ୍ଧୀ ଆଜି ବାଚସ୍ପତି ଓମ୍ ବିର୍ଲାଙ୍କୁ ଏକ ପତ୍ର ଲେଖି ଗୃହରେ ତାଙ୍କୁ କହିବାକୁ ଦିଆଯାଉ ନଥିବାରୁ ଏହାର ପ୍ରତିବାଦ ଜଣାଇଛନ୍ତି। ବାଚସ୍ପିଙ୍କ ଏଭଳି ଆଚରଣକୁ ଗଣତନ୍ତ୍ର ଉପରେ କଳଙ୍କ ବୋଲି ବର୍ଣ୍ଣନା କରିଛନ୍ତି। ସେ ଲେଖିଛନ୍ତି ଯେ ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ବେଳେ ଭାରତ-ଚୀନ ସଂପର୍କ ନେଇ ଆଲୋଚନା କରାଯାଇ ପାରିବ। କିନ୍ତୁ ଏହା କରାଇ ଦିଆଯାଉ ନାହିଁ। ପ୍ରତ୍ୟେକ ସାଂସଦଙ୍କୁ ଅଧିକାରର ସୁରକ୍ଷା ଦେବାର ଦାୟିତ୍ୱ ହେଉଛି ବାଚସ୍ପତିଙ୍କର। କିନ୍ତୁ ବିରୋଧୀ ଦଳର ନେତା ଓ ଅନ୍ୟମାନଙ୍କ ଏଭଳି ଅଧିକାରକୁ ଦମନ କରାଯାଉଛି ବୋଲି ସେ ଉଦବେଗ ପ୍ରକାଶ କରିଛନ୍ତି।

ଲାଭରେ ରହିବ...

ଭାରତ ଏହାର ଶୁଳ୍କ ଏବଂ ଅଣ-ଶୁଳ୍କ ବାଧାକୁ ଶୂନ୍ୟକୁ ହ୍ରାସ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ 'ବାଏ ଆମେରିକାନ୍' ପଦକ୍ଷେପ ଅଧୀନରେ ଆମେରିକାରୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ କ୍ରୟ ପ୍ରତିଶ୍ରୁତି ଦେଇଛନ୍ତି। ଭାରତ ଆମେରିକାରୁ ୫୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ଶକ୍ତି, ପ୍ରଯୁକ୍ତିବିଦ୍ୟା, କୃଷି ଉତ୍ପାଦ, କୋଇଲା ଏବଂ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରିବ ବୋଲି କହିଛନ୍ତି। ଭାରତ ଏବେ ୫୦ ବିଲିୟନ ଡଲାରର ସାମଗ୍ରୀ କିଣୁଥିବା ବେଳେ ଏହା କିପରି ୫୦୦ ଡଲାରକୁ ବୃଦ୍ଧି ପାଇବ? ଟ୍ରମ୍ପ ଏଭଳି ଚାପ କାହିଁକି ପକାଉଛନ୍ତି, ସେସଂପର୍କରେ ଭାରତ ସରକାର ନିରବ ରହିଛନ୍ତି। ଟ୍ରମ୍ପ୍ କହିଛନ୍ତି ଯେ ଭାରତ ରୁଷରୁ ତେଲ କିଣିବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏଣିକି ଭାରତ ଆରେମିକା ଓ ଭେନେଜୁଏଲାରୁ ତେଲ କିଣିବାକୁ ପ୍ରତିଶ୍ରୁତି ଦେଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ବନ୍ଧୁତା ଏବଂ ସମ୍ମାନ ଯୋଗୁଁ ଆମେରିକା ଏବଂ ଭାରତ ମଧ୍ୟରେ ଏହି ବାଣିଜ୍ୟ ଚୁକ୍ତି ଉପରେ ସହମତ ହୋଇଛୁ ବୋଲଇ ଟ୍ରମ୍ପ୍ କହିଛନ୍ତି। ଅନ୍ୟପକ୍ଷରେ ଆମେରିକାର ୫୦୦ ବିଲିୟନ ଡଲାରର ବାଣିଜ୍ୟ ଚୁକ୍ତି ଦାବି ପରେ ମଙ୍ଗଳବାର ଏହାକୁ ନେଇ ସଂସଦରେ ଯଥେଷ୍ଟ ବିତର୍କ ହୋଇଛି। ପ୍ରଧାନମନ୍ତ୍ରୀ ବାଣିଜ୍ୟ ଚୁକ୍ତିରେ ଦେଶର କୃଷକଙ୍କ କଠିନ ପରିଶ୍ରମକୁ ବିକ୍ରି କରିଦେଇଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା ବାଣିଜ୍ୟିକ ଚୁକ୍ତି ଉପରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ମଙ୍ଗଳବାର ସରକାରଙ୍କ ପକ୍ଷ ରଖିଛନ୍ତି। ସେ କହିଛନ୍ତି ଯେ ଆମେରିକା ସହିତ ବହୁ ପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତି ସଫଳତାର ସହ ଶେଷ ହୋଇଛି। ଏଥରେ କୃଷକଙ୍କୁ ପ୍ରାଥମିକତା ଦିଆଯାଇଛି। ଏହା କୃଷି, ଦୁଗ୍ଧ ଓ ସମ୍ବେଦନଶୀଳ କ୍ଷେତ୍ରକୁ ସୁରକ୍ଷା ଦେବ।

ପ୍ରଶାସନ ଲୁଚାଇଲା...

ବିଭାଗମାନଙ୍କୁ ଧାର୍ଯ୍ୟ ଅନୁସାରେ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ପୂରଣ କରିବାକୁ ମୁଖ୍ୟ ଶାସନ ସଚିବ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ କୁହାଯାଇଛି ଯେ ଇତି ମଧ୍ୟରେ କେନ୍ଦ୍ର ବଜେଟ୍ ଆଗତ ହୋଇସାରିଛି। ତେଣୁ ରାଜ୍ୟରେ "ଓଡ଼ିଶା ଭିଜନ" ବିକଶିତ ଓଡ଼ିଶା ଲକ୍ଷ୍ୟକୁ ପୂରଣ କରିବାରେ ଏହା କିପରି ସଂଯୋଜିତ କରୁଛି, ତାହାକୁ ଲକ୍ଷ୍ୟ ରଖି ରାଜ୍ୟର ଆଗାମୀ ବଜେଟ୍‌ରେ ପ୍ରସ୍ତୁତି ଉପରେ ଦୃଷ୍ଟି ଦେବାକୁ କୁହାଯାଇଛି। ଜନସାଧାରଣଙ୍କ କଲ୍ୟାଣକୁ ଗୁରୁତ୍ୱ ଦେଇ ତଦନୁସାରେ ବଜେଟ୍‌କୁ ଲୋକାଭିମୁଖୀ କରିବା ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମରେ ଅଭିନବତ୍ୱ ଆଣିବାକୁ ମୁଖ୍ୟ ଶାସନ ସଚିବ ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଦେଓରଂଜନ କୁମାର ସିଂ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

ଖାକି-ଖାକି...

ଲୋକଙ୍କୁ ଉଠାଇ ଅଣାଗଲା ବୋଲି ପ୍ରଶ୍ନ କରିଥିଲେ। ବନ ବିଭାଗ ଅଧିକାରୀଙ୍କ ପାହ୍ୟା ଠାରୁ ତୁଳନାତ୍ମକ ନିମ୍ନ ପାହ୍ୟାରେ ଥିବା ପୁଲିସ ଆଇଆଇସିଙ୍କ ଏପରି ବ୍ୟବହାର ବନ ଅଧିକାରୀମାନଙ୍କୁ ହଜମ ହୋଇନାହିଁ। ଓଡ଼ିଶା ବନ ସେବା ସଂଘ ପକ୍ଷରୁ ଜଙ୍ଗଲ ବିଭାଗ ପ୍ରମୁଖ ଶାସନ ସଚିବ ଓ ପିସିସିଏଫ ଡକ୍ଟର କେ ମୁରୁଗେସନଙ୍କୁ ଭେଟ ପଟାମୁଣ୍ଡାଇ ଆଇଆଇସି ଅଭିଯୁକ୍ତମାନଙ୍କ ଆଗରେ ଏସିଏଫ୍‌ଙ୍କୁ ଦୁର୍ବ୍ୟବହାର କରିବା ଓ ମିଛ ମାମଲା କରିବାକୁ ଧମକ ଦେଇଥିବା ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି।

ଓଡ଼ିଶା ବନସେବା ସଂଘର ଦାବି ପରେ ମଙ୍ଗଳବାର ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଭାଗର ସ୍ୱତନ୍ତ୍ର ସଚିବ ସେଣ୍ଟ୍ରାଲ ରେଞ୍ଜ ପୁଲିସ ଆଇଜିଙ୍କୁ ଚିଠି ଲେଖି ଘଟଣାର ତଦନ୍ତ କରିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଆଇଜିଙ୍କ ନିର୍ଦ୍ଦେଶ ପରେ କେନ୍ଦ୍ରାପଡା ଅତିରିକ୍ତ ଏସପି ସୁଧାକର ସାହୁ ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ଜାନୁୟାରୀ ୨୧ ତାରିଖ ଦିନ କଣ କଣ ଘଟଣା ଘଟିଥିଲା, ପଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଏଠାରେ କଣ କଣ କହିଥିଲେ, କଣ ଧମକ ଦେଇଥିଲେ ସେ ନେଇ ତଥ୍ୟ ସଂଗ୍ରହ କରିଛନ୍ତି। ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେହୁରା, ଫରେଷ୍ଟର ବିଜୟ କୁମାର ପାତ୍ର ଓ ଅନ୍ୟ ବନ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚରା ଉଚରା କରିଥିବା ଜଣାପଡିଛି।

ବନ ସଂଘ ପକ୍ଷରୁ କୁହାଯାଇଛି ଯେ ଅବୈଧ ଭାବରେ ଗୋଟିଏ ବଜ୍ରକାପ୍ତାକୁ ରଖିବା ଓ ଏହାର କାରବାର ସଂକ୍ରାନ୍ତରେ ବନ ବିଭାଗ କିଛି ଲୋକଙ୍କୁ ଉଠାଇ ନେଇଥିଲା। ରାଜନଗର ଏସିଏଫ୍‌ଙ୍କ କାର୍ଯ୍ୟାଳୟରେ ଏ ସଂକ୍ରାନ୍ତ ତଦନ୍ତ ଓ ଅଭିଯୁକ୍ତଙ୍କୁ ପଚରାଉଚରା ଚାଲିଥିଲା। ଏହି ସମୟରେ ପଟାମୁଣ୍ଡାଇ ଥାନା ଆଇଆଇସି ବନ୍ଦନା ପାତ୍ର କୌଣସି ପୂର୍ବ ସୂଚନା ବିନା ବନ କାର୍ଯ୍ୟାଳୟରେ ପ୍ରବେଶ କରି ଆକ୍ରମଣାତ୍ମକ ଏବଂ ଅଣପେଶାଦାର ଆଚରଣ କରିଥିଲେ। ସେ ସାଧାରଣରେ ବନ ଅଧିକାରୀମାନଙ୍କୁ ଗାଳିଗୁଲଜ କରିଥିଲେ। ଏହି ଘଟଣା ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ ଅନୁଯାୟୀ ସେମାନଙ୍କର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରିବାରେ ବାଧା ସୃଷ୍ଟି କରିଥିଲା। ଯଦି ଏପରି ଆଚରଣର ସମାଧାନ ନ କରାଯାଏ, ତେବେ ଏହା ଏକ ବିପଦପୂର୍ଣ୍ଣ ଉଦାହରଣ ସୃଷ୍ଟି କରିବ ଏବଂ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ କାର୍ଯ୍ୟକାରୀ କରିବାରେ ନିୟୋଜିତ କ୍ଷେତ୍ର ଅଧିକାରୀଙ୍କ ବିଶ୍ୱାସକୁ ଗୁରୁତର ଭାବରେ ପ୍ରଭାବିତ କରିବ ବୋଲି ସଂଘ କହିଛି।

ନବମ ଶ୍ରେଣୀ...

ଅଟକ ରଖି ତଦନ୍ତ ଚଳାଇଛି। ଅପରପକ୍ଷେ, ଆଜି ସଂଧ୍ୟାରେ ନାବାଳିକାଙ୍କ ପରିବାରଲୋକ ଏ ସଂପର୍କରେ ଥାନାରେ ଏତଲା ଦେଇଛନ୍ତି। ତେବେ ଭାଇରାଲ ହେଉଥିବା ଭିଡିଓଟି କେଉଁ ଦିନର ଘଟଣା, ତାହା ଜଣାପଡ଼ିନାହିଁ। ତଦନ୍ତ ବାଧାପ୍ରାପ୍ତ ହେବା ଉଦ୍ଦେଶ୍ୟରେ ପୁଲିସ୍ ବି ଗଣମାଧ୍ୟମକୁ ବେଶି କିଛି କହିବାକୁ ମନା କରିଦେଇଛି। ଅପରପକ୍ଷେ, ପାଠପଢ଼ା ବୟସରେ ନାବାଳକମାନେ ଗଣଦୁଷ୍କର୍ମ ଭଳି ଜଘନ୍ୟ କାଣ୍ଡ ଘଟାଇବା ବୁଦ୍ଧିଜୀବୀଙ୍କୁ ଚିନ୍ତାରେ ପକାଇ ଦେଇଛି।

ମିଳିଥିବା ସୂଚନାନୁଯାୟୀ, ନବମ ଶ୍ରେଣୀରେ ପଢୁଥିବା ଏହି ନାବାଳିକାଜଣଙ୍କ ଘର ନିକଟରେ ଥିବା ଏକ କୋଚିଂ ସେଣ୍ଟର୍‌କୁ ଯାଇଥା'ନ୍ତି। ଅଭିଯୁକ୍ତ ନାବାଳକମାନେ ମଧ୍ୟ ସେଠାକୁ ଟ୍ୟୁସନ୍ ହେବାକୁ ଆସନ୍ତି। କୌଣସି କାରଣରୁ ସେମାନେ ନାବାଳିକାଙ୍କ ଉପରେ କ୍ଷୁବ୍ଧ ହୋଇଯାଇଥିଲେ। ପ୍ରତିଶୋଧ ନେବା ପାଇଁ ସେମାନେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରି ଏହାର ଏକ ଭିଡିସ ଉତ୍ତୋଳନ କରିଥିଲେ। ଆଜି ସ୍ଥାନୀୟ ଅଞ୍ଚଳରେ ଏହି ଭିଡିଓ ଭାଇରାଲ ହେବା ପରେ ତୁରେକେଲା ପୁଲିସ୍ ତତ୍ପରତା ଦେଖାଇଥିଲା। ଉକ୍ତ ଭିଡିଓ ଆଧାରରେ ପୁଲିସ ଅଭିଯୁକ୍ତ ନାବାଳକମାନଙ୍କୁ ହେପାଜତକୁ ନେଇ ପଚରାଉଚରା କରୁଛି।

AFFIDAVIT

By virtue of an affidavit sworn before **Executive Magistrate / Notary Public Udala, Mayurbhanj dated 27.12.2025,** I NANDALAL SING At/Po-Labanyadeipur , P.S - SARAT, Dist - Mayurbhanj, PIN - 757079 declare that I have changed my name from **NANDALAL BADRA to NANDALAL SING.** Henceforth, I shall be known as **NANDALAL SING** for all purposes.

AFFIDAVIT

By virtue of an affidavit No.1489 sworn before the Executive Magistrate, Jajpur on dtd- 31/01/2026. I, **Elija Malik,** aged-33 years, W/o-Amar Kumar Malik, permanent resident of Vill/Po-Tina, Ps-Binjharpur, Dist- Jajpur, Odisha, Pin- 755012. I have changed my minor daughter's name from **Ayushi Malik** (old name) to **Isha Mallick** (new Name). Henceforth, she shall be known as **Isha Mallick** for all future purposes.

Sd/- ELIJA MALIK

AFFIDAVIT

By virtue of an affidavit sworn before the Executuve Magistrate, Nabarangpur, no. 1193, dated. 03.12.2025 I, NANDA BISSOYI, S/o - Rama Bissoyi permanent resident of Village - Mentry, PO - Mentry, PS - Tentulikhunti, Dist-Nabarangpur, Odisha, Pin - 764070, declare that I have changed my name from BASOODEV BISAI to NANDA BISSOYI. Henceforth, I shall be known as NANDA BISSOYI for all purposes.

Sd/- Nanda Bissoyi

AFFIDAVIT

By virtue of an affidavit No. 128 before the **Executive Magistrate, Rairakhol, dtd. 29.01.2026,** I, Harischandra Pradhan, S/o Siba Pradhan, resident of Gobindpur, Tribanpur, Rairakhol, Sambalpur do hereby declare that I have changed my minor daughter's name from **Sanam Pradhan to Saman Pradhan.** Henceforth, she shall be known as **Saman Pradhan** for all purposes.

Sd/-Harischandra Pradhan

Notice (for minor)

By virtue of an affidavit sworn before the **Executive Magistrate, Champua, dtd - 20. 01..2026.** I, Manoj Kumar Lohar, of Village-Jhumpura, P. O-Jhumpura , P.s. Jhumpura , Dist-Kendujhar, State - Odisha, PIN Code -758031 declare that I have changed the name of my son from **R. M. Debasish Lohar to Debasish Lohar.** Henceforth, he shall be known as (new name) **Debasish Lohar** for all purposes.

Manoj Kumar Lohar

AFFIDAVIT

By virtue of an affidavit sworn before the Executive Magistrate, Nabarangpur no. 141, dated 02.02.2026, I, RATNAMANI HARIJAN, W/o - Tankadhar Ganda, residences of Village - Mahulpadar, PO - Sanamasigam, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed the name of my son from KRISHNA KUMAR GANDA to RITEEK GANDA. Henceforth, he shall be known as RITEEK GANDA for all purposes.

Sd/- Ratnamani Harijan

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DEOGARH.
E-mail:- eerw_deogarh@yahoo.co.in
25001/8/2526

1st Corrigendum to TCN No.SERWDGH-Online- 12 of 2025-26

In partial modification to this office Tender Call Notice No.12/2025-26 issued vide this office letter no.49 dtd.05.01.2026, it is hereby notified the date & time of availability of tender documents online for bidding as well as the date & time of opening of the tender have been re-scheduled as detailed below.

1. Period and time of availability of the bid documents from **31.01.01.2026 10.00 A.M to 06.02.2026 up to 5.00 PM** instead of the earlier scheduled period from 03.01.2026 A.M to 09.01.2026 up to 5.00.
2. Date and time of Opening of tender on **07.02.2026 at 11.00 A.M** instead of the earlier fixed date 10.01.2026 at 11.00 AM

N.B- All other terms & conditions of the TCN shall remain unchanged.

Superintending Engineer
R.W. Division, Deogarh

OIPR-25001/25087/1/25-26/0008

PANCHAYAT SAMITI OFFICE, PALLAHARA
E-Mail ID: ori-pallahara@nic.in
Letter No. 211 Dt. 21.01.2026
19001/3/2526

TENDER CALL NOTICE NO PLR-03/2025-26

Sealed tenders are invited from the interested bidders for the civil work under BDO, Pallahara of Angul District. The details has been uploaded in the District web site www.angul.odisha.gov.in. They have to submit bid documents to the undersigned in the address of **"Office of the BDO, Pallahara, At/Po-Pallahara, Dist-Angul, Pin-759119"** through Regd./Speed Post or drop in the tender box kept in the office chamber of the undersigned on or before **06.02.2026 (up to 12.00 Noon).** DTCN & other details can be downloaded from the District Web site www.angul.odisha.gov.in or can be obtained from the office of the undersigned from **28.01.2026 to 05.02.2026 (up to 5.00 P.M.).**

Sd/- Block Development Officer,
Pallahara

OIPR-19001/19276/1/25-26/0003

AFFIDAVIT

By virtue of an affidavit sworn before Executive Magistrate, Bhubaneswar vide Serial No.63, dt-12/12/2025. I, **Sanghamitra Priyadarshini,** aged about 37 years, W/o- Suresh Kumar Tripathy, permanent resident of At/PO-Madanpur, PS- Pattamundai, Dist-Kendrapara, Odisha, PIN- 754246 & currently residing of At/PO- Alauti, PS/Dist- Bhadrak, PIN- 756113, Odisha declare that I have changed my minor daughter's name from **Ritika Patra** to **Ritika Tripathy.** Henceforth she shall be known as **Ritika Tripathy** (new name) for all purposes.

Sanghamitra Priyadarshini

32001/8/2526

OFFICE OF THE SUPERINTENDING ENGINEER
MINOR IRRIGATION DIVISION, SUNDARGARH
Email: eemisundargarh@yahoo.co.in

No.: 378 Dt.: 27/01/2026

QUOTATION CALL NOTICE No. 01/2025-26

Sealed quotations are invited from interested reputed Travel agencies / Tour operators / Private individuals having valid GST, PAN Card etc. for providing one number AC Petrol/Diesel driven vehicle of BS-VI compliant diesel vehicle (TUV 300 / Bolero / Scorpio / Ertiga) having seating capacity not more than 8 (Eight) including Driver (which shall conform to the terms & conditions of the quotation call notice) for official use by Asst. Executive Engineer, Minor Irrigation Sub-Division, Sundargarh for inspection of the project work & official work on monthly rent basis for the period of one year from the date of engagement of the vehicle. Please visit website **https://dowrodisha.gov.in or https://sundargarh.nic.in** for details, date & time of availability of Quotation Document from **27.01.2026 at 10.00 AM to 06.02.2026 at 3.00 PM.** The last date & time of sale and receipt of Quotation is **06.02.2026 at 3.00 PM** respectively and to be opened on **06.02.2026 at 3.30 PM.**

Superintending Engineer
Minor Irrigation Division, Sundargarh

OIPR-32001/32124/1/25-26/0008

AFFIDAVIT

BY VIRTUE OF AN AFFIDAVIT BEFORE EXECUTIVE MAGISTRATE BHUBANESWAR VIDE CF NO-85/31.01.2026 ,I KORESA BIBI ,51 YEARS ,W/O-KASAR ALLI KHAN ,D/O-SAHADAT HOSSEN ,R/O- SAHEB NAGAR ,PO-MAHUKHANDA ,PS - BALIPATANA ,DIST-KHORDHA,ODISHA -752102 HERE BY AFFIRM THAT MY FATHER'S NAME IS WRONGLY MENTIONED AS "SABAJ KHAN" , "SAHABAJ KHAN" INSTEAD OF SAHADAT HOSSEN IN MY AADHAAR CARD ,VIDE NO-2312 3338 5497 & PAN CARD VIDE NO-IGUPB76704 ,RATION CARD VIDE NO-19010711411 & OTHER RECORDINGS .THAT I SHALL BE KNOWN & IDENTIFIED AS KORESA BIBI ,W/O- KASAR ALLI KHAN ,D/O - SAHADAT HOSSEN IN ALL PURPOSES & FURTHER DECLARE THAT SABAJ KHAN ,SAHABAJ KHAN & SAHADAT HOSSEN ARE ONE & SAME PERSON I.E MY FATHER'S NAME.

OFFICE OF THE DIVISIONAL FOREST OFFICER:
SAMBALPUR FOREST DIVISION
8001/5/2526
NEAR JAIL CHOWK, SAMBALPUR – 768001
E-mail: dfo.sambalpur@odisha.gov.in

SHORT TENDER NOTICE

Tender No.: 24 Dated: 22/01/2026

Divisional Forest Officer, Sambalpur Forest Division on behalf of Governor of Odisha invites sealed tenders from reputed intending Manufacturing Firms/ Dealers/ Suppliers having valid GSTIN and PAN Registration No. for procurement and installation of High-visibility warning signage for Elephant Crossing for Sambalpur Forest Division.The tender papers with detailed terms and conditions documents can be downloaded from website **https://sambalpur.odisha.gov.in from 11:00 Hours of 28.01.2026 to 17:00 Hours of 07.02.2026.** The cost of tender paper of Rs. 2,000/- (Two thousand) only to be deposit through Demand Draft in favour of Divisional Forest Officer, Sambalpur Forest Division, payable at Sambalpur.The Tender Papers can be submitted at the below mentioned address on or before **07.02.2026 till 05:00 PM** by Speed Post / Registered Post / By Hand only.The tender will be opened in the office of the undersigned on **09.02.2026 at 11:00 AM.** The undersigned reserves the right to accept or reject any or all the tenders without assigning any reason thereof.

Divisional Forest Officer
Sambalpur Forest Division

OIPR-8001/8046/1/25-26/0005

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. : 61-SBP-TRD-OT-2025-26, ତା.27.01.2026ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ 105sq mm କଣ୍ଡର ପରିବର୍ତ୍ତେ ଆଇସୋଲେଟର ସ୍ଥାନଗୁଡ଼ିକରେ 160sq mm G-କଣ୍ଡର ବ୍ୟବସ୍ଥା ।

ଆନୁମାନିକ ମୂଲ୍ୟ (₹): 42,00,386.32, EMD (₹): 84,000.00, ଶେଷ ହେବା ଅବଧି : 12 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.02.2026 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-1079/Q/25-26

8001/4/2526

OFFICE OF THE DIVISIONAL FOREST OFFICER: BARGARH FOREST DIVISION
AT / PO / DIST: - Bargarh – ODISHA
Phone & Fax – 06646-234135 (O), Email – dfo.bargarh@odisha.gov.in

NOTICE

The TVS STAR motorcycle bearing Regd. No. OR-17D-1552 has been seized on 25.05.2024 at 12.30 AM by the forest staff of Ghess Range while it was involved in forest offence case vide OR No.23 of 2024-25 of Ghess Range. Basing on report of the RTO, Bargarh, Sri Dinesh Sahu, S/o-Judhistir Sahu, At/Po/PS/Dist.-Bargarh is the legal owner of the said vehicle. During initiation of confiscation proceeding the above-named owner has been issued show cause notice but the said notice was returned back by the Postal Department due to insufficient address.

Therefore, it is informed through Public Notice that if any body is the rightful owner may claim of the above seized vehicle in the office of the undersigned within seven days from the date publication.

Divisional Forest Officer,
Bargarh Forest Division

OIPR-8001/8057/1/25-26/0004

ଡେରାବିଶ ଯୁବ ମହୋତ୍ସବର ତୃତୀୟ ସନ୍ଧ୍ୟା

'ଏହା ଯୁବପିଢ଼ିଙ୍କୁ ଆଗକୁ ନେବ ଓ ଦେଶ ବିକାଶରେ ସହାୟକ ହେବ'

ଡେରାବିଶ, ୩।୨(ସମିସ)

ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ଡେରାବିଶ ବ୍ଲକ୍ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ମିନି ଷ୍ଟାଡ଼ିୟମରେ ଚାଲିଥିବା ଡେରାବିଶ ଯୁବ ମହୋତ୍ସବ ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଆଜିଥିଲା ତୃତୀୟ ସନ୍ଧ୍ୟା। ଆଜିର ସାରସ୍ୱତ ସନ୍ଧ୍ୟାରେ ଯୁବ ମହୋତ୍ସବର ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିଳ୍ପ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ଯୁବ ମହୋତ୍ସବ ଆୟୋଜନ ଯୁବପିଢ଼ିଙ୍କୁ ଆଗକୁ ନେବା ସହିତ ଦେଶ ବିକାଶରେ ସହାୟତା ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଇଡ୍‌କୋ ଅଧିକାରୀ ଡ. ସୁରେଶ ଦଳାଇ, ସମ୍ମାନିତ ଅତିଥି ଭାବେ ବିଜୟ ନାୟକ, ନମିତା ବଳ, ଜ୍ୟୋତ୍ସ୍ନାରାଣୀ ଜେନା, ଚିତ୍ତରଞ୍ଜନ ଚୌଧୁରୀ, ମଦନମୋହନ ସାହୁ, ଜିତେନ୍ଦ୍ର ପଣ୍ଡା, ଶରତ ବେହେରା, ବନ୍ଦନାରାଣୀ ରାଉତରାୟ, ପ୍ରିୟଙ୍କା ଶତପଥୀ ଓ ରଶ୍ମିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଶ୍ରୀ ପରିଡ଼ା ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ ଓ ପ୍ରଦୂଷଣ ମୁକ୍ତ କରିବାର ସଚେତନତା ବାର୍ତ୍ତା ଦେଇଥିଲେ। ପ୍ରାରମ୍ଭରେ ସ୍ମାରକ ମହାନ୍ତି ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ତାଙ୍କ ଟ୍ରୁପର ସଦସ୍ୟଙ୍କ ଦ୍ୱାରା ପ୍ରଦର୍ଶିତ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ଷ୍ଟାଡ଼ିୟମରେ ଥିବା ସମସ୍ତ ଦର୍ଶକଙ୍କୁ ବିଭୋର କରିଥିଲା। ଏହି କାର୍ଯ୍ୟକ୍ରମକୁ ତୁଷାର ବୋଷ, ସଂଜୟ ଦାସଙ୍କ ସମେତ ମହୋତ୍ସବ କମିଟିର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ରାଜନଗର-ସାତଭାୟା ରାସ୍ତାର ଶିଳାନ୍ୟାସ

ରାଜନଗର,୩।୨(ସମିସ): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଗ୍ରାମ୍ୟ ନିର୍ମାଣ ବିଭାଜନ-୨ କେନ୍ଦ୍ରାପଡ଼ାର ରାଜନଗର ସବଡିଭିଜନ ପକ୍ଷରୁ ରାଜନଗର-ସାତଭାୟା ରାସ୍ତା ଉନ୍ନତିକରଣ କାମ କରାଯିବ। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ରାସ୍ତାର ଶିଳାନ୍ୟାସ କରିଛନ୍ତି। ୬ କୋଟି ୫୨ ଲକ୍ଷ ଟଙ୍କା ବ୍ୟୟରେ ୫ କିମି ୬୦୦ ମିଟର ରାସ୍ତା ଉନ୍ନତିକରଣ କରାଯିବ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତାର ଦୁଇପାଶ୍ୱର୍ ଚଉଡା କରାଯିବ। ମେଟାଲିଂ କରି ପିଚୁ ହେବ। ରାସ୍ତାକୁ ୫.୫ ମିଟର ଚଉଡା କରାଯିବ। ଆଜି ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ସମୀର ବେହେରା ଉପସ୍ଥିତ ଥିଲେ। ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ସରପଞ୍ଚ ନିରଞ୍ଜନ ରାଉତ, ଅଶୋକ ମହାନ୍ତି, ସସ୍ମିତ ମହାନ୍ତି, ବୀଣାପାଣି ପ୍ରଧାନ, ଶୈଳେନ୍ଦ୍ର ମିଶ୍ର, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ଉତ୍ତମା ସେଠୀ, ରବିନ ମଲ୍ଲିକ, ସମବାୟ ସମିତି ସଭାପତି ଶ୍ରୀକାନ୍ତ ପ୍ରଧାନ, କଳ୍ପତରୁ ଜେନା, ବରିଷ୍ଠ ନେତା କୈଳାସ ପରିଡା, ଦିଲ୍ଲୀପ ପାତ୍ର, ବିଜୟ ନାୟକ, ନାରାୟଣ ଦାସ, ରଞ୍ଜନ ମହାନ୍ତି, ମନୋଜ ସ୍ୱାଇଁ, ଯୁବନେତା ରମଣୀ ରଞ୍ଜନ ମହାପାତ୍ର, ପୃଥୀରାଜ ପାତ୍ର, ବାଇଧର ସେଠୀ, କ୍ଷୀରୋଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

୬ରେ ଓଲାଭର ବଜାରରେ ଜବରଦଖଲ ଉଚ୍ଛେଦ

ରାଜକନିକା,୩।୨(ସମିସ): କନିକା ତହସିଲ ଅନ୍ତର୍ଗତ ଓଲାଭର ବଜାରର ବଳରାମପୁର ମୌଜାରେ ରାସ୍ତା ପାଖ ଜବରଦଖଲ ଉଚ୍ଛେଦ ପାଇଁ ଆସନ୍ତା ୬ ତାରିଖ ଧାର୍ଯ୍ୟ ହୋଇଥିବା କନିକା ତହସିଲ ପକ୍ଷରୁ ଆଜି ଡାକବାଜି ଯନ୍ତ୍ର ଦ୍ୱାରା ସୂଚନା ଦିଆଯାଇଛି। ଓଲାଭର ବଜାର ଦେଇ ଯାତାୟାତରେ ବିଶେଷ ଅସୁବିଧା ହେଉଥିବା କାରଣରୁ ସରକାରୀ ଜାଗାକୁ ମାଡି ବସି ଦୋକାନ କରିଥିବା ବ୍ୟକ୍ତିବିଶେଷଙ୍କୁ ହଟାଇବାକୁ ୫ ତାରିଖ ଯାଏ ସମୟ ଦିଆଯାଇଛି। ଯଦି ଅବରୋଧକାରୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେମାନଙ୍କ ଅବରୋଧ ନ ହଟାଇବେ, ତେବେ ତହସିଲ ପ୍ରଶାସନ ପକ୍ଷରୁ ୬ ଓ ୭ ତାରିଖ ଦୁଇଦିନ ଧରି ଏହି ଅବରୋଧକୁ ହଟାଇବାକୁ ଆଜି ଘୋଷଣା ହୋଇଛି। ଏହି ବଜାରର ଜବରଦଖଲ ହଟାଇବା ପ୍ରସଙ୍ଗରେ ବହୁବାର ପ୍ରଶାସନିକ କସରତ ହେବା ପରେ ପ୍ରାୟ ଦେଢ଼ ବର୍ଷରୁ ଅଧିକ ହେବ ଏହି ପ୍ରସଙ୍ଗ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାରେ ରହିଛି। ରାସ୍ତା ଅବରୋଧ ହେବା ଫଳରେ ବ୍ୟସ୍ତବହୁଳ ଏହି ରାସ୍ତାରେ ଚାରିଚକିଆ ଗାଡ଼ି ଯାତାୟାତ କରି ନ ପାରିବା ଓ ଓଲାଭର ମେଡିକାଲ୍ ସେବା ପାଇଁ ଆମ୍ବୁଲାନ୍ସ ଅଟକି ରହିବା ଭଳି ଘଟଣା ବଢ଼ିଚାଲିଛି। ଦିନକୁ ଦିନ ଲୋକ ସଂଖ୍ୟା ବୃଦ୍ଧି ଓ ବ୍ୟବସାୟୀ ବୃଦ୍ଧି ଯୋଗୁ ଏଠାରେ ସଙ୍ଗୀନ ଅବସ୍ଥା ସୃଷ୍ଟି ହେଉଥିବାକୁ ନେଇ ଅଭିଯୋଗ ହୋଇଆସୁଛି।

୧୬ଟି ପାକ୍ସରେ କାମ ବନ୍ଦ ଆନ୍ଦୋଳନ

ରାଜକନିକା,୩।୨(ସମିସ): ରାଜକନିକା ବ୍ଲକରେ ଥିବା ସମସ୍ତ ୧୬ଟି ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଆଜି ସମୂହ କାମ ବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ତେବେ ଏହି ଆନ୍ଦୋଳନ ପାଇଁ ଗତ ଜାନୁଆରୀ ୨୧ ତାରିଖରେ ସମବାୟ ସମିତିର ଉପନିବନ୍ଧକ କେନ୍ଦ୍ରାପଡ଼ାଙ୍କୁ ନୋଟିସ ଦିଆଯାଇଥିଲା। ଏହି ନୋଟିସ ସମ୍ପର୍କରେ ଉପନିବନ୍ଧକ ବା ସହକାରୀ ଉପନିବନ୍ଧକ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଓଡ଼ିଶା ରାଜ୍ୟ ସମବାୟ ସମିତି କର୍ମଚାରୀ ସଙ୍ଘର ରାଜକନିକା ଶାଖା ଆଜିଠାରୁ କାମ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛି। ତେବେ ରାଜକନିକା ବ୍ଲକ ସିଙ୍ଗଡି ପାକ୍ସର ସମ୍ପାଦକଙ୍କୁ ବୋର୍ଡ ସଭାପତି ବେଆଇନ ଭାବେ ନିଲମ୍ବନ କରିବା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ବ୍ଲକ୍‌କୁ ମିଳିଥିବା ୩୨୭୭୨ କ୍ୱିଣ୍ଟାଲ ଧାନ ସଂଗ୍ରହ ଟାର୍ଗେଟରୁ ଆଜିଯାଏ ୨୩୭୦୨ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବାବେଳେ ଆହୁରି ୬୦ ଶତକଡା ଧାନ ବିକ୍ରି କରିବାକୁ ଚାଷୀଙ୍କ ପାଇଁ ଟାର୍ଗେଟ ବଢ଼ାଇବାକୁ ଦାବି ହୋଇଥିଲା। ଉଭୟ ଦାବି ପାକ୍ସ କର୍ମଚାରୀଙ୍କ ସ୍ୱାର୍ଥରେ ଥିବାବେଳେ ନିବନ୍ଧକ ଚୁପ୍ ରହିବାରୁ ଏହି ଆନ୍ଦୋଳନ ଜାରି ରହିଛି। ତେବେ ଧାନ ସଂଗ୍ରହ ବେଳେ କାର୍ଯ୍ୟ ବନ୍ଦ ଭଳି ଆନ୍ଦୋଳନ ଚାଷୀଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି।

ଅନାବାଦୀ ଜମିକୁ ଲିଜ୍ ଦେଇ ପ୍ରଶାସନ ହଟହଟା

ପଞ୍ଚୁପାଣ୍ଡବ,୩।୨(ସମିସ): ଡେରାବିଶ ତହସିଲ ଅଧୀନ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ଅନାବାଦୀ ଜମିକୁ ଲିଜ୍ ଦେଇ ପ୍ରଶାସନ ହଟହଟା ହୋଇଛି। ଏହି ଜମିରେ ଥିବା ଲକ୍ଷାଧିକ ଟଙ୍କାର ୩ଟି ଚାକୁଣ୍ଡା ଗଛକୁ ନେଇ ପ୍ରଶାସନ ଅଡୁଆରେ ପଡ଼ିଛି। ପଟ୍ଟାମୁଣ୍ଡାଇ ୮ ନମ୍ବର (କ) କେନାଲ ବନ୍ଧକୁ ଲାଗି ରହିଥିବା ତିନୋଟି ଗଛରୁ ଗୋଟିଏ ଗଛକୁ ଜଣେ ବ୍ୟକ୍ତି କାଟିଥିବାରୁ ସ୍ଥାନୀୟ ଗ୍ରାମର କିଛି ଲୋକେ ତହସିଲ ଓ ବନ ବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ରାଜନଗର ଆର୍‌ଆଇ ସାରଦା ପ୍ରସାଦ ପ୍ରଧାନ ଓ ବନ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀ ଚନ୍ଦ୍ରକାନ୍ତ ସାମଲ ଗଛ କାଟୁଥିବା ବ୍ୟକ୍ତିଙ୍କୁ ବାରଣ କରିବା ସହ ଗଛଟି ସରକାରୀ ଜାଗାରେ ଥିବା କହିଥିଲେ। ତହସିଲ ପକ୍ଷରୁ ଅମିନ ଉମାକାନ୍ତ ବେହେରା ଓ ଆର୍‌ଆଇ ସାରଦା ପ୍ରଧାନ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ମାପଚୁପ୍ ହୋଇଥିଲା। ଗଛଟି ସରକାରୀ ଜାଗାରେ ଥିବା ଜଣାପଡ଼ିଥିଲା। ସୂଚନା ମୁତାବକ, ଏହି ଜାଗାଟି ଅନାବାଦୀ ରହିଥିବାବେଳେ ଜଣେ ଲୋକ କିଛିବର୍ଷ ଧରି ରହି ଆଉ ଜଣେ ବ୍ୟକ୍ତିକୁ ବିକିଥିବା ଦେଇଥିଲେ। କିଛି ଲୋକେ ଲାଞ୍ଚଖୋର ତହସିଲ ଅଧିକାରୀଙ୍କୁ ଧରି ଅନାବାଦୀ, ଗୋଚର, ପିଡବ୍ଲୁ ଓ ଦେବଦେବୀ ଜମିକୁ ନିଜ ଅକ୍ତିଆର କରିଥିବାବେଳେ ନିଜ ନାମରେ ପଟ୍ଟା ହାସଲ କରିଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯାଇ ସରକାରୀ ଜାଗାକୁ ଜବରଦଖଲ ମୁକ୍ତ କରିବା ପାଇଁ ପୁରୁଷୋତ୍ତମ ମଣ୍ଡଳ, ଭରତ ମଣ୍ଡଳ, ସଞ୍ଜୟ ମଣ୍ଡଳ, ଦେବରାଜ ପାଣ୍ଡେ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

ମହାକାଳପଡ଼ା ଆସିଲେନି ବିଡିଓ

- ବଦଳି ଚିଠି ପରେ ଛୁଟିରେ ଥିଲେ
- ପୁଣି ନୂଆ ଜାଗାକୁ ବଦଳି କଲା ବିଭାଗ

ମହାକାଳପଡ଼ା,୩।୨(ସମିସ): ଜଣେ ବିଡିଓଙ୍କୁ ଗୋଟିଏ ବ୍ଲକ୍‌ରୁ ଅନ୍ୟଏକ ବ୍ଲକ୍‌କୁ ବଦଳି କରିଥିଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ। ବଦଳି ଆଦେଶକୁ ୬୪ ଦିନ ବିତିଗଲା, ହେଲେ ଆଦେଶ ହୋଇଥିବା ନୂତନ ବ୍ଲକରେ ବିଡିଓ ଜଣଙ୍କ ଯୋଗ ଦେଲେନି କି ଦାୟିତ୍ୱ ନେଲେନି। ଫଳରେ ପୁରୁଣା ବିଡିଓ ଏକମାସ ପର୍ଯ୍ୟନ୍ତ କାମ ଚଳାଇବା ପରେ ତହସିଲଦାରଙ୍କୁ କାମଚଳା ବିଡିଓ ଭାବେ ଜିଲ୍ଲା ପ୍ରଶାସନ ଅତିରିକ୍ତ ଦାୟିତ୍ୱ ଦେଲା। ବଦଳି ହୋଇଥିବା ନୂଆ ଜାଗାକୁ ନ ଆସିବାରୁ ଦୀର୍ଘ ଦୁଇ ମାସ ପରେ ବିଭାଗ ପୁଣି ତାଙ୍କୁ ଅନ୍ୟଏକ ବ୍ଲକ୍‌କୁ ବଦଳି କରିଛି। ଏ ଘଟଣା ଏବେ ଯେତିକି ରୋଚ, ସେତିକି ଆଲୋଚନାର ବିଷୟବସ୍ତୁ ପାଲଟିଛି। ସୂଚନା ମୁତାବକ, ରାଜ୍ୟ ରାଜନୀତିରେ ସବୁଠାରୁ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ କୁହାଯାଉଥିବା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ବ୍ଲକ୍‌ରେ ଏବେ ସ୍ଥାୟୀ ବିଡିଓ ନାହାନ୍ତି। ମହାକାଳପଡାର ତତ୍କାଳୀନ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ଗତ ନଭେମ୍ବର ୨୯ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ବଦଳି କରିଥିଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ। ସୌମ୍ୟଙ୍କ ବଦଳରେ ସୋନପୁରର ବିଡିଓ ଭାବେ କାର୍ଯ୍ୟ କରୁଥିବା ସଞ୍ଜୀବ କୁମାର ସାହୁଙ୍କୁ ମହାକାଳପଡ଼ାର ନୂତନ ବିଡିଓ ଭାବେ ବିଭାଗ ବଦଳି ଆଦେଶ କରିଥିଲା। ବଦଳି ଆଦେଶକୁ ୧ ମାସ ବିତିଗଲା, ନା ସଞ୍ଜୀବ ମହାକାଳପଡ଼ା ଆସିଲେ ନା ସୌମ୍ୟଙ୍କୁ ଦାୟିତ୍ୱ ମୁକ୍ତ କରାଗଲା। ସଞ୍ଜୀବ ମହାକାଳପଡ଼ା ନ ଆସିବାରୁ ବାଧ ହୋଇ ଡିସେମ୍ବର ୩୧ ତାରିଖରେ ସୌମ୍ୟଙ୍କୁ ଦାୟିତ୍ୱ ମୁକ୍ତ କରିଥିଲା ଜିଲ୍ଲା ପ୍ରଶାସନ। ନୂଆ ବିଡିଓଙ୍କ ଯୋଗ ନ ଦେବା କାରଣରୁ ଜିଲ୍ଲା ପ୍ରଶାସନ ବର୍ତ୍ତମାନର ତହସିଲଦାର ଭାବେ କାର୍ଯ୍ୟ ତୁଲାଉଥିବା ରବିନାରାୟଣ ଆଚାର୍ଯ୍ୟଙ୍କୁ କାମଚଳା ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ମୁଣ୍ଡାଇ ଦେଇଥିଲା। ନୂଆ ବିଡିଓଙ୍କ ଯୋଗଦାନ କରିବାକୁ ଅପେକ୍ଷା କରି ପଦ୍ମ ସିନା ଘୁଞ୍ଚି ଗଲା ହେଲେ ନୂଆ ବିଡିଓଙ୍କ ପାଦ ମହାକାଳପଡ଼ାରେ ପଡିଲା ନାହିଁ। ସେପଟେ ମହାକାଳପଡ଼ା ଭଳି ଏକ ସମ୍ବେଦନଶୀଳ ଅଞ୍ଚଳର ବିଭିନ୍ନ କାର୍ଯ୍ୟ ତୁଲାଉଥିବା ତହସିଲଦାର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ସହିତ ବିଡିଓ ପଦବୀ ତୁଲାଇବା ରବିନାରାୟଣଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ଭଳି ଘଟଣା ପାଲଟିଥିଲା। ତହସିଲରୁ ବ୍ଲକ୍, ବ୍ଲକ୍‌ରୁ ତହସିଲ ଓ ପ୍ରଶାସନିକ ବୈଠକ ଆଦିରେ ଯା'ଆସ ଭିତରେ ସାଧାରଣ ଲୋକେ ସେମାନଙ୍କ କାର୍ଯ୍ୟ ପାଇଁ ତହସିଲ ଓ ବ୍ଲକ୍‌କୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିବା ଦେଖିବାକୁ ମିଳୁଥିଲା। କେବେ ନୂଆ ବିଡିଓ କାର୍ଯ୍ୟରେ ଯୋଗଦେବେ, ସେନେଇ ସମସ୍ତେ ଚାହିଁ ରହିଥିଲେ। ତେବେ ବଦଳି ଆଦେଶର ୬୫ ଦିନ ପରେ ଅର୍ଥାତ୍ ୨ ଫେବୃଆରୀରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଯେଉଁ ଚିଠି ହୋଇଛି ତାହା ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇଛି। ବିଭାଗ ୨ ତାରିଖ ବଦଳି ଆଦେଶରେ ସଞ୍ଜୀବ ସାହୁଙ୍କୁ ଡୁଙ୍ଗୁରିପାଲି ବିଡିଓ ଭାବେ ବଦଳି କରିଛି। ଏହି ଘଟଣା ପ୍ରଶାସନିକ ଦପ୍ତରରେ ଏବେ ବେଶ୍ ଆଲୋଚନାର ବିଷୟବସ୍ତୁ ପାଲଟିଛି।

୧୪ ବର୍ଷରୁ କମ୍ ସିଏମ୍ ଟ୍ରଫି କବାଡ଼ି ପାଇଁ ଚୟନ ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୩।୨(ସମିସ): ୧୪ ବର୍ଷରୁ କମ୍ ସିଏମ୍ ଟ୍ରଫି କବାଡ଼ି ପ୍ରତିଯୋଗିତା ପାଇଁ ଜିଲ୍ଲା ବାଳକ ଓ ବାଳିକା ଦଳ ଚୟନ ପ୍ରତିଯୋଗିତା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦୦ ବାଳକ/ବାଳିକା ଅଂଶଗ୍ରହଣ କରିଥିଲେ। ଏଥିରୁ ୧୦ ଜଣ ଦଳ ବାଳକ ଓ ୬ ଜଣ ବାଳିକା ଖେଳାଳିଙ୍କୁ ଚୟନ କରାଯାଇଛି। ଏମାନେ ଜିଲ୍ଲା ପ୍ରତିଯୋଗିତାରେ ଭାଗ ନେବେ ବୋଲି କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକାନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ଦେବେନ୍ଦ୍ର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଜ୍ୟୋତିର୍ମୟ ଦାସ, ଚନ୍ଦନ ମହାପାତ୍ର, ମନୋଜ ଦାସ, ପ୍ରତିମା ଦ୍ୱିବେଦୀ, ସସ୍ମିତା ପଣ୍ଡା, ଜ୍ୟୋତିର୍ମୟୀ ସେନାପତି ଯୋଗ ଦେଇଥିଲେ।

ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ମୃତଦେହ ରଖି ରାସ୍ତାରୋକ କଲେ ଗ୍ରାମବାସୀ

ପଟ୍ଟାମୁଣ୍ଡାଇ, ୩।୨(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଅରୁଆ-ଚଉଦକୁଲାଟ ରାସ୍ତାର ଅରୁଆ ବାଳାଶ୍ରମ ଛକରେ ଏକ ଅଜଣା ଗାଡ଼ି ଧକ୍କାରେ ଅରୁଆ ଗ୍ରାମର ଗିରିଧାରୀ କର (୫୫)ଙ୍କ ମୃତ୍ୟୁ ଘଟିଥିଲା। ଗିରିଧାରୀଙ୍କ ନୂତନ ଗୃହ ନିର୍ମାଣ ଚାଲିଥିବାରୁ ଗତକାଲି ସନ୍ଧ୍ୟାରେ ସେ ନିର୍ମାଣ ସାମଗ୍ରୀ ପଇସା ଦେବା ପାଇଁ ଚଉଦକୁଲାଟ ଯାଇ ଘରକୁ ସାଇକଲ ଯୋଗେ ଫେରୁଥିଲେ ଓ ଅରୁଆ ବାଳାଶ୍ରମ ନିକଟରେ ଦ୍ରୁତ ଗତିରେ ଯାଉଥିବା ଏକ ଅଜଣା ଗାଡି ଗିରିଧାରୀଙ୍କୁ ଧକ୍କା ଦେଇଥିଲା। ସେ ନିକଟସ୍ଥ ନାଳରେ ପଡ଼ିଯାଇଥିଲେ। ରାସ୍ତାରେ ଯାଉଥିବା ଲୋକେ ଗିରିଧାରୀଙ୍କୁ ନାଳରୁ ଉଠାଇ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଜଣା ଗାଡି ଧକ୍କାରେ ବୃଦ୍ଧ ଗିରିଧାରୀଙ୍କ ମୃତ୍ୟୁ ପ୍ରତିବାଦରେ ଆଜି ସ୍ଥାନୀୟ ଅଞ୍ଚଳର ପ୍ରମୋଦ ମଲିକ, ଶତ୍ରୁଘ୍ନ ମଲିକ, ରଘୁନାଥ ଦାଶ, ଜଗନ୍ନାଥ ଦାଶ, କାଳନ୍ଦୀ ବେହେରା, ତପନ ଦାଶ, ରଞ୍ଜନ ଦାଶ ପ୍ରମୁଖଙ୍କ ସହ ଗ୍ରାମବାସୀ ଅରୁଆ-ଚଉଦକୁଲାଟ ରାସ୍ତାରେ ମୃତଦେହ ଧରି ରାସ୍ତାରୋକ କରିଥିଲେ। ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

ପ୍ରଫେସର ନନ୍ଦକିଶୋର ପରିଡ଼ାଙ୍କ ଜୟନ୍ତୀ

ଡେରାବିଶ,୩।୨(ସମିସ): ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ପ୍ରବୀଣ ଶିକ୍ଷାବିତ୍ ପ୍ରଫେସର ନନ୍ଦକିଶୋର ପରିଡ଼ାଙ୍କ ୮୨ତମ ଜୟନ୍ତୀ ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ପ୍ରଥମାର୍ଦ୍ଧରେ ଅତିଥି ବଳଦେବଜୀଉଙ୍କ ବିଗ୍ରହରେ ମାଲ୍ୟାର୍ପଣ, ବେଦପଠନ ସହିତ ଦୀପଦାନ କରାଯାଇ ପ୍ରଫେସର ପରିଡ଼ାଙ୍କ ଦୀର୍ଘାୟୁ କାମନା କରାଯାଇଥିଲା। ଇଂ ଅକ୍ଷୟ ପାଣି ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ପରିଷଦର ସମ୍ପାଦକ କବି ଡ. ଶ୍ରୀଧର ସାମଲ ସ୍ୱାଗତ ଭାଷଣ ଓ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିଥି ଡ. ବାସୁଦେବ ଦାସ, କବି ବୃନ୍ଦାବନ ଦାସ, କବି ପ୍ରେମାନନ୍ଦ ଖଣ୍ଡୁଆଳ, କବି ଭବାନୀ ମହାପାତ୍ର ପ୍ରଫେସର ପରିଡ଼ାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ସମାଜସେବୀ ଭୁବନମୋହନ ଜେନା, ସଂଗଠକ ସରୋଜ ମହାନ୍ତି, ଡ. ଗିରିଶ ପାତ୍ର, ଡ. ପ୍ରଭାକର ମଲ୍ଲିକ, ଡ. ପ୍ରମୋଦ ଦାସ, ଡ. ପ୍ରଦୀପ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ପଲକ ପତ୍ରିକା, ଆମ ଗାଁ ସାହିତ୍ୟ ପରିଷଦ, ସତୀର୍ଥ ସାହିତ୍ୟ ସଂସଦ, କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦ, ରାଜଶ୍ରୀ ସାହିତ୍ୟ ସଂଗଠନ ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ନନ୍ଦ ସାରଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଚିତ୍ରଶିଳ୍ପୀ କ୍ଷୀରୋଦ ରାଉତଙ୍କୁ ଛବିର ମଣିଷ ସମ୍ମାନ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଶିଶିର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ରାସ୍ତାରେ ଚାଲିଛି ନିର୍ମାଣ ସାମଗ୍ରୀ ବେପାର

ପଟ୍ଟାମୁଣ୍ଡାଇ,୩।୨(ସମିସ): ବିଭାଗୀୟ ଅଧିକାରୀଙ୍କ ଅପାରଗତା କାରଣରୁ ରାସ୍ତାରେ ନିର୍ମାଣ ସାମଗ୍ରୀ ଢାଳି ବେପାର କରୁଛନ୍ତି ବେପାରୀ। ଗତ କିଛିଦିନ ତଳେ ରାସ୍ତାରେ ବାଲି ପଡି ଥିବାରୁ ସ୍କୁଟିରୁ ପଡି ଜଣେ ସାମ୍ବାଦିକଙ୍କ ମୃତ୍ୟୁ ଘଟଣା ପରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ପକ୍ଷରୁ ରାସ୍ତାରୁ ବାଲି ଗୋଡି ହଟାଇ ନିୟମିତ ରାସ୍ତା ସଫା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ), ରାଜ୍ୟ ଅଧୀନରେ ଥିବା ଜାତୀୟ ରାଜପଥ ଓ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶନାମା ଜାରି କରିଛି ଏସ୍‌ଟିଏ। ଯେଉଁ ରାସ୍ତାର ଦାୟିତ୍ୱ ଯେଉଁ ବିଭାଗ ଅଧୀନରେ ଅଛି, ତାକୁ ସଂପୃକ୍ତ ବିଭାଗ ନିୟମିତ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇଣ୍ଡିଆନ ରୋଡ୍ସ କଂଗ୍ରେସ (ଆଇଆରସି) କୋଡ୍ ଓ ରାଜମାର୍ଗ ମନ୍ତ୍ରାଳୟର ନିୟମ ଅନୁସାରେ, ରାସ୍ତାର ଚଟାଣ ସଫା ରହିବ। ତେବେ ଗତ କିଛିଦିନ ହେଲା ପଟ୍ଟାମୁଣ୍ଡାଇ-ରାଜନଗର ବନ୍ୟା ବନ୍ଧ ରାସ୍ତାର ନିମପୁର ବଜାର ନିକଟରେ ଜଣେ ବେପାରୀ ରାସ୍ତା ଉପରେ ବାଲି ଗୋଡି ଜମା କରି ବେପାର କରୁଛନ୍ତି। ଯଦ୍ୱାରା ରାସ୍ତା ସାରା ଗୋଡି ବିଞ୍ଚି ହୋଇ ପଡି ରହୁଛି। ବାଇକ୍ ବା ସ୍କୁଟରରେ ଯିବାବେଳେ ଚକା ଖସି ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଟାୟାରର ଗ୍ରିପ୍ ମଧ୍ୟ ନଷ୍ଟ ହେବା ସହିତ ପଙ୍କଚର ହେବା ନଜର ଆସୁଛି। ଉକ୍ତ ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ଯାଉଥିଲେ ହେଁ ବିଭାଗୀୟ ଅଧିକାରୀ କିମ୍ବା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଗ୍ରହଣ ନ କରି ଚୁପ ବସିଥିବାରୁ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

୫ ପଥର ବୋଝେଇ ଟ୍ରକ୍ ଜବତ

ପଟ୍ଟାମୁଣ୍ଡାଇ,୩।୨(ସମିସ): ଯାଜପୁର ଅଞ୍ଚଳରୁ ରାଜନଗରକୁ ଚୋରା ଚାଲାଣ ହେଉଥିବା ୫ଟି ପଥର ବୋଝେଇ ଟ୍ରକକୁ ଜବତ କରାଯାଇଛି। ପଥର ଚୋରା ଚାଲାଣ ସମ୍ପର୍କରେ ଖବର ପାଇ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକ ପୁଲିସ ଟିମ୍ ସହିତ ଚଢ଼ଉ କରି ପଟ୍ଟାମୁଣ୍ଡାଇ ବକ୍ତରପୁର ଛକ ନିକଟରୁ ରାଜନଗର ଅଭିମୁଖେ ଯାଉଥିବା ୫ଟି ଟ୍ରକକୁ ଜବତ କରିଥିଲେ। ଏହି ବେଆଇନ ପଥର ବୋଝେଇ ଟ୍ରକଗୁଡ଼ିକୁ ଜିଲ୍ଲା ଖଣି ଅଧିକାରୀ ଦିନେଶ ମହାପାତ୍ରଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

ଚାନ୍ଦୋଳ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଡେରାବିଶ,୩।୨(ସମିସ): ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ ଅକ୍ଷୟ ବଳଙ୍କ ସଭାପତିତ୍ୱରେ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ଗିରିଜାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ ପରିଷଦର ଉପଦେଷ୍ଟା ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ, ସୃଜନଶୀଳ ଲିଖନ, ତର୍କ, ଝୋଟି, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଅଧ୍ୟାପିକା ଝରଣାଶ୍ରୀ ପରିଜା, ମିନାକ୍ଷୀ ପ୍ରଧାନ ଓ ଅଧ୍ୟାପକ ବରଦା ପ୍ରସାଦ ଜେନା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କ୍ରୀଡ଼ା ପରିଷଦର ଉପସଭାପତି ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ମ୍ୟୁଜିକ୍ ଚେୟାର, ଜାଭଲିନ୍ ଥ୍ରୋ, ସଟପୁଟ୍ ଥ୍ରୋ, ଡିସ୍କସ୍ ଥ୍ରୋ ଆଦି ପ୍ରତିଯୋଗିତା ଆୟୋଜନ କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ନାଥଶର୍ମା ଓ ଅଧ୍ୟାପକ ସଂଜୟ ନାୟକ, ପ୍ରତାପ ଜେନା, ବିମଳ ବାରିକ ପ୍ରମୁଖ ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଶ୍ରୀ ନାୟକ ପୁରସ୍କୃତ କରିଥିଲେ। ଅଧ୍ୟାପକ ପ୍ରଭାକର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ।

ସିଦ୍ଧେଶ୍ୱର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ରାଜନଗର,୩।୨(ସମିସ): ଘଡ଼ିଆମାଳ ପଞ୍ଚାୟତସ୍ଥ ସିଦ୍ଧେଶ୍ୱର ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ବିଚିତ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଘଡ଼ିଆମାଳ ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ଅଧର ଜେନା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ରବୀନ୍ଦ୍ର ପାଳ ପ୍ରମୁଖ ଯୋଗଦେଇ ଶିଶୁଙ୍କ ମଧ୍ୟରେ ମାନସିକ ଶାନ୍ତି ଓ ଶାରୀରିକ ସୁସ୍ଥତା ପାଇଁ କ୍ରୀଡ଼ା ଆବଶ୍ୟକ ବୋଲି କହିଥିଲେ। ପ୍ରଧାନଶିକ୍ଷକ କମଳାକାନ୍ତ ପରିଡ଼ା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ପ୍ରଭାକର ଦାସଙ୍କ ନେତୃତ୍ୱରେ ଶିକ୍ଷକ ରମେଶ ରାଉତ, ବାବାଜୀ ସ୍ୱାଇଁ, ସୁଶାନ୍ତ ଦାସ ଖେ ପରିଚାଳନା କରିଥିବାବେଳେ ଶିକ୍ଷକ ସୁଶାନ୍ତ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଡେରାବିଶ, ୩।୨(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ନଚ୍ଛିପୁର ଗ୍ରାମସ୍ଥ ଜଳସେଚନ ବିଭାଗ କାର୍ଯ୍ୟାଳୟ ନିକଟରେ ଗତକାଲି ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଡାବଲ ଗ୍ରାମର ରଞ୍ଜନ ମଲିକଙ୍କ ସାନପୁଅ ବିମଳ ମଲିକ (୨୦) ଗତକାଲି ବିଳମ୍ବିତ ରାତିରେ ଚାନ୍ଦୋଳ ବଜାରରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ କେନ୍ଦ୍ରାପଡ଼ା କେନାଲର ଶାଖା ୧୧ନଂ ଏ କେନାଲ୍ ମଧ୍ୟକୁ ଖସିଯାଇ ଏହାର ସାଇଫନ୍‌ରେ ଧକ୍କା ହୋଇଥିଲେ। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଥିବାରୁ ଏ ସମ୍ପର୍କରେ କେହି ଜାଣିପାରି ନ ଥିଲେ। ଆଜି ସକାଳୁ ଲୋକମାନେ ଏହା ଦେଖି ଦୁର୍ଘଟଣା ସମ୍ପର୍କରେ ବିମଳଙ୍କ ଘରକୁ ଖବର ଦେଇଥିଲେ। ତାଙ୍କ ପରିବାର ଲୋକ ପହଞ୍ଚି ଚାନ୍ଦୋଳ ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ପ୍ରତାପ ରଥ ଟିମ ସହ ପହଞ୍ଚି ମୃତକଙ୍କୁ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବାବେଳେ ଦୁର୍ଘଟଣାଗ୍ରସ୍ତ ବାଇକ୍‌ଟିକୁ ଜବତ କରିଥିବା ଜଣାଯାଇଛି।

ସମସ୍ୟା ଘେରରେ ଗୋବିନ୍ଦପୁର ହାଇସ୍କୁଲ

ଶୌଚାଳୟ ଗୃହ ଅସମ୍ପୂର୍ଣ୍ଣ, ଦୁର୍ଦ୍ଦଶାରେ ଛାତ୍ରଛାତ୍ରୀ

ପଟ୍ଟାମୁଣ୍ଡାଇ,୩।୨(ସମିସ)



ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ନୀଳକଣ୍ଠପୁର ପଞ୍ଚାୟତସ୍ଥ ଗୋବିନ୍ଦପୁର ହାଇସ୍କୁଲ ସମ୍ପ୍ରତି ସମସ୍ୟା ଘେରରେ ରାହିଛି। ବିଦ୍ୟାଳୟର ଶୌଚାଳୟ ଗୃହ ଅସମ୍ପୂର୍ଣ୍ଣ ଥିବାରୁ ଛାତ୍ରଛାତ୍ରୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ହାଇସ୍କୁଲରେ ନବମ ଶ୍ରେଣୀରେ ୪୫ ଓ ଦଶମ ଶ୍ରେଣୀରେ ୪୯ ଜଣ ପିଲାଙ୍କୁ ମିଶାଇ ୯୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପୂର୍ବ ସରକାର ସ୍କୁଲର ଉନ୍ନତି ପାଇଁ ଅନୁଦାନ ଯୋଗାଇଦେଇଥିଲେ। ଫଳରେ ସ୍କୁଲ ପିଲାଙ୍କୁ ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ଶିକ୍ଷାଦାନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। କିନ୍ତୁ ସ୍କୁଲର ରୂପାନ୍ତିକରଣ କ୍ ଅଧାପନ୍ତରିଆ ରହିଛି। ସ୍କୁଲର ଶୌଚାଳୟ ଗୃହ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇନି। ଫଳରେ ଛାତ୍ରଛାତ୍ରୀ ବାହାରକୁ ଯିବାକୁ ବାଧ ହେଉଛନ୍ତି। ଏହି ସ୍କୁଲରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ସୁରକ୍ଷିତ ରୋଷେଇ ଘର ନାହିଁ। ଅସୁରକ୍ଷିତ ରୋଷେଇ ଘରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହେଉଥିବାରୁ ଅନେକ ସମୟରେ ଅଘଟଣ ଆଶଙ୍କା କରାଯାଉଛି। ପଟ୍ଟାମୁଣ୍ଡାଇ ବ୍ଲକଠାରୁ ମାତ୍ର ୩/୪ କିମି ଦୂରରେ ଗୋବିନ୍ଦପୁର ହାଇସ୍କୁଲ ଅବସ୍ଥିତ ହୋଇଥିଲେ ମଧ୍ୟ ଏହାର ଅନେକ ସମସ୍ୟା ରହିଛି। ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ଉପଯୁକ୍ତ ଦୃଷ୍ଟି ଦେଲେ ସ୍କୁଲର ଅନେକ ସମାଧାନ ହୋଇପାରିବ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି। ଅଧାପନ୍ତରିଆ ହୋଇପଡିଥିବା ଶୌଚାଳୟ ଓ ପାଇଖାନା ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରାଯିବା ସହିତ ନୂତନ ରୋଷେଇ ଘର ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର କିଛି ମାନ୍ୟଗଣ୍ୟ ବ୍ୟକ୍ତି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଶୀତଲ ଅଗ୍ରୱାଲଙ୍କୁ ଭେଟି ଲିଖିତ ଭାବେ ଜଣାଇଥିଲେ। ଏଥିସହିତ ସ୍ଥାନୀୟ ଅଞ୍ଚଳବାସୀ ତୁରନ୍ତ ଅସମ୍ପୂର୍ଣ୍ଣ ଶୌଚାଳୟ ଓ ନୂତନ ରୋଷେଇ ଗୃହ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବ, କେନ୍ଦ୍ରାପଡ଼ା ସାଂସଦ, ବିଧାୟକ, ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ, ବ୍ଲକ ଶିକ୍ଷାଧିକାରୀଙ୍କୁ ଫାକ୍ସ ଯୋଗେ ଲିଖିତ ଭାବେ ଜଣାଇଥିବା ଜଣାପଡ଼ିଛି।

ବ୍ରିଟିଶ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ



ଢେଙ୍କାନାଳ,୩।୨(ସମିସ): ସ୍ଥାନୀୟ ଦକ୍ଷିଣକାଳୀରୋଡ୍‌ସ୍ଥିତ ବ୍ରିଟିଶ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ଜିଲ୍ଲା ଲେଖକ ସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ମୁଖ୍ୟ ମମତା ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ସତ୍ୟରଞ୍ଜନ ସ୍ପୋର୍ଟସ ଏକାଡେମୀ, କାଣ୍ତବିନ୍ଧାର ସଭାପତି ତଥା ସମାଜସେବୀ ସତ୍ୟବାନ ପାତ୍ର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ, ସାହିତ୍ୟିକ କବି ଜ୍ୟୋତି ନିରଞ୍ଜନ ପତି ଓ ସମ୍ମାନିତ ଅତିଥି ଭାବେ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ଜ୍ଞାନର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସ୍ୱତନ୍ତ୍ର ପ୍ରତିନିଧି ସମରେନ୍ଦ୍ର ଶତପଥୀ ଯୋଗ ଦେଇଥିଲେ। ପିଲାମାନେ ମାତୃଭୂମି, ମାତୃଭାଷାରେ ମମତା ରଖି ଇଂରାଜୀ ଭାଷାରେ ଦକ୍ଷତା ହାସଲ କରିବା ଆବଶ୍ୟକ। ପିଲାଙ୍କ ଭବିଷ୍ୟତ ମାଆ ବାପା ଓ ଗୁରୁଜୀ ଗୁରୁମାଙ୍କ ଉପରେ ନିର୍ଭର କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଗପ ଓ କବିତା ମାଧ୍ୟମରେ ପିଲାମାନଙ୍କୁ ଭଲ ଭବିଷ୍ୟତ ଗଠନ କରି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ଗୁରୁଦେବ ସାମଲ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ସଭାରେ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଗୁରୁ ତଥା ଶିକ୍ଷକ ଅଶ୍ୱିନୀ କୁମାର ପତି ସଂଯୋଜନା କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ପରାମର୍ଶ ଦାତା ଅମିୟ କୁମାର ପତି ଓ ଶିକ୍ଷୟିତ୍ରୀ ସୋନୀ ପାଣ୍ଡେ, ଗୀତାଞ୍ଜଳି ସାହୁ, ଶୁଭଶ୍ରୀ ସାମଲ, ବବିତା ଗୋଚ୍ଛାୟତ, ଜ୍ୟୋତିର୍ମୟୀ ପତି, ମନସ୍ୱିନୀ ସାହୁ, ଶୁଭସ୍ମିତା କରଣ ଓ ସହାୟିକା ବୈଜୟନ୍ତୀ ବରାଳ, ଅମିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଭା ଶେଷରେ ଅନୁଷ୍ଠାନର ମମତା ପତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୁନି ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ଖଜୁରିଆକଟା,୩।୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ମହାବିଦ୍ୟାଳୟ, ଖଜୁରିଆକଟା + ୩ ରାଜନୀତି ବିଜ୍ଞାନ ସମ୍ମାନ ବିଭାଗ ପକ୍ଷରୁ ୩ ତାରିଖ ଦିନ ବିଭାଗୀୟ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବିଭାଗର ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଭାଗର ଅଧ୍ୟାପକ ବାଲାଶିୟସ ଟପୋ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଅଧୟନରତ ଛାତ୍ରଛାତ୍ରୀଙ୍କ ପାଇଁ ଆଲୋଚନା ଚକ୍ରର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ବଇଣ୍ଡାସ୍ଥିତ ଜନତା କଲେଜର ରାଜନୀତି ବିଜ୍ଞାନ ବିଭାଗର ଅଧାପକ ଦୀପକ କୁମାର ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭାରତର ସଙ୍ଘୀୟ ବ୍ୟବସ୍ଥାରେ ପରିବର୍ତ୍ତିତ ଦିଗ ଉପରେ ଆଧାରିତ ସବିଶେଷ ତଥ୍ୟ ଉପସ୍ଥାପିତ କରିଥିଲେ। ବିଭାଗର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶେଷ ବର୍ଷର ସସ୍ମିତା ମହାପାତ୍ର, ଆକାଶ ସାହୁ ଓ ସୂର୍ଯ୍ୟସ୍ମିତା ନାହାକ ପ୍ରମୁଖ ନିଜସ୍ୱ ସନ୍ଦର୍ଭ ପାଠ କରିଥିଲେ। ସନ୍ଦର୍ଭ ପାଠ ପରେ ଛାତ୍ରଛାତ୍ରୀ ପ୍ରଶ୍ନ ମଞ୍ଚ ମାଧ୍ୟମରେ ନିଜ ନିଜର ସନ୍ଦେହ ଦୂରୀଭୂତ କରିଥିଲେ। ପରିଶେଷରେ ବିଭାଗର ଅନ୍ୟତମ ଅଧ୍ୟାପକ ଅଭିରାମ ମେହେର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ଦୁଲାଣରେ ଗୀତା ଯଜ୍ଞ

ଗଁଦିଆ,୩।୨(ସମିସ): ଗଁଦିଆ ବ୍ଲକର ବିଧାରପୁର ଗ୍ରାମ ପଞ୍ଚାୟତର ଦୁଲାଣ ଗ୍ରାମରେ ଆରମ୍ଭ ହୋଇଥିବା ଗୀତା ଯଜ୍ଞର ୨ୟ ଦିବସର ମୁଖ୍ୟ ପ୍ରବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ କବି ଲେଖକ ତଥା ସ୍ତମ୍ଭକାର ଭିକାରୀ ଚରଣ ରାଉତ ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି ସିବିଆଇ ଯୋଗଦେଇ ଈଶ୍ୱରୀୟ ଭକ୍ତି ମାର୍ଗ ରେ ସାମିଲ ହେବା ପାଇଁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏହି ମନୋଜ୍ଞ କାର୍ଯ୍ୟକ୍ରମରେ ଶ୍ରୀ ରାଉତଙ୍କ ସହ ଡାଳ ସିଂହା ମାର୍ଥାପୁର ଗ୍ରାମର ବରିଷ୍ଠ ନାଗରିକ ତଥା ସମାଜସେବୀ ଶ୍ୟାମ ସୁନ୍ଦର ସ୍ୱାଇଁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତା ବୁଦ୍ଧିମନ୍ତ ଜେନା, କୁଞ୍ଜବିହାରୀ ରାଉତରାୟ, ଗତି କୃଷ୍ଣ ଜେନା, ରୋହିତ ରାଉତରାୟ ଓ ରତ୍ନାକର ସାମଲ ଉପସ୍ଥିତ ହୋଇ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ପତ୍ନୀ ବିୟୋଗ

ବଅଁରପାଳ,୩।୨(ସମିସ): ବଅଁରପାଳ ବ୍ଲକର ପୂର୍ବତନ ଅଧକ୍ଷ ନିର୍ମଳ କୁମାର ଗଡ଼ନାୟକଙ୍କ ପତ୍ନୀ ଦମୟନ୍ତୀ ଗଡ଼ନାୟକଙ୍କ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ହୋଇଥିଲା। ମୃତ୍ୟୁ ଖବର ପାଇ ଉପବାଚସ୍ପତି ରଜନୀକାନ୍ତ ସିଂହ, ବିଜେଡି ଯୁବନେତା ଅରୁଣାଭ ସିଂହ, ଜିଲ୍ଲା ବିଜେଡି ଉପସଭାପତି ବାଉରୀବନ୍ଧୁ ସାହୁ, ଭରତ ମାଝୀ, ଲିଟୁ ମାଝୀ, ଶ୍ରୀଜଗନ୍ନାଥ ମନ୍ଦିର କମିଟି ସଦସ୍ୟ ପୀତାମ୍ବର ସାହୁ,ରାମ ଚନ୍ଦ୍ର ସାହୁ, ପ୍ରଦୀପ୍ତ କୁମାର ମାଝୀ, ବିପ୍ର ଚରଣ ଜେନା ପ୍ରମୁଖ ଶେଷ ଦର୍ଶନ କରିଥିଲେ।

ଆବାସ ଯୋଜନାରୁ ବଞ୍ଚିତ ଅସହାୟ ମହିଳା

ଖଜୁରିଆକଟା,୩।୨(ସମିସ):

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଜନସାଧାରଣ ପାଇପାରୁନାହାନ୍ତି ସର୍ବନିମ୍ନ ମୌଳିକ ଅଧିକାର ଓ ସୁବିଧା। ଯାହାର ଜ୍ୱଳନ୍ତ ଉଦାହରଣ ସତ୍ୟବତୀ। ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ପାଟଲା ପଞ୍ଚାୟତ ପାଟଲା ଗୁଡିସାହିର ବାସିନ୍ଦା ହେଲେ ସତ୍ୟବତୀ ସାହୁ (୫୫)।ସେ ଆବାସ ପାଇବାରୁ ବଞ୍ଚିତ ହୋଇଛନ୍ତି। ପରିବାର ସହ ଭଙ୍ଗା ଦଦରା ବିପଦପୂର୍ଣ୍ଣ ଘରେ ଜୀବନ କାଟୁଛନ୍ତି। ରହୁଥିବା ଘରେ ଦିନରେ ସୂର୍ଯ୍ୟ ଏବଂ ରାତିରେ ତାରା ଦେଖିବାକୁ ପଡୁଛି। ଏପରି ଦୟନୀୟ ଅବସ୍ଥାରେ ଜୀବନ କାଟୁଥିଲେ ମଧ୍ୟ ସରପଞ୍ଚ, ପଞ୍ଚାୟତ ଅଧିକାରୀ ଓ ବିଡିଓଙ୍କ ନଜର ଆଜି ପର୍ଯ୍ୟନ୍ତ ପଡୁନାହିଁ। ଆବାସଟିଏ ପାଇଁ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀଙ୍କୁ ସତ୍ୟବତୀ ବାରମ୍ବାର ଗୁହାରି କରିବା ପରେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ବରଂ ଆବାସ ପାଇବାକୁ ହେଲେ ହାତଗୁଞ୍ଜା ଦେବାକୁ ପଡ଼ିବ ବୋଲି ଶୁଣିବାକୁ ପଡ଼ିଛି ବୋଲି ସାଂଘାତିକ ଅଭିଯୋଗ କରିଛନ୍ତି ସତ୍ୟବତୀ।ସତ୍ୟବତୀଙ୍କ ସ୍ୱାମୀ ଜଣେ

କିଡ୍‌ନୀ ରୋଗୀ ହୋଇଥିବାବେଳେ ସେମାନଙ୍କର ୬ ଟି ପିଲାଙ୍କ ମଧ୍ୟରୁ ୩ଜଣ ୯୦ ଭାଗରୁ ଅଧିକ ବିକଳାଙ୍ଗ। ସରକାରଙ୍କ ନିୟମାନୁଯାୟୀ ସେମାନେ ବର୍ଦ୍ଧିତ ଭତ୍ତା ପାଇବାର ହକଦାର ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଅଛନ୍ତି। ପାଉଥିବା ଭତ୍ତା ମଧ୍ୟ ସଠିକ ଭାବରେ ତାଙ୍କୁ ଦିଆଯାଉନଥିବା ସେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଦୃଢ଼ ନିନ୍ଦା କରାଯାଇଛି। ଏପରି ଅଭିଯୋଗଗୁଡ଼ିକ ସମ୍ପର୍କରେ ଆମେ ପାଟଲା ପଞ୍ଚାୟତ ଅଧିକାରୀ ରଞ୍ଜନ ସେଠୀଙ୍କୁ ଯୋଗାଯୋଗ କରିବାରେ ସେ ଘର ପାଇବାକୁ ଯୋଗ୍ୟ ବୋଲି କହିବା ସହ ଟଙ୍କା ମାଗିବା ଅଭିଯୋଗକୁ ଭିତ୍ତିହୀନ ବୋଲି କହିଥିଲେ। ସରପଞ୍ଚଙ୍କ ସହ ଆମେ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇ ପାରିନଥିଲା। ସତ୍ୟବତୀ ଆଣିଥିବା ଅଭିଯୋଗ ଗୁଡ଼ିକର ତଦନ୍ତ କରାଯାଇ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ସହ ଘଟଣାରେ ସମ୍ପୃକ୍ତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ମହିମାଗାଦିରେ ଧର୍ମସଭା ଆରମ୍ଭ

ଯୋରନ୍ଦା,୩।୨(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହିମାଗାଦିରେ ଆଜି ସତ୍ୟମହିମା ଧର୍ମଧାମ ସମାଜ ପକ୍ଷରୁ ବାର୍ଷିକ ଧର୍ମସଭା ଆରମ୍ଭ ହୋଇଛି। ମହିମା ସମାଜ ସଭାପତି ଶୁକଦେବ ବାବାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପାସନା ପୀଠଗୁଡ଼ିକରେ ବାର୍ଷିକ ନୀତି ସନ୍ନ୍ୟାସୀ ନିଯୁକ୍ତ ହୋଇଛନ୍ତି। ଗାଦିମନ୍ଦିର ନୀତି ପାଇଁ ଫାଲଗୁନ ଚୈତ୍ର ଦୁଇମାସ ପାଇଁ ଇନ୍ଦ୍ରମଣି ବାବା, ବଳରାମ ବାବା ଓ ଶୂନ୍ୟ ମନ୍ଦିରରେ ନୀତି କରିବେ। ବୈଶାଖ ଜ୍ୟେଷ୍ଠ ଦୁଇମାସ ପାଇଁ ମାର୍କଣ୍ଡ ବାବା, ବାଳକ ବାବା ଓ ଭୀମ ବାବା ଦାୟିତ୍ୱ ନିର୍ବାହ କରିବେ। ଆଷାଢ଼ ଶ୍ରାବଣ ଦୁଇମାସ ଧ୍ରୁବବାବା, ବିକ୍ରମ ବାବା, ଭାଦ୍ରବ ଆଶ୍ୱିନ ଦୁଇମାସ କେଶବ ବାବା, ତୁଳା ବାବା, କାର୍ତ୍ତିକ ମାର୍ଗଶୀର ଦୁଇମାସ ଦୁଷ୍ମନ୍ତ ବାବା ଓ ଶୁଶାନ୍ତ ବାବା, ପୌଷ ମାଘ ଦୁଇମାସ ଉଦ୍ଧବ ବାବା ଓ ପ୍ରେମାନନ୍ଦ ବାବା ଦାୟିତ୍ୱ ନିର୍ବାହ କରିବେ। ସେହିପରି ଶୂନ୍ୟ ମନ୍ଦିରରେ ଫାଲଗୁନ ଚୈତ୍ର ଦୁଇମାସ ଯୋଗୀନ୍ଦ୍ର ବାବା ଦାୟିତ୍ୱ ନିର୍ବାହ କରିବେ। ବୈଶାଖ ଜ୍ୟେଷ୍ଠ ଦୁଇମାସ ଶଙ୍କର ବାବା ଓ ପାଟଣା ଭୀମ ବାବା, ଆଷାଢ଼ ଶ୍ରାବଣ ଦୁଇମାସ ସ୍ୱାଧୀନ ବାବା ଓ ସତ୍ୟାନନ୍ଦ ବାବା, ଭାଦ୍ରବ ଆଶ୍ୱନ ଦୁଇମାସ ପବିତ୍ର ବାବା, ଅନାମ ବାବା,

କାର୍ତ୍ତିକ ମାର୍ଗଶୀର ଦୁଇମାସ ନବ ବାବା, ପୌଷ ମାଘ ଦୁଇମାସ ନରେନ୍ଦ୍ର ବାବା ଦାୟିତ୍ୱ ନିର୍ବାହ କରିବେ। ନୀତି ମନ୍ଦିରରେ ବନମାଳୀ ବାବା ଓ ମାନବ ବାବା ନୀତି କରିବେ। ଗାଦି ମନ୍ଦିର ପାଣି ନୀତିରେ ବଂଶୀଧର ଦାସ, ଶୂନ୍ୟ ମନ୍ଦିର ପାଣି ନୀତିରେ କିଶୋର ଦାସ, ଧୁନିମନ୍ଦିର ପାଣିନୀତି ହୁକୁମ ଦାସ ଓ ନବ ଦାସ ଦାୟିତ୍ୱ ନିର୍ବାହ କରିବେ। ଘଣ୍ଟା ଘର ଦାୟିତ୍ୱରେ ଘେରଉ ଦାସ, ଭଜନ ନୀତିରେ ବାଲ୍ମିକୀ ଦାସ, ଦୁଃଖ ନାଶନ ଦାସ, ଚକ୍ରଧର ଦାସ, ଅମୂଲ୍ୟ ଦାସ ଦାୟିତ୍ୱ ନିର୍ବାହ କରିବେ । ଖିରି ନୀତି ଦାୟିତ୍ୱରେ ଖଗେଶ୍ୱର ଦାସ, ଝାଡୁ ନୀତି ଭୂଷଣ ବୈରାଗୀ, ଦାମୋଦର ଦାସ, ଅମଣିଆ ଦାୟିତ୍ୱରେ ଭୀମ ଦାସ ଦାୟିତ୍ୱ ନିର୍ବାହ କରିବାପାଇଁ ଦାୟିତ୍ୱ ବଣ୍ଟନ ହୋଇଛି। ଗାଦି ମନ୍ଦିର ସୁରକ୍ଷା ଦାୟିତ୍ୱରେ କାହ୍ନା ଦାସ ଓ ନବ ଦାସ ଦାୟିତ୍ୱ ନିର୍ବାହ କରିବେ।

ଶ୍ରୀସାଇ ଶ୍ରଦ୍ଧା ମନ୍ଦିରର ବାର୍ଷିକୋତ୍ସବ

ଢେଙ୍କାନାଳ,୩।୨(ସମିସ): ସଦର ବ୍ଲକ୍ ଅନ୍ତର୍ଗତ ନରଣପୁର ଗ୍ରାମରେ ଶ୍ରୀସାଇ ଶ୍ରଦ୍ଧା ମନ୍ଦିରର ୪ର୍ଥ ବାର୍ଷିକ ଉତ୍ସବ ଉପଲକ୍ଷେ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବଡ଼ଜୋରା ଠାରୁ ପୂଜାର୍ଚ୍ଚନା କରାଯାଇ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷମାନେ କଳସ ଧରି ଅଞ୍ଚଳ ପରିକ୍ରମା କରି ମନ୍ଦିରରେ ସ୍ଥାପନ କରିଥିଲେ। ପରେ ସୂର୍ଯ୍ୟ ପୂଜା, କଳସ ପୂଜା, ମଣ୍ଡଳ ପୂଜା, ଷୋଡଶ ଉପଚାର ପୂଜା, ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ସମୟରେ ବାଦ୍ୟ ଦ୍ୱାରା ପାଲିଙ୍କି ଯାତ୍ରା ପରେ ଭକ୍ତମାନେ ପ୍ରସାଦସେବନ କରିଥିଲେ। ମନ୍ଦିରର ମୁଖ୍ୟ ପୂଜକ ବସନ୍ତ ସ୍ୱାଇଁ, ଯଜ୍ଞ ପୂଜକ ସନ୍ତୋଷ କୁମାର ପଣ୍ଡା ଓ ରୋହିତ ସେଠୀ, କର୍ତ୍ତା ଅମୀୟ କୁମାର ମହାନ୍ତି ଓ କର୍ତ୍ତୀ ସୁଭଶ୍ରୀ ପଟ୍ଟନାୟକ ପ୍ରମୁଖ ସମସ୍ତ ପୂଜାକୁ ସମ୍ପାଦନ କରିଥିଲେ। ମନ୍ଦିର କମିଟିର ସଭାପତି ଲିଙ୍ଗରାଜ ମଲ୍ଲିକ, ସମ୍ପାଦକ ଦୁଷ୍ମନ୍ତ ସ୍ୱାଇଁ, କୋଷାଧକ୍ଷ ମମତା ସାହୁ, କର୍ମକର୍ତ୍ତା ଜୟନ୍ତୀ ମଲ୍ଲିକ, ଝରଣା ସ୍ୱାଇଁ, ଖିଆଲି ମଲ୍ଲିକ, କାର୍ତ୍ତିକ ସାହୁ, ଇନ୍ଦୁମତୀ ସ୍ୱାଇଁ, ବିମଳା ମହାପାତ୍ର, ନେତ୍ରମଣି ମଲ୍ଲିକ, ଅବଳି ବାରିକ, ଉର୍ମିଳା ବାରିକ, ଚାଇନା ସ୍ୱାଇଁ, ସବିତା ସ୍ୱାଇଁ, ଜ୍ୟୋତିର୍ମୟୀ ପଣ୍ଡା, ବେବି ସ୍ୱାଇଁ, ଦିଲୀପ କୁମାର ସେଠୀ, ବିଦୁର ସ୍ୱାଇଁ, ଶିବପ୍ରସାଦ ପଣ୍ଡା ଓ ସୋମନାଥ ବେହେରାଙ୍କ ସମେତ ବହୁ ସାଇଭକ୍ତ ଯୋଗଦେଇଥିଲେ। ଅଞ୍ଚଳର ବହୁ ସାଇଭକ୍ତ ଉପସ୍ଥିତ ଥିଲେ।

କିକ୍ ବକ୍ସିଂ ଚାମ୍ପିଅନସିପ୍ ପାଇଁ ଖେଳାଳିଙ୍କ ଦିଲ୍ଲୀ ଯାତ୍ରା

ଢେଙ୍କାନାଳ,୩।୨(ସମିସ): ନୂଆଦିଲ୍ଲୀର କେଡି ଯାଦବ ଇନ୍‌ଡୋର୍ ଷ୍ଟାଡିୟମର ଇନ୍ଦିରା ଗାନ୍ଧୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ଫେବୃଆରୀ ୪ ରୁ ୮ ପର୍ଯ୍ୟନ୍ତ ୫ମ ଇଣ୍ଡିଆନ ଓପନ ଅନ୍ତର୍ଜାତୀୟ କପ୍ ୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବା ପାଇଁ ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ୍‌ର ୭ ଖେଳାଳି ଓ ୨ କୋଚ୍ ଭାଗ ନେବେ। ବାଳକ ବିଭାଗରେ ଶୁଭଙ୍କର ନାଏକ, ଓମ୍ ପ୍ରସାଦ ଭଞ୍ଜ, ସୌଭାଗ୍ୟ ରଞ୍ଜନ ବେହେରା ଏବଂ ବାଳିକା ବିଭାଗରେ ରୋଜାଲିନ ସ୍ୱାଇଁ, ସ୍ମୃତି ଭୋଇ, ମାନସୀ ସାହୁ, ରୁପା ନାଏକ,

କୀର୍ତ୍ତି ରାଣୀ ସାହୁ ଓ ମିହିର କୁମାର ସାହୁ ଟିମ କୋଚ ଭାବେ ମଙ୍ଗଳବାର ଯାତ୍ରା କରିଛନ୍ତି। ଏହି ଚାମ୍ପିଅନସିପ୍ ପାଇଁ ଦଳର ଖେଳାଳିମାନେ କଠିନ ଅଭ୍ୟାସ କରିଛନ୍ତି। ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନର ସମସ୍ତ ସଦସ୍ୟ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ସାହୁ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

● ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ

ବିଭାଗୀୟ ଅଧିକାରୀ ଚୁପ୍; ତଦନ୍ତ ଦାବି

ହିନ୍ଦୋଳ,୩।୨(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନ୍‌ଏସିରେ କୋଟିକୋଟି ଟଙ୍କାର ଦୁର୍ନୀତି ହୋଇଥିବାବେଳେ ଏହାର କୌଣସି ତଦନ୍ତ ହେଉ ନଥିବା ବିଭିନ୍ନ ମହଲରେ ଅଭିଯୋଗ ହୋଇଛି। ପୂର୍ବରୁ ଖୋଦ ଏନ୍‌ଏସି ଉପାଧାକ୍ଷାଙ୍କ ସମେତ ୧୨ଜଣ କାଉନସିଲର ବାରମ୍ବାର ଅଭିଯୋଗ କରିଥିଲେ। ମାତ୍ର ବିଭାଗୀୟ ଅଧିକାରୀ ଚୁପ ହୋଇଯାଇଥିବା ଦେଖିବାକୁ ମିଳିଛି। କିଛିମାସ ପୂର୍ବରୁ ହିନ୍ଦୋଳ ଏନ୍‌ଏସି ଉପାଧାକ୍ଷା ପ୍ରତିମା ରାଉତ ଓ ତାଙ୍କ ଅନୁଗତ କାଉନସିଲରମାନେ ହିନ୍ଦୋଳ ଏନ୍‌ଏସିରେ ଆଦର୍ଶ ପୋଖରୀ ନିର୍ମାଣ

କେଳେଙ୍କାରୀ ସହିତ ବ୍ୟାପକ ଦୁର୍ନୀତି, ବିଭିନ୍ନ କାର୍ଯ୍ୟରେ କାମ ନହୋଇ କୋଟିକୋଟି ଟଙ୍କା ହଡ଼ପ ହୋଇଥିବା ନେଇ କର୍ତ୍ତୃପକ୍ଷଙ୍କୁ ଘେରିଥିଲେ। ସହରରେ ସ୍ମାର୍ଟପାର୍କ, ମିନିପାର୍କ, ଆଦର୍ଶପୋଖରୀ ନିର୍ମାଣ, ମିଥ୍ୟାମାଟିମରାମତି କାର୍ଯ୍ୟ, ମୁକ୍ତାଯୋଜନାରେ ସବୁ ୱାର୍ଡରେ ହୋଇଥିବା ସମସ୍ତ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେବା ସହ କାମ ନକରି ମିଥ୍ୟା ବିଲ କରି କୋଟିକୋଟି ଟଙ୍କା ହଡପ ହୋଇଥିବା ଉପାଧାକ୍ଷା ଓ ଅନୁଗତ ପାରିଷଦବର୍ଗ ପ୍ରମାଣ ସହ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ଏହାକୁ କର୍ତ୍ତୃପକ୍ଷ ଗୁରୁତ୍ୱ ନଦେବା କେଉଁ ଅଦୃଶ୍ୟ ଶକ୍ତିର ପ୍ରରୋଚନା କାହାକୁ ଘଣ୍ଟ ଘୋଡ଼ାଯାଉଛି ଏହା ବଡ ପ୍ରଶ୍ନବାଚୀ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ହିନ୍ଦୋଳ ଏନ୍‌ଏସିର ଏହି କେଳେଙ୍କାରୀ ତଦନ୍ତ ନହେବା ଜନସାଧାରଣଙ୍କ କ୍ଷୋଭ ବଢ଼ାଇ ଦେଇଛି। ତୁରନ୍ତ ଭିଜିଲାନ୍ସ ତଦନ୍ତ କରାଯାଇ ସତ୍ୟାସତ୍ୟ ଲୋକଲୋଚନକୁ ଅଣାଯାଇ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ନୂତନ ଶିଳ୍ପ ସ୍ଥାପନରେ ପ୍ରତିବନ୍ଧକ

ଏମ୍‌ଓୟୁ ପରେ ବି କାରଖାନା କର୍ତ୍ତୃପକ୍ଷ ଅନିଚ୍ଛୁକ

ଢେଙ୍କାନାଳ,୩।୨(ସମିସ):

ଢେଙ୍କାନାଳ ଜିଲ୍ଲାରେ ସରକାର ବାରମ୍ବାର ବିଭିନ୍ନ କାରଖାନା ସ୍ଥାପନ ନିମନ୍ତେ ପ୍ରୟାସ ଜାରି ରଖିଥିବା ବେଳେ କେତେକ ରାଜନୈତିକ ବ୍ୟକ୍ତି ନିଜର ଫାଇଦା ହାସଲ ନିମନ୍ତେ ଏଠାରେ କାରଖାନା ସ୍ଥାପନ ବିରୋଧରେ ବିଭିନ୍ନ ସମୟରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଯୋଗୁଁ କାରଖାନା କର୍ତ୍ତୃପକ୍ଷ ଏଠାରେ ଅନିଚ୍ଛା ପ୍ରକାଶ କରୁଥିବା

ଆଶା ଆକାଂକ୍ଷାରେ ନିଯୁକ୍ତି ଆଶାୟୀ

ଜଣାପଡ଼ିଛି। ସରକାର ଢେଙ୍କାନାଳ ଜିଲ୍ଲାର ବିକାଶ ପାଇଁ ବାରମ୍ବାର ଏମଓୟୁ ଏବଂ କ୍ୟାବିନେଟ୍ ନିଷ୍ପତ୍ତି ପରେ ମଧ୍ୟ ଗୋଟିଏ ପରେ ଗୋଟିଏ ଶିଳ୍ପ ବନ୍ଦ ହେଉଛି। ଫଳରେ ନିଯୁକ୍ତି ପାଇଁ ବେକାର ଯୁବକ ଯୁବତୀଙ୍କ ଆଶା, ଆଶାରେ ହିଁ ରହିଯାଉଛି।

ଢେଙ୍କାନାଳ ଜିଲ୍ଲା ସର୍ବପୁରାତନ ଜିଲ୍ଲା ଭାବେ ରହିଥିବାବେଳେ ଏଠାରେ ବସବାସ କରୁଥିବା ଜନସାଧାରଣଙ୍କର ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଦୟନୀୟ ଅବସ୍ଥାରେ ରହିଛି। ଜିଲ୍ଲାରେ ୨୦୧୧ ଜନସଂଖ୍ୟା ଅନୁସାରେ ୧୧ଲକ୍ଷ ୯୨ ହଜାର ୮୮୧ ଲୋକ ବସବାସ କରୁଛନ୍ତି। ଜିଲ୍ଲାରେ ମୋଟ ୮ଟି ବ୍ଲକ୍ ରହିଥିବା ବେଳେ ୨୧୨ଟି ଗ୍ରାମ ପଞ୍ଚାୟତ ରହିଛି। ଜିଲ୍ଲାରେ ୫ଟି ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ରହିଛି। ଜିଲ୍ଲାରେ ଥିବା ହଜାର ହଜାର ଶ୍ରମିକ କ୍ଷୁଦ୍ର ଶିଳ୍ପ ଏବଂ ଅନ୍ୟାନ୍ୟ ଶିଳ୍ପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ନିର୍ଭର କରୁଥିବାବେଳେ ବଡ଼ କାରଖାନାରେ ଶ୍ରମିକମାନେ ନିଜର ଦୈନନ୍ଦିନ କାର୍ଯ୍ୟକରୁଥିବା ଜଣାପଡ଼ିଛି। ଜିଲ୍ଲାରେ ୩ଟି ପାୱାର ପ୍ଲାଣ୍ଟକାର୍ଯ୍ୟକ୍ଷମ ହୋଇଥିଲେ ଏହି କାରଖାନାରେ ଯୁବକ ଯୁବତୀ ନିଯୁକ୍ତି ପାଇବା ସହ ସ୍ଥାନୀୟ ଅଞ୍ଚଳର ଆର୍ôଥକ ସ୍ଥିତି ସୁଧୁରିବାର ଯଥେଷ୍ଟ ସମ୍ଭାବନା ଥିଲା। ଏହି କାରଖାନାଗୁଡ଼ିକ ରାଜ୍ୟ ସରକାରଙ୍କ ଏମ୍‌ଓୟୁ ସ୍ୱାକ୍ଷର କରି କାରଖାନା ପ୍ରତିଷ୍ଠା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସ୍ଥାନୀୟ କେତେକ ମୁନାଫାଖୋର ରାଜନୈତିକ ବ୍ୟକ୍ତିଙ୍କର ନିଜ ଇଚ୍ଛା ଓ ଲାଭଖୋର ମନୋବୃତ୍ତି ଯୋଗୁଁ କାରଖାନାଗୁଡ଼ିକ ଏଠାରୁ ସମସ୍ତ କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ୨୦୧୩ ମସିହାରେ ଗଁଦିଆ ବ୍ଲକ୍ ନେଉଳପୋଇ ଠାରେ ସେସକ ନାମକ ଏକ କୋଲକାତା ବେସ୍‌ଡ୍ ଆର୍‌ପିଜି କମ୍ପାନୀ ପାୱାର ପ୍ଲାଣ୍ଟସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ସହିତ୨୬ ନଭେମ୍ବର ୨୦୧୩ରେ ଏମଓୟୁ ସ୍ୱାକ୍ଷର କରିଥିଲା। ପ୍ରାୟ ୪ ହଜାର ୪୨ କୋଟି ଟଙ୍କା ବିନିମୟରେ ୧୨୦୦ ଏକର ଜମିରେ ସ୍ଥାପିତ ହେବାକୁ ଥିବା ଏହି କୋଇଲା ଭିତ୍ତିକ ପାୱାର ପ୍ଲାଣ୍ଟ ୧ହଜାର ୩୨୦ ମେଗାୱାଟ ବିଜୁଳି ଉତ୍ପାଦନର ଲକ୍ଷ୍ୟ ରଖିଥିଲା। ୨୦୧୫ରେ ପରିବେଶ ମଞ୍ଜୁରୀକୁ ନେଇ ଏହାର କାର୍ଯ୍ୟ ସ୍ଥଗିତ ରହିଲା। ଫଳରେ ହଜାର ହଜାର ଯୁବକ ଯୁବତୀଙ୍କ ସ୍ୱପ୍ନ ଅଧାରେ ରହିଗଲା। ସେହିପରି ଲାନକୋ ବାବନ୍ଧ ପାୱାର ପ୍ଲାଣ୍ଟ ପାଇଁ ମହାନଦୀ କୋଲ୍ଡ ପିଲ୍‌ଡସ ଏବଂ ରାମ୍ପିଆ ଖଣିରୁ କୋଇଲା ଆଣି ମେରାମଣ୍ଡଳୀ ନିକଟରେ ଥିବା କୁରୁଣ୍ଟି ଗ୍ରାମଠାରେ ସ୍ଥାପନ ହେବାକୁ ଥିବା ପାୱାର ପ୍ଲାଣ୍ଟ ମଧ୍ୟ ବନ୍ଦ ହୋଇଯାଇଛି। କାରଖାନାକୁ ନେଇ ସର୍ବଦା ବାଦ ବିବାଦ ମଧ୍ୟରେ ଆଗକୁ ବଢ଼ିପାରିଲା ନାହିଁ। ବ୍ରାହ୍ମଣୀ ନଦୀରୁ ପାଣି ବ୍ୟବହାର ସହିତ କାରଖାନା ହୋଇଥିଲେ ସ୍ଥାନୀୟ ଅଞ୍ଚଳର ଯୁବକ ଯୁବତୀଙ୍କ ସହିତ ପରୋକ୍ଷରେ ନିଯୁକ୍ତି ବୃଦ୍ଧି ପାଇଥାନ୍ତା। ମୁମ୍ବାଇ ବେସ୍‌ଡ ଏହି କମ୍ପାନୀ ୧୩୨୦ ମେଗାୱାଟ ବିଜୁଳି ଉତ୍ପାଦନ ଲକ୍ଷ୍ୟ ରଖି କାରଖାନା ସ୍ଥାପନ ପାଇଁ ଲକ୍ଷ୍ୟ ରଖିଥିବାବେଳେ ଏହା ମଧ୍ୟ ଏକ ପ୍ରକାର ବନ୍ଦ ହୋଇଯାଇଛି। ଏହି କମ୍ପାନୀ ମଧ୍ୟ ୧୩୯୬ ଏକର ଜମିରେ କାରଖାନା ସ୍ଥାପନ ସହିତ ୮ ହଜାର କୋଟି ଟଙ୍କା ବିନିଯୋଗ କରିବାର ଲକ୍ଷ୍ୟ ରଖିଥିଲା। କିନ୍ତୁ ମୁମ୍ବାଇର ନାସନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ ଏହାକୁ ଦେବାଳିଆ ଦର୍ଶାଇବା ଦ୍ୱାରା ଢେଙ୍କାନାଳରେ ଆରମ୍ଭ ହୋଇଥିବା କାରଖାନା ଅଧାରେ ବନ୍ଦ ହୋଇରହିଗଲା। ପାୱାର ପ୍ଲାଣ୍ଟପାଇଁ ସିଆରିଆ, ପାତ୍ରଭାଗା, ମାଣିପୁର ଏବଂ ତାଳବରକୋଟ ପଞ୍ଚାୟତର ୭୯୫ ଏକର ୮୫ ଡେସିମିଲ ଘରୋଇ ଜମିରେ କାରଖାନ ସ୍ଥାପନ ପାଇଁ ଯୋଜନା କରାଯାଇଥିଲା।ଦୀର୍ଘ ୧୬ ବର୍ଷ ହେବ ପାୱାର ପ୍ଲାଣ୍ଟ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଥିବା ବେଳେ ଏବେ ସରକାର କଲ୍ୟାଣୀ ଗ୍ରୁପ୍ ଅଫ୍ କମ୍ପାନୀ ନାମରେ ସେଠାରେ ଅତ୍ୟାଧୁନିକ ପ୍ରତିରକ୍ଷା ଉପକରଣ କାରଖାନା ପାଇଁ ଏମ୍‌ଓୟୁର ୨ବର୍ଷ ପରେ ଏବେ କ୍ୟାବିନେଟ ନିଷ୍ପତ୍ତି ନେଇଛନ୍ତି। ଏହି କାରଖାନାରେ ୧୭ ହଜାର ୨୫୦କୋଟି ବିନିଯୋଗ ହେବାକୁ ଥିବା ବେଳେ ୨୦ ହଜାର ନିଯୁକ୍ତି ସୃଷ୍ଟି ହେବ। ଜିଲ୍ଲାରେ ୩ଟି ବୃହତ୍ତମ ପାୱାର ପ୍ଲାଣ୍ଟ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଛି। ଜିଲ୍ଲାରେ ସମସ୍ତ ପ୍ରକାର ଭିତ୍ତିଭୂମି ରହିଥିବାବେଳେ ଗୋଟିଏ ପରେ ଗୋଟିଏ କାରଖାନା ସ୍ଥାପନ ହୋଇ ପାରୁନଥିବା ଯୋଗୁଁ ସ୍ଥାନୀୟ ଜନସାଧାରଣଙ୍କର ସମସ୍ତ ଆଶା ମଉଳି ଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ, ଜିଲ୍ଲାରେ ୫୦ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସେମାନଙ୍କର ନାମ ପଞ୍ଜୀକରଣ କରି ଦୁର୍ଦ୍ଦିନରେ ଗତି କରୁଥିବାର ଜଣାପଡ଼ିଛି।

ଚାଚାଜୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗଁଦିଆ,୩।୨(ସମିସ): ଗଁଦିଆ ବ୍ଲକ ଚିରୁଳେଇସ୍ଥିତ ଚାଚାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ରୋହିତ କୁମାର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସୁଦର୍ଶନ ସରକାରୀ ବିଦ୍ୟା ଭବନର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଦେହୁରୀ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ହରିହର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନୈତିକ ମୂଲ୍ୟଯୁକ୍ତ ଶିକ୍ଷା ପ୍ରଦାନ କରିବାକୁ ପରାମର୍ଶ

ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ବିଶ୍ୱନାଥ ମାଝୀ, ପରିଚାଳନା ପରିଷଦ ସଭାପତି ଯୁଧିଷ୍ଠିର ରାଉତ, ସମାଜସେବୀ ରୋହିତ ବେହେରା ଯୋଗଦେଇଥିଲେ। ନବୋଦୟ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଠିକ୍ ସେହିପରି ଶ୍ରେଷ୍ଠ ଛାତ୍ର, ବାର୍ଷିକ ଉତ୍ସବରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ରୀନାବତୀ ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଶିକ୍ଷକ ଦିଲୀପ କୁମାର ନାୟକ, ଶିକ୍ଷୟିତ୍ରୀ ମଞ୍ଜୁଲତା ବିଶ୍ୱାଳ, ଲଳିତା ଭୋଇ, ନୀହାରିକା ଭୋଇ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବାର୍‌ହା ମାଂସ ସହ ୧୮ ବଣ୍ଡଲ କେନ୍ଦୁପତ୍ର ଜବତ

ଶିକାରୀ ଗିରଫ, ବନ୍ଧୁକ ଜବତ

ଛେଣ୍ଡିପଦା, ୩।୨(ସମିସ): ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ରେଞ୍ଜ ପାତ୍ରପଡ଼ା ତାଳମଣ୍ଡଳୀ ସାହିରେ ଚଢ଼ଉ କରି ଛେଣ୍ଡିପଦା ବନବିଭାଗ ବାର୍‌ହା ମାଂସ ସହ ୧୮ ବଣ୍ଡଲ କେନ୍ଦୁପତ୍ର, ଶିକାରରେ ବ୍ୟବହୃତ ବନ୍ଧୁକ, ତାର, ଫାଶ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ମଙ୍ଗଳବାର ସନ୍ଧ୍ୟାରେ ଏହି ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ପାତ୍ରପଡ଼ା ତାଳମଣ୍ଡଳୀ ସାହିର ଏକ ଘରୁ ୨ଟି ଦେଶୀ ବନ୍ଧୁକ, ବାରହା ମାଂସ, ୧୦୦ ଗ୍ରାମ

ବାରୁଦ, ୧୧୦ ଗୁଳି, ୬ଟି ଟାଙ୍ଗିଆ, ୧୮ ବଣ୍ଡଲ କେନ୍ଦୁପତ୍ର, ତାର ସମେତ ବନ୍ୟ ଜନ୍ତୁ ଶିକାର ପାଇଁ ବ୍ୟବହୃତ ଅନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ଏଥିସହ ପାତ୍ରପଡ଼ା ଗ୍ରାମର ପିଣ୍ଟୁ ଦାସଙ୍କ ଘର ତଲାସି କରାଯାଇଥିଲା। ତଲାସି କରିବା ସମୟରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ବ୍ୟବହାର ପାଇଁ ଥିବା ସାମଗ୍ରୀ ଉଦ୍ଧାର କରାଯାଇଥିଲା। ସେଥିମଧ୍ୟରେ ପ୍ଲାଷ୍ଟିକ୍ ତାର ୫୦ମିଟର, ୨କେଜି ଜିଆଇ ତାର, ୨ଟି ପାନୀଖି, ୬ଟି ଟାଙ୍ଗିଆ, ସିସା ୧୦୦ ଗ୍ରାମ, ୨ଟି ହେଡ୍ ଟର୍ଚ୍ଚ, ୪ଟି ହାତ ତିଆରି ବିସ୍ଫୋରକ ବୋମା, ୧୦୦ଗ୍ରାମ ଜିଙ୍କ ବାରୁଦ ଆଦି ଜବତ କରାଯାଇଛି। ଜବତ ପରେ ସାମଗ୍ରୀକୁ ବନବିଭାଗ ପକ୍ଷରୁ ଛେଣ୍ଡିପଦା ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଛି। ଏହି ଚଢ଼ଉରେ ଫରେଷ୍ଟର ସୁଶାନ୍ତ କୁମାର ନାଏକ, ଫରେଷ୍ଟର ଦିଗାମ୍ବର ନାୟକ, ବେଣୁଧର ବେହେରା, ସୋନାପିକା ପ୍ରିୟଦର୍ଶିନୀ, ବିରଜା ପ୍ରସାଦ ପ୍ରଧାନ, ଗୀତା ମାଝୀ, ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ଏବଂ ଛେଣ୍ଡିପଦା ରେଞ୍ଜର ଗଜମିତ୍ର ସାମିଲ ହୋଇଥିଲେ।

ମୃତଦେହ ଛୁଇଁଲେନି ସାହିବାସିନ୍ଦା

ସରପଞ୍ଚଙ୍କ ହସ୍ତକ୍ଷେପ ପରେ ଶେଷକୃତ୍ୟ ସମ୍ପନ୍ନ

ପାଲଲହଡ଼ା,୩।୨(ସମିସ): ସାମାଜିକ କଟକଣା ପାଇଁ ମୃତଦେହକୁ ଛୁଇଁଲେନି ସାହିବାସିନ୍ଦା। ପରେ ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ଜେସିବି ମେସିନ ସାହାଯ୍ୟରେ ଶେଷକୃତ୍ୟ କରାଯିବା ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପାଲଲହଡ଼ା ବ୍ଲକ୍ ପେଚାମୁଣ୍ଡି ପଞ୍ଚାୟତର ଶିମିଳିପାଳ ଗ୍ରାମର ଖଗେଶ୍ୱର ଗୁରୁ ଦୀର୍ଘ ଦିନ ହେଲା ଶଯ୍ୟାଶାୟୀ ଥିଲେ। ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ସାମାଜିକ କଟକଣା ପାଇଁ ତାଙ୍କ ମୃତଦେହକୁ ସାହିବାସିନ୍ଦା ଛୁଇଁ ନଥିଲେ। ପରିବାର କହିଲେ ପୁଅ-ଝିଅ। ପୁଅ ସୁବ୍ରତ ଗୁରୁ ଦୁରାରୋଗ୍ୟ ବ୍ୟାଧିରେ ଶଯ୍ୟାଶାୟୀ। ତାଙ୍କୁ ସାହାଯ୍ୟ କରିବାକୁ କେହି ନାହାଁନ୍ତି। ମୃତଦେହକୁ ସତ୍କାର କରିବା ପାଇଁ ସାହିବାସିନ୍ଦା ନ ବାହାରିବାରୁ ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନ କେନ୍ଦୁଝର ସୀମାବର୍ତ୍ତୀ ବିଞ୍ଜବହାଲ ଗ୍ରାମରୁ କିଛି ସମାଜସେବୀଙ୍କୁ ଡକାଇ ଏକ ଜେସିବି ସାହାଯ୍ୟରେ ମୃତଦେହକୁ ନେଇ ସତ୍କାର କରାଇଥିଲେ। ଶେଷକୃତ୍ୟ ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ପରିବାର ଲୋକଙ୍କୁ ପ୍ରଦାନ କରିଥିଲେ। ଖବର ପାଇ ବ୍ଲକ୍ ଅଧ୍ୟକ୍ଷା ରୀନାରାଣୀ ନାଏକ ପହଞ୍ଚି ପୀଡ଼ିତ ପରିବାର ସହ ଆଲୋଚନା କରିବା ପରେ ସମସ୍ତ ପ୍ରକାର ସରକାରୀ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ପୁଲିସ୍ ଏସ୍‌ଆଇ ପରୀକ୍ଷା କଥା ଭୁଲିଗଲେ ସରକାର

୫ ରେ ଆନ୍ଦୋଳନକୁ ଓହ୍ଲାଇବ 'ଷ୍ଟୁଡେଣ୍ଟସ ଏଗେନେଷ୍ଟ କରପସନ'

ଭୁବନେଶ୍ୱର,୩।୨(ସମିସ): ରାଜ୍ୟର ସବୁଠୁ ବଡ ନିଯୁକ୍ତି ଦୁର୍ନୀତି କୁହାଯାଉଥିବା ପୁଲିସ ଏସ୍‌ଆଇ ନିଯୁକ୍ତି ଜାଲିଆତି ଘଟଣାର ସିବିଆଇ ତଦନ୍ତ ଜାରି ରହିଛି। ହେଲେ ଏହି ତଦନ୍ତ ଆଳରେ ସରକାର ଧାର୍ଯ୍ୟ ହୋଇଥିବା ଏସ୍‌ଆଇ ପରୀକ୍ଷା କଥା ସମ୍ପୂର୍ଣ୍ଣ ଭୁଲିଯାଇଛି। ସାନି ତାରିଖ ଘୋଷଣା ହେଉ ନ ଥିବାରୁ ହଜାର ହଜାର ମେଧାବୀଙ୍କ ଭିତରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଯାହାକୁ ନେଇ ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଉପରେ ବର୍ଷିଛି ଷ୍ଟୁଡେଣ୍ଟସ ଏଗେନେଷ୍ଟ କରପସନ। ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି, ଏସ୍‌ଆଇ ପରୀକ୍ଷା ପ୍ରଶ୍ନପତ୍ର ଦୁର୍ନୀତି ମାଲମର ତଦନ୍ତ ସ୍ଥିତି ଓ ପୁଲିସ୍ ଏସ୍‌ଆଇ ପରୀକ୍ଷା ବିଷୟରେ ସରକାର ସମ୍ପୂର୍ଣ୍ଣ ନୀରବ ରହିଛନ୍ତି। ସେମାନଙ୍କୁ ଏହି ପରୀକ୍ଷା ସମ୍ପର୍କରେ ମନେ ପକେଇବା ଉଦ୍ଦେଶ୍ୟରେ ଆସନ୍ତା ୫ ତାରିଖରେ ଏକ ବିରାଟ ଆନ୍ଦୋଳନ ପାଇଁ ନିଷ୍ପତ୍ତି ହୋଇଛି। ଶୀଘ୍ର ପରୀକ୍ଷା ତାରିଖ ଘୋଷଣା କରିବାକୁ ଏହି ଆନ୍ଦୋଳନ ହେବ। ସରକାରଙ୍କୁ ପରୀକ୍ଷା କଥା ମନେ ପକାଇବା ପାଇଁ ବାଧ ହୋଇ ମେଧାବୀଙ୍କୁ ଗାନ୍ଧୀ ମାର୍ଗକୁ ଓହ୍ଲାଇବାକୁ ପଡୁଛି ବୋଲି ସେ କହିଛନ୍ତି।

ସଂଗଠନ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ତାରିଖ ୨୦୨୬ ରେ ଘୋଷଣା ନ ହେଇ ପାରିବା ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଉଛି। ଏହାଦ୍ୱାରା ଲକ୍ଷ ଲକ୍ଷ ମେଧାବୀଙ୍କ ମାନସିକ ସ୍ଥିତି ଓ ଭବିଷ୍ୟତ ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ମହାପାତ୍ର

ଚାକିରୀ ବିକ୍ରି ବନ୍ଦ କରିବା ପାଇଁ ହେଲେ ଏହି ମାମଲାରେ ସିବିଆଇ ଆମୂଳଚୂଳ ତଦନ୍ତ କରି ବଡବଡିଆ ଅଧିକାରୀଙ୍କୁ ବାନ୍ଧିବା ଆବଶ୍ୟକ। ଏସ୍‌ଆଇ ପରୀକ୍ଷା ପୂର୍ବରୁ ଦୁଇ ଦୁଇ ଥର ବାତିଲ ହେବା ଓ ୨୦୨୪ମସିହା ବିଜ୍ଞପ୍ତିର ପରୀକ୍ଷା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସଦସ୍ୟ ତଥା ପରୀକ୍ଷାର୍ଥୀ ସୌମ୍ୟ ଅନୁପ୍ରାସ, ସ୍ମୃତି ରଞ୍ଜନ ଆଚାର୍ଯ୍ୟ, ବିଘ୍ନେଶ ପଟେଲ, ସନ୍ତୋଷ ସାହୁ, ମହେଶ କୁମାର ବଁଶୁର, ବିଷ୍ଣୁ ପ୍ରସାଦ ଆଦି ଉପସ୍ଥିତ ଥିଲେ।

ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

ମୁନିଗୁଡ଼ା, ୩।୨(ସମିସ): ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ବୀଭତ୍ସ ହତ୍ୟା। ରାୟଗଡ଼ା ଜିଲ୍ଲା ଆମ୍ବଦଲା ଥାନା ଶରଧାପୁର ପଞ୍ଚାୟତ ଶୁଣ୍ଠୀପଦର ଗ୍ରାମରେ ଏଭଳି ଏକ ଘଟଣା ଘଟିଛି। ମୃତକ ହେଲେ, ଗାଁର ଚିଟି ରାମ ବାଗ (୮୧)। ଦୁର୍ବୃତ୍ତମାନେ ତାଙ୍କୁ କାଟିରେ ହାଣିବା ପରେ ପଥରରେ ଛେଚି ହତ୍ୟା କରିଛନ୍ତି। ଅମ୍ବାଦଲା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମୃତଦେହ ନିକଟରୁ ପୁଲିସ ଏକ ଟର୍ଚ୍ଚ ଲାଇଟ୍ ଓ କାଟି ଜବତ କରିଛି। ପରିବାରଲୋକଙ୍କ କହିବାନୁଯାୟୀ, ପାଖାପାଖି ୬ମାସ ତଳେ କିଛି ଯୁବକଙ୍କ ସହ ଚିଟିରାମଙ୍କ ପାଟିତୁଣ୍ଡ ହୋଇଥିଲା। ଚିଟିରାମ ଗୁଣିଗାରେଡ଼ି କରୁଥିବା ଅଭିଯୋଗ କରି ସେମାନେ ତାଙ୍କୁ ଧମକଚମକ ଦେଇଥିଲେ। ସେମାନେ ତାଙ୍କୁ ହତ୍ୟା କରିଛନ୍ତି ବୋଲି ପରିବାରଲୋକ ସନ୍ଦେହ କରିଛନ୍ତି। ବୃଦ୍ଧଜଣଙ୍କ ଗତ ୧ ତାରିଖ ଦିନ ତୁପାପଡ଼ର ଗ୍ରାମକୁ ଯାଇ ଫେରି ନଥିଲେ। ପରିବାରଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ପାଇନଥିଲେ। ଆଜି ସକାଳୁ ଧାନବିଲ ନିକଟ ଏକ ନାଳରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ଅମ୍ବାଦଲା ପୁଲିସକୁ ଖବର ଦେଇଥିଲେ। ତେବେ ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଆଇଆଇସି କଳ୍ପନା ବେହେରା କହିଛନ୍ତି। ଘଟଣାସ୍ଥଳରେ ମୁନିଗୁଡ଼ା ଆଇଆଇସି କେଶବ ଷଡ଼ଙ୍ଗୀ ମଧ୍ୟ ଯାଇ ତଦନ୍ତ କରିଛନ୍ତି।

ବ୍ରହ୍ମପୁର ବନଖଣ୍ଡରେ ୨୮୫୬ କୃଷ୍ଣସାର

ଘୁମୁସୁର ଦକ୍ଷିଣ ଡିଭିଜନ୍‌ର ବେତନଇରେ କ୍ରୀଡ଼ାରତ ବିରଳ କୃଷ୍ଣସାର
(ଫଟୋ ସୌଜନ୍ୟ: ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ୱାର୍ଡେନ ସେବାଶିଷ ଜେନା)

ବ୍ରହ୍ମପୁର,୩।୨(ସମିସ): ଚଳିତବର୍ଷ ଗଣନା ରିପୋର୍ଟ ଅନୁଯାୟୀ ବ୍ରହ୍ମପୁର ବନଖଣ୍ଡରେ ୯୮ଟି ଅଧିକ କୃଷ୍ଣସାର ଦେଖାଦେଇଛନ୍ତି। ୨୦୨୫ ମସିହା ଗଣନାରେ ବନଖଣ୍ଡରେ ୨୭୫୮ଟି କୃଷ୍ଣସାର ରହିଥିବା ବେଳେ ଚଳିତବର୍ଷ ଏହା ୨୮୫୬କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ ୮୨୬ଟି ପୁରୁଷ, ୧୯୮୨ଟି ମହିଳା ଓ ୪୮ଟି ଶାବକ ଥିବା ଜଣାପଡ଼ିଛି। ବନଖଣ୍ଡର ବ୍ରହ୍ମପୁର, ଖଲ୍ଲିକୋଟ ଓ ଦିଗପହଣ୍ଡି ବନାଞ୍ଚଳରେ ୩୫ଟି ଟିମ୍ ଗଣନାରେ ନିୟୋଜିତ ରହିଥିବା ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ ବିପାଶା ପାରୁଲ୍ ସୂଚନା ଦେଇଛନ୍ତି।

ମୁନ୍ଦାଏ ପାଣି ଦେବାକୁ ଅସମର୍ଥ, ବିକଶିତ ଭାରତ ଗଢ଼ିବେ କେମିତି: ଭକ୍ତ

ଭୁବନେଶ୍ୱର,୩।୨(ସମିସ): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ପାଲଟପୁର ପଞ୍ଚାୟତ ଗସ୍ତ କରି ସେଠାକାର ଜଳ ସମସ୍ୟାର ସ୍ଥିତି ସମୀକ୍ଷା କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ପାଲଟପୁରରୁ ଫେରିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ସ୍ଥିତି ବିଷୟରେ ଜଣାଇ ତୁରନ୍ତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି ବୋଲି ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ଭକ୍ତ କହିଛନ୍ତି। ସେ କହିଛନ୍ତି, ପାଲଟପୁରର ମୋଟ ଜନସଂଖ୍ୟା ୬୮୪୧ ଏବଂ ୫ଟି ରାଜସ୍ୱଗ୍ରାମ। ବର୍ତ୍ତମାନ ପରୀକ୍ଷା ପାଇଁ ୮୨୭ ଟି ନଳକୂପରୁ ନମୂନା ନିଆଯାଇଥିଲା। ସେଥିରୁ ୪୨ଟି ନଳକୂପର ନମୂନା ମିଳିନଥିବା ବେଳେ ୧୬୦ଟି ରିପୋର୍ଟ ଆସିଲା ଏବଂ ସେଥିରୁ ୯୦ ଟି ନଳକୂପର ନମୂନା ପରୀକ୍ଷଣରୁ ଆର୍ସେନିକ, ଲିଡ, ମାଗ୍ନେସିୟମ, ଆଇରନ ଭଳିଆ ରସାୟନିକ ପଦାର୍ଥ ମିଳିଥିଲା। ଏହି ସ୍ଥିତି ଦେଖି ଜଳ ଯୋଗାଣ ମନ୍ତ୍ରୀ କ'ଣ କରୁଛନ୍ତି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଆଧୁନିକ ଭାରତରେ ବିଷାକ୍ତ ପାଣି ପିଇ ଲୋକେ ମରୁଛନ୍ତି। ସରକାର ଉତ୍ତରଦାୟୀ ହେବେନାହିଁ କାହିଁକି ବୋଲି ସେ କହିଛନ୍ତି।

ସାଧାରଣ ମୁନ୍ଦିଏ ବିଶୁଦ୍ଧ ପାଣି ଯୋଗାଇବାରେ ସରକାର ବିଫଳ। ଏଭଳି ପରିସ୍ଥିତିରେ ବିକଶିତ ଭାରତ ଗଢ଼ିବ କେମିତି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ବିଷାକ୍ତ ପାଣି ଓ ବିଷାକ୍ତ ମଦ ପିଇ ଲୋକେ ମରୁଛନ୍ତି; କିନ୍ତୁ ସରକାର ହାତ ଟେକିଦେଇଛନ୍ତି। କୋରାପୁଟ ଜିଲ୍ଲା ଜୟପୁର ସହର ପାଖ ସାନକଉଡି ଗାଁରେ ଲୋକେ ବିଷାକ୍ତ ମଦପିଇ ୪୦୦ ମହିଳା ବିଧବା ହେଲେଣି। ସମସ୍ତ ପ୍ରଶାସନ କଳ ଥିବା ସତ୍ତ୍ୱେ ସାଧାରଣ ପିଇବାପାଣି ଯୋଗାଣ ହେଇପାରୁ ନାହିଁ। ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ଥିବା ସମସ୍ତ ନଳକୂପର ପରୀକ୍ଷା କରାଯାଉ ଏବଂ ବିଧିବଦ୍ଧ ଭାବରେ ପ୍ରତିଶେଧାତ୍ମକ କାର୍ଯ୍ୟଗ୍ରହଣ କରାଯାଉ ବୋଲି ସେ କହିଛନ୍ତି।

ରାଜ୍ୟସଭାରେ ସାଂସଦ ମାନସଙ୍କ ଉଦ୍‌ବେଗ

୩ ବର୍ଷରେ ଆୟୁଷ ମିଶନରେ ମିଳିଛି ମାତ୍ର ୨୩ କୋଟି

ଭୁବନେଶ୍ୱର,୩।୨(ସମିସ): ଓଡ଼ିଶାରେ ମୋଟ୍ ୧୩ଟି ଆୟୁଷ୍ ମେଡିକାଲ କଲେଜ ଓ ୯ଟି ଆୟୁଷ୍ ହସ୍ପିଟାଲ ରହିଛି। ଏଠାରେ ମୋଟ୍ ୧୧୩୦ଜଣ ଆୟୁଷ ଡାକ୍ତର କାର୍ଯ୍ୟକ୍ଷମ ଅଛନ୍ତି। ଏହାସହିତ ରାଷ୍ଟ୍ରୀୟ ଆୟୁଷ ମିଶନ ଅଧୀନରେ କେନ୍ଦ୍ର ସରକାର ଗତ ୩ ବର୍ଷ ମଧ୍ୟରେ ଅର୍ଥାତ ୨୦୨୨-୨୩ରୁ ୨୦୨୪-୨୫ ପର୍ଯ୍ୟନ୍ତ ଓଡ଼ିଶାକୁ ମୋଟ ୨୩.୬୯ କୋଟି ଟଙ୍କା ପ୍ରଦାନ କରିଛନ୍ତି। ରାଜ୍ୟରେ ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପଚାରିଥିବା ପ୍ରଶ୍ନ ଉତ୍ତରରେ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ପ୍ରତାପରାଓ ଯାଦବ ଏହି ତଥ୍ୟ ଦେଇଛନ୍ତି। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସାଂସଦ ମାନସ।

ଓଡ଼ିଶାରେ ଉପଲବ୍ଧ ଆୟୁଷ ମେଡିକାଲ କଲେଜ, ହସ୍ପିଟାଲ ଏବଂ ଡାକ୍ତରଙ୍କ ସଂଖ୍ୟା କେତେ ରହିଛି। ଏହାସହିତ ରାଜ୍ୟରେ କେତେକ ଆୟୁଷ ସଂସ୍ଥାଗୁଡ଼ିକରେ ଅପର୍ଯ୍ୟାପ୍ତ ଭିତ୍ତିଭୂମି ଏବଂ ଶିକ୍ଷକ ଅଭାବ ସମ୍ବନ୍ଧୀୟ ରିପୋର୍ଟ ବିଷୟରେ ମନ୍ତ୍ରଣାଳୟ ଅବଗତ ଅଛନ୍ତି କି? ଏହି ଅଭାବଗୁଡ଼ିକୁ ଦୂର କରିବା ପାଇଁ ମନ୍ତ୍ରଣାଳୟ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟପନ୍ଥା ଓ ଗତ ତିନି ବର୍ଷ ମଧ୍ୟରେ ରାଷ୍ଟ୍ରୀୟ ଆୟୁଷ ମିଶନ ଅଧୀନରେ ଓଡ଼ିଶାକୁ ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତା ବିଷୟରେ ଅବଗତ କରାଇବାକୁ ଶ୍ରୀ ମଙ୍ଗରାଜ ଦାବି କରିଛନ୍ତି। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶା ପକ୍ଷରୁ ଆୟୁଷ୍ ସଂସ୍ଥାଗୁଡ଼ିକରେ ଅପର୍ଯ୍ୟାପ୍ତ ଭିତ୍ତିଭୂମି ସମ୍ବନ୍ଧରେ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ରାଜ୍ୟ ସରକାର ନିୟମିତ ଅଧ୍ୟାପକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି ଏବଂ ଆୟୁଷ ସଂସ୍ଥାଗୁଡ଼ିକରେ ରିଡର ଓ ପ୍ରଫେସରଙ୍କ ପଦୋନ୍ନତି ପାଇଁ ବାର୍ଷିକ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବୈଠକ ଜାରି ରଖିଛନ୍ତି। ମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ ରାଜ୍ୟର ବରଗଡ଼, ବଲାଙ୍ଗିର, କଟକ, ଗଞ୍ଜାମ, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଆଦି ୯ ଟି ଜିଲ୍ଲାରେ ମୋଟ୍ ୧୩ ଟି ଆୟୁଷ ମେଡିକାଲ କଲେଜ୍ ଓ ୯ ଟି ଆୟୁଷ ହସ୍ପିଟାଲ ରହିଛି। ଏହା ବ୍ୟତୀତ ରାଜ୍ୟର ୩୦ ଟି ଜିଲ୍ଲାରେ ୧୧୩୦ ଜଣ ଆୟୁଷ ଡାକ୍ତର କାର୍ଯ୍ୟକ୍ଷମ ଅଛନ୍ତି।

OFFICE OF THE DIVISIONAL FOREST OFFICER SAMBALPUR FOREST DIVISION
Near Jail Chowk
e-mail id – dfo.sambalpur@odisha.gov.in
Phone/FAX- 0663-2410139
8001/14/2526

TENDER NOTICE SALE OF CONFISCATED VEHICLES

The undersigned invites sealed tender in plain paper for sale of 30 (Thirty) numbers of confiscated vehicles on *as is where is basis* separately for each vehicle (details list attached herewith) by 11.00 AM, on 23.02.2026. The Earnest Money Deposit shall be made in shape of Demand Draft payable at State Bank of India, Main Branch, Sambalpur in favour of "Divisional Forest Officer, Sambalpur Forest Division" for each vehicle separately @ 1000/- (One Thousand only). The tender shall be accompanied with aforesaid EMD along with self attested photocopy of AADHAR & PAN Card, without which the tender will not be accepted. The tender shall be open on the same day i.e. on 23.02.2026 at 11.00 AM in Office of the Divisional Forest Officer, Sambalpur Forest Division in the presence of tenderers. The tenderers are advised to inspect the vehicle kept at the place (shown in the list attached) during office hours on working days and also go through the detailed terms & conditions of the sale attached herewith prior to the submission of tender.

The details of the vehicles along with the Terms and Conditions have also been displayed on the Office Notice Board of Divisional Forest Officer, Sambalpur Forest Division & in Range Offices Notice Board of Sambalpur Forest Division.

The undersigned reserves the right to accept/ reject the tender without assigning any reason thereof.

No correspondence in this regard will be entertained.

Divisional Forest Officer
Sambalpur Forest Division

OIPR-8001/8046/1/25-26/0014

13001/13/2526

ପୌରପରିଷଦ କାର୍ଯ୍ୟାଳୟ, ତାଳଚେର
ଜିଲ୍ଲା- ଅନୁଗୋଳ
ଫୋ. ନଂ. (୦୬୭୬୦)୨୪୦୨୬୮ | ଇ-ମେଲ୍ ଆଇ.ଡି : e.o.talcher@gmail.com

ନଂ. ୩୧୯୮ / ତା. ୩୧.୧.୨୬

ଟେଣ୍ଡର ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ତାଳଚେର ପୌରପରିଷଦ ଅନ୍ତର୍ଗତ "ବସ ଷ୍ଟାଣ୍ଡ ଆଦର୍ଶ ଶୌଚାଳୟ" ଏକ ବର୍ଷ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଲଫାପା ଟେଣ୍ଡର ଆହ୍ୱାନ କରାଯାଉଅଛି। ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ତା.୦୨/୦୨/୨୦୨୬ ରିଖ ଠାରୁ ତା.୦୯/୦୨/୨୦୨୬ ରିଖ ଅପରାହ୍ନ ୪ ଘଟିକା ମଧ୍ୟରେ (ସରକାରୀ ଛୁଟି ଦିନ ବ୍ୟତୀତ) ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ ଟ. ୫୦୦/- (ପାଞ୍ଚଶହ ଟଙ୍କା) ଦାଖଲ କରି ପୌର କାର୍ଯ୍ୟାଳୟରୁ କ୍ରୟ କରିପାରିବେ। ଟେଣ୍ଡର ତା.୧୦/୦୨/୨୦୨୬ ରିଖ ଅପରାହ୍ନ ଘ.୧:୩୦ ମି. ପର୍ଯ୍ୟନ୍ତ ଗ୍ରହଣ କରାଯିବ ଏବଂ ସେହିଦିନ ଅପରାହ୍ନ ଘ.୩:୩୦ ମି. ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡର ପକାଇବା ସମୟରେ ପୌରପରିଷଦ ଦ୍ୱାରା ସର୍ତ୍ତାବଳି ପାଳନ କରିବା ସହିତ ନିୟମାନୁଯାୟୀ ସମ୍ପତ୍ତି ପରିଚାଳନା କରିବେ ଏବଂ ଫି ଇତ୍ୟାଦି ଆଦାୟ କରିବେ। ଯେକୌଣସି ଟେଣ୍ଡରକୁ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଟେଣ୍ଡର ରଦ୍ଦ କରିପାରିବେ।

କ୍ର. ନଂ.	ସାଇରାତ ନାମ	ବାର୍ଷିକ ସରକାରୀ ଡାକ	ଅମାନତ ଟଙ୍କା
୧	ବସ ଷ୍ଟାଣ୍ଡ ଆଦର୍ଶ ଶୌଚାଳୟ	ଟ. ୧,୮୧,୧୦୦/-	ଟ. ୧୮,୧୧୦/-

ନିର୍ବାହୀ ଅଧିକାରୀ
ତାଳଚେର ପୌରପରିଷଦ

OIPR-13001/13077/1/25-26/0013

13001/16/2526

GOVERNMENT OF ODISHA
HOUSING & URBAN DEVELOPMENT DEPARTMENT
OF THE NOTIFIED AREA COUNCIL, PADAMPUR
At- Padampur, Po-Rajborasambar, Dist.: Bargarh , Pin- 768036
Ph.No.: 06683-223436, E-mail: nac.padampur@gmail.com

No.197 / NACP Dt. 30.01.2026

National Competitive Bidding through e-procurement
Bid Identification No. NAC-PDP-09/2025-26

The Executive Officer, N.A.C. Padampur on behalf of NAC invites Percentage bid through e-procurement in Double cover system according to norm of e-Procurement system in on-line mode.

1. Nature of Work : Civil Building Work
2. No. of works : 1 (One No)
3. Estimate Cost : Crore Rs.1.34
4. Class of Contractor : "B" or Equivalent Class"
5. Date & Time of availability of Bid Documents in the portal : 9.00 AM on dt.31-01-2026 up to 05.00 PM on dt.12-02-2026
6. Last date & time for receipt of Bids in the portal. : 12-02-2026 at 05.00 PM.
7. Bid opening Date : Dt.13-02-2026 at 11.00 AM

The bidders have to participate in online bidding only. Further details can be seen from the website https:// www.tendersodisha.gov.in

Executive Officer
N.A.C. Padampur

OIPR-13001/13118/1/25-26/0016

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ/ପୋଷ୍ଟ- ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BERHAMPUR
(At/po- Ambapua, Near Income Tax Office, Berhampur-760011, Ganjam, Odisha)

Email: serwbpr2004@yahoo.com, Tel No. 0680-2404287 25001/9/2526

No. e-tender/431/RWC/BAM/Dated 29.01.2026
2nd Corrigendum to Bid Identification No. Online Tnder/49-2025-26/BPR

1. The partial modification of Road works under MMSY-TRIP for the year 2025-26 vide above identification has been made as follows.

1	Date of availability of tender	::	10.02.2026 to 25.02.2026 upto 5.30 PM instead of 27.01.2026 to 10.02.2026 upto 5.30 PM.
2	Last Date & Time of seeking tender clarification	::	23.02.2026 at 5.30 PM instead of 07.02.2026 at 5.30 PM
3	Date of opening of Technical Bid.	::	26.02.2026 at 11.00 AM instead of 11.02.2026 at 11.00 AM
4	Date of opening of Financial Bid	::	Will be intimated later on.

All other contents will remain unchanged.

Chief Engineer
R.W. Circle, Berhampur

OIPR-25001/25071/1/25-26/0009

GOVERNMENT OF ODISHA, DEPARTMENTOF WATER RESOURCES
Office of the Engineer-In-Chief, Water Resources, Secha Sadan, Bhubaneswar
32001/6/2526

Email Address: cemech.eicwr.od@gmail.com
e-Procurement Notice- Bid Identification No.- CEM/MDC-28/ 2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM/MDC - 28/2025-26
5. Estimated Cost : Rs. 28,26,008.00
6. Period of Completion : 30 Days
7. Date & time of availability of bid documents in the Portal : From dt.30.01.2026 (10.00 AM) to dt.06.02.2026 (5.30 PM)
8. Last date/ time for receipt of bid In the Portal : dt.06.02.2026(up to 5.30 PM)
9. Date and Place of opening of Bid : dt.07.02.2026 (12.00 Noon onwards in the O/O the undersigned)
10. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR-32001/32520/1/25-26/0006

GOVT. OF ODISHA 32001/9/2526
OFFICE OF THE SUPERINTENDING ENGINEER
BALASORE IRRIGATION DIVISION, BALASORE
e-Mail id. eebid1234@gmail.com
'e'-Procurement Notice No. SEBID 02 of 2025-26

1.	Procurement Officer	:	Superintending Engineer, Balasore Irrigation Division, Balasore
2.	Total No. of Works	:	10(Ten) no. of Works
3.	Estimated Cost	:	Varies from Rs.12.71 lakhs to Rs.77.64 lakhs approximately (details can be seen in the DTCN of bid documents of the respective works)
4	Class of Contractor	:	(Details can be seen in the DTCN of bid documents of the respective works)
5	Bid Security	:	Details can be seen in the DTCN of bid documents of the respective works.
6	Period of completion	:	Details can be seen in the DTCN of bid documents respective works.
7.	Date & Time of Availability of Bid: Documents in the Portal for On-line bidding	:	From dt 05.02.2026, 10.00 hours to 19.02.2026, up to 17.00 hours
8.	Last date/ Time for receipt of Bid only in online	:	19.02.2026 up to 17.00 hours
9	Date/ Time of Opening Technical Bid (Cover-I)	:	20.02.2026 at 11.00 hours onwards at Office of the Superintending Engineer, Balasore Irrigation Division, Balasore.
10.	Date/ Time of Opening Financial Bid for double Cover (Cover-II)		To be intimated after Evaluation of Technical Bid.
11.	e-mail Id	:	eebid1234@gmail.com

Further details can be seen from the "e" Procurement Portal http: // tendersodisha.gov.in

SUPERINTENDING ENGINEER,
BALASORE IRRIGATION DIVISION,
BALASORE

OIPR-32001/32110/1/25-26/0009

OFFICE OF THE NOTIFIED AREA COUNCIL, JUNAGARH 13001/11/2526
No- 177 /NAC (J) Date. 27.01.2026
"e" Procurement Notice
Bid Identification No- JNG / NAC / 01 / 25-26

Bid document consisting of the scheduled of quantities and the set of the terms and conditions of contract and other necessary documents can be seen in the Odisha Government website i.e. www.tendersorissa.gov.in.

1. Name of the work : Electrical & PH works under NAC Junagarh.
2. Eligibility : HT/MV Electrical " C " & " D "Class Contractor
3. No of works : 06 (Six)
4. Value of works : 25.81 Lakhs to `9.44 lakhs
5. Completion Period : 30 Days
6. Date and Time of Availability Bid Documents in the Portal : 30.01.26 from 10 AM onwards
7. Last Date and time for Submission : 07.02.26 up to 5 PM
8. BID opening date/time : 09.02.26 at 11 AM
9. Bid opening Place : NAC Office NAC Junagarh

Further details can be seen from the procurement portal i.e. www.tendersorissa.gov.in.

SD/-
Executive Officer NAC Junagarh

OIPR-13001/13133/1/25-26/0011

OFFICE OF THE SUPERINTENDING ENGINEER 25001/13/2526
RURAL WATER SUPPLY AND SANITATION DIVISION, BHUBANESWAR
Plot No.-1214 (Part), Tapovan Road, Khandagiri, Bhubaneswar-30.
Short Quotation Call Notice No - 40 of 2025-26

Sealed quotationers are invited from reputed Suppliers/ Authorized Firms/ Resellers of the State for the work "Supply & installation of Air Conditioners for Addition, Alternation & Renoation of existing Conference Hall in the Office of the Additional Chief Engineer, RWS&S Circle, Bhubaneswar".

Last date of issue of Bid Document :	05.02.2026 till 03:00 P.M.
Last date of submission of Bids :	05.02.2026 by 04:00 P.M.
Opening of Bids :	06.02.2026 at 11:30 A.M.

The Quatation details with matgrials description can be collected from Office of the Superintending Enginner, RWS&S Division, Bhubaneswar. The superintending engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.

Superintending Engineer
RWS&S Division, Bhubaneswar,

OIPR-25001/25011/1/25-26/0013

OFFICE OF THE SUPERINTENDING ENGINEER 25001/16/2526
RURAL WATER SUPPLY AND SANITATION DIVISION; BHUBANESWAR
Plot No.-1214 (Part), Tapovan Road, Khandagiri, Bhubaneswar-30.
Short Quotation Call Notice No - 38 of 2025-26

Sealed quotationers are invited from reputed Suppliers/ Authorized Firms/ Resellers of the State for the work "Supply & installation of Conference Table for Addition, Alternation & Renoation of existing Conference Hall in the Office of the Additional Chief Engineer, RWS&S Circle, Bhubaneswar".

Last date of issue of Bid Document :	05.02.2026 till 03:00 P.M.
Last date of submission of Bids :	05.02.2026 by 04:00 P.M.
Opening of Bids :	06.02.2026 at 11:30 A.M.

The Quatation details with materials description can be collected from Office of the Superintending Enginner, RWS&S Division, Bhubaneswar. The superintending engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.

Superintending Engineer
RWS&S Division, Bhubaneswar,

OIPR- 25001/25011/1/25-26/0016

25001/16/2526 E-Mail:rw.kamakhyanagar@yahoo.co.in

Government of Odisha
Office of the Superintending Engineer,
Rural Works Division-II, Dhenkanal.
Kamakhyanagar

e-procurement Notice No 26 / Road Work / 2025-26.

1. Name of the work : Road Work
2. Total No. of Works : 2 (Two) Nos
3. Tender Cost : Rs.5.08 & 10.17 lakhs
4. Class Contractor : D, C & B equivalent
5. Period of Completion : 1 calendar months
6. Availability of Tender online for bidding : 03.02. 2026.. at 11.00 A.M to 10.02.2026 up to 5.00 P.M
7. Last Date & Time of seeking tender clarification : 09.02.2026 up to 5.00 PM
8. Date & Time of opening of Bid : 10.02.2026 at 5.30 P.M

Other Details can be seen from the website http://tendersorissa.gov.in.

Superintending Engineer
Rural Works Division-II, Dkl
Kamakhyanagar

OIPR-25001/25094/1/25-26/0016

ଆଜିର ରାଶିଫଳ

ମେଷ: ସକରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ । ପୂର୍ବର ଭୁଲ୍‌କୁ ଅନୁଧ୍ୟାନ କରି ଆଗକୁ ବଢ଼ିବାକୁ ଚେଷ୍ଟା କରିବେ । ବ୍ୟବସାୟରେ ସଫଳତା ପାଇବେ । ଆୟ ଓ ବ୍ୟୟ ସମାନ ରହିବ ।

ବୃଷ: ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ମାନ ସମ୍ମାନ ବୃଦ୍ଧିପାଇବ ।

ମିଥୁନ: ଆର୍ଥିକ ସ୍ଥିତି ଠିକ୍ ରହିବ । ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ । ଅଯଥା କଥାରେ ଯୁକ୍ତି କରନ୍ତୁନି । ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି ।

କର୍କଟ: ମାନସିକ ଶାନ୍ତି ମିଳିବ । ଅପେକ୍ଷାର ଫଳ ମିଳିପାରେ । କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ । ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ । ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି ।

ସିଂହ: ନିଜ ଲୋକ ଶତ୍ରୁ ସାଜିପାରନ୍ତି । ଅଯଥା ଖର୍ଚ୍ଚରୁ ଦୂରେଇ ରହନ୍ତୁ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କଳାକାରଙ୍କ ପାଇଁ ଦିନଟି ଭଲ । ଜମି ବିବାଦର ସମାଧାନ ହେବ । ଅତିଥି ସତ୍କାର କରିପାରନ୍ତି ।

କନ୍ୟା: ପରିବାର ସହିତ ସମୟ ବିତାନ୍ତୁ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।

ତୁଳା: ଅଫିସ କାମକୁ ନେଇ ଚିନ୍ତାରେ ରହିପାରନ୍ତି । ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ । ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ । ମହିଳାମାନଙ୍କ ପାଇଁ ଦିନଟି ଭଲ ।

ବିଛା: ଯୋଜନା ମୁତାବକ କାମ କରିବା ଭଲ । ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି । ରାଜନୀତିରେ ସକ୍ରିୟ ରହିପାରନ୍ତି । ମନ ମୁତାବକ କାମ କରନ୍ତୁ । ପଡୋଶୀଙ୍କ ସହ ସମ୍ପର୍କ ମଧୁର ହେବ ।

ଧନୁ: ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ ।

ମକର: ଯୁବପିଢ଼ିଙ୍କ ପାଇଁ ଦିନଟି ଭଲ । ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ । ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ । ପେଟଜନିତ ସମସ୍ୟା ହେବାର ଆଶଙ୍କା ରହିଛି ।

କୁମ୍ଭ: ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଆଶା କରିଥିବା ଦିଗରୁ ଅର୍ଥ ମିଳିବ । ଅତିଥି ସତ୍କାରରେ ଦିନ ବିତିବ । ବିଦ୍ୟାର୍ଥୀମାନେ ଶିକ୍ଷା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ ।

ମୀନ: ପରିବାର ପାଇଁ ସମୟ କାଢ଼ନ୍ତୁ । ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ । କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ । ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି ।

ଆଜିର ଇତିହାସ

- ୧୮୪୭- ପ୍ରଥମ ଆମେରିକୀୟ ଟେଲିଗ୍ରାମ୍ କମ୍ପାନି ମେରିଲ୍ୟାଣ୍ଡରେ ସ୍ଥାପିତ ।
- ୧୯୨୦- ପ୍ରଥମ ଥର ଲଣ୍ଡନରୁ ଆମେରିକା ଉଡ଼ାଣ ଆରମ୍ଭ ।
- ୧୯୪୮- ଶ୍ରୀଲଙ୍କା ବ୍ରିଟେନ୍ ଠାରୁ ସ୍ୱାଧୀନ ହେଲା ।
- ୨୦୦୪- ଫେସ୍‌ବୁକ୍ ଲଞ୍ଚ୍ ହୋଇଥିଲା ।
- ୨୦୧୪- ସତ୍ୟ ନଡେଲା ମାଇକ୍ରୋସଫ୍ଟର ସିଇଓ ନିଯୁକ୍ତ ହେଲେ ।

ଆଜି ବାହୁଡ଼ିଥିଲେ

ଉତ୍କଳ ଗୌରବ ମଧୁସୂଦନ ଦାସ

ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି । ଉତ୍କଳ ପ୍ରଦେଶ ଗଠନର ସେ ଥିଲେ ଅନ୍ୟତମ ପ୍ରମୁଖ ବିଧାଣି । ଓଡ଼ିଶାର ମାଟି, ମଣିଷ ଓ ଭାଷାକୁ ସେ ପ୍ରାଣ ଭରି ଭଲ ପାଉଥିଲେ । ଆଇନ, ବ୍ୟବସାୟ, ରାଜନୀତି ଓ ସାମ୍ବାଦିକତା ପ୍ରତ୍ୟେକ କ୍ଷେତ୍ରରେ ସେ ନିଜର ସ୍ୱତନ୍ତ୍ର ପରିଚୟ ଛାଡ଼ି ଯାଇଛନ୍ତି । ମଧୁସୂଦନଙ୍କ ସମଗ୍ର ଜୀବନ ଓଡ଼ିଶା ପାଇଁ ଉତ୍ସର୍ଗୀକୃତ । ଆଇନ କ୍ଷେତ୍ରରୁ ଆରମ୍ଭ କରି ସମବାୟ ଆନ୍ଦୋଳନ, କୁଟୀର ଶିଳ୍ପ, ତାରକସୀ କାର୍ଯ୍ୟ, ଶିକ୍ଷା, ପୌରସଂସ୍କାର ଉନ୍ନତି, ଛାତ୍ର ଜାଗରଣ, ନାରୀ ଜାଗରଣ, ଏହିପରି ସବୁକ୍ଷେତ୍ରରେ ସେ ଥିଲେ ପ୍ରତିଟି ଓଡ଼ିଆଙ୍କ ପଥ ପ୍ରଦର୍ଶକ । ସେ ୧୮୪୮ ମସିହା ଏପ୍ରିଲ୍ ମାସ ୨୮ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁରଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଏବଂ ମାତାଙ୍କ ନାମ ପାର୍ବତୀ ଦେବୀ । ସେ ଗାଁ ଚାଟଶାଳୀରୁ ପାଠପଢ଼ା ସାରି ହାଇସ୍କୁଲ ପାଠ ପଢ଼ିବା ପାଇଁ କଟକ ଆସିଥିଲେ । ୧୮୬୪ରେ ମଧୁସୂଦନ ଅନ୍ୟ ଚାରିଜଣଙ୍କ ସହ କଟକ ସ୍କୁଲରୁ ଦ୍ୱିତୀୟ ଶ୍ରେଣୀରେ ଏଣ୍ଟ୍ରାନ୍ସ ପାସ କରିଥିଲେ । ଏହାପରେ ସେ ବାଲେଶ୍ୱରରେ କିରାଣି ଚାକିରିଟିଏ କଲେ । ୧୮୭୦ରେ ସେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ମଧୁବାବୁ ଇଂରାଜୀ ସାହିତ୍ୟରେ ଏମ୍.ଏ. ପାସ୍ କଲାପରେ କଲିକତାରେ କେତେକ ସ୍କୁଲରେ ଶିକ୍ଷକତା କରିଥିଲେ । କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏଲ୍. ପାସ୍ କରିବା ପରେ ମଧୁବାବୁ ପ୍ରଥମେ ଚବିଶ ପ୍ରଗଣା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ । କଲିକତାରୁ ଆସି କଟକରେ



ଓକିଲାତି କରିବା ପରେ ଲୋକେ ତାଙ୍କୁ 'ମଧୁ ବାରିଷ୍ଟର' ବୋଲି ସମ୍ବୋଧନ କଲେ । ସେ ଉତ୍କଳ ଟାନେରୀ ଓ ଓଡ଼ିଶା ତାରକସୀ ନାମକ ଦୁଇଟି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ମଧୁବାବୁ ଥିଲେ ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା । ସେ ଥିଲେ ଓଡ଼ିଶାର ପ୍ରଥମ ବାରିଷ୍ଟର । ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ଓଡ଼ିଆ ଏମ୍‌ଏ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ, ପ୍ରଥମ ମନ୍ତ୍ରୀ, ପ୍ରଥମ ଓଡ଼ିଶା-ବିହାର ବିଧାନସଭା ସଦସ୍ୟ । ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ସାରା ଜୀବନ ସେ ସଂଗ୍ରାମ କରିଥିଲେ । ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ । ତାଙ୍କର ପ୍ରତ୍ୟକ୍ଷ ପ୍ରେରଣା ଓ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଗଠନ ହୋଇଥିଲା । ସେହିପରି ଜଣେ ଲେଖକ ଓ କବି ଭାବରେ ମଧ୍ୟ ସେ ଅନେକ ଦେଶାତ୍ମବୋଧକ ଲେଖା ଲେଖିଛନ୍ତି । 'ଉତ୍କଳ ସନ୍ତାନ', 'ଜାତି ଇତିହାସ', 'ଜ୍ଞାନୀର ଉକ୍ତି', 'ଜାତୀୟ ଗୀତିକା' ଆଦି ଲେଖା ତାଙ୍କର ପ୍ରସିଦ୍ଧି ଲାଭ କରିଛି । ଏହି ବରପୁତ୍ରଙ୍କର ୧୯୩୪ ମସିହା ଆଜିର ଦିନରେ ପରଲୋକ ଘଟିଥିଲା । ତେବେ ଓଡ଼ିଶା ଓ ଓଡ଼ିଆ ଭାଷାର ସ୍ୱାଭିମାନକୁ ନେଇ ଯଦି କିଏ ସମଗ୍ର ଇତିହାସରେ ପ୍ରାଣପାତ କରି ଲଢ଼େଇ କରିଥିଲା ସେ ହେଉଛନ୍ତି କୁଳବୃଦ୍ଧ ମଧୁସୂଦନ ଦାସ । ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ ସେ ଶତାବ୍ଦୀର ସୂର୍ଯ୍ୟ ।

ଶଙ୍କରଙ୍କ ଫିଲ୍ମରେ ରଣବୀର

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର' ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହେବା ପରେ ଦର୍ଶକେ ଏବେ ଏହାର ସିକ୍ୱେଲକୁ ଅପେକ୍ଷା କରିଛନ୍ତି । ଇତିମଧ୍ୟରେ ରଣବୀରଙ୍କ ହାତକୁ ତାଙ୍କ କ୍ୟାରିୟରର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ଆସିଥିବା ଚର୍ଚ୍ଚା ହେଉଛି । ଏହି ଫିଲ୍ମକୁ ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନିର୍ଦ୍ଦେଶକ ଏସ୍. ଶଙ୍କର ନିର୍ମାଣ କରୁଛନ୍ତି । ଫିଲ୍ମର ଟାଇଟଲ୍ ରହିଛି 'ବେଲପାରି' । ଏହାପୂର୍ବରୁ ୨୦୦୧ରେ ଆସିଥିବା ଅନୀଲ କପୁରଙ୍କ 'ନାୟକ'ର ନିର୍ଦ୍ଦେଶନା ଶଙ୍କର ଦେଇଥିଲେ । ଏହା ତାଙ୍କ ନିର୍ଦ୍ଦେଶିତ ଏକମାତ୍ର ହିନ୍ଦୀ ଫିଲ୍ମ ଥିଲା । ଏବେ ଏହା ଶଙ୍କର ନିର୍ଦ୍ଦେଶିତ ଦ୍ୱିତୀୟ ହିନ୍ଦୀ ଫିଲ୍ମ ହେବ । ଏଥିରେ ରଣରବୀରଙ୍କ ସହ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ବିକ୍ରମ ମଧ୍ୟ ଲିଡ୍ ରୋଲରେ ନଜର ଆସିପାରନ୍ତି । ତେବେ ଶଙ୍କର ଏହି ଫିଲ୍ମ ପାଇଁ ରଣବୀରଙ୍କ ସହ ଆଲୋଚନା କରିଛନ୍ତି । ଏଯାଏଁ ଏହି ଫିଲ୍ମକୁ ନେଇ ବିଧିବଦ୍ଧ ଭାବେ ରଣବୀର କି ଶଙ୍କର କୌଣସି ସୂଚନା ଦେଇ ନାହାନ୍ତି । ଫିଲ୍ମର କାହାଣୀ ତାମିଲ ଲୋକକଥା ଓ ଇତିହାସ ଉପରେ ଆଧାରିତ ହେବ ।

ବିଶ୍ୱ କର୍କଟ ଦିବସ

କ୍ୟାନସର୍ ବା କର୍କଟ, ଏକ ପ୍ରାଣଘାତୀ ରୋଗ । ପରିବର୍ତ୍ତିତ ଜୀବନଶୈଳୀ ଯୋଗୁଁ ଲକ୍ଷ ଲକ୍ଷ ଲୋକ ଏହି ଗମ୍ଭୀର ରୋଗର ଶିକାର ହେଉଛନ୍ତି ।

କର୍କଟ ରୋଗ ସମ୍ପର୍କରେ ଲୋକଙ୍କୁ ସଚେତନା କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ ରୂପେ ପାଳନ କରାଯାଏ । କର୍କଟ ରୋଗ ସମ୍ପର୍କରେ ଜନସଚେତନା ସୃଷ୍ଟି କରିବା, ଶୀଘ୍ର ଚିହ୍ନଟ, ନିରାକରଣ ଏବଂ ରୋଗରେ ପୀଡ଼ିତ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ବର୍ତ୍ତମାନ ସମୟରେ ଏହି ମାରାତ୍ମକ ରୋଗ ବିରୋଧରେ ସମସ୍ତେ ମିଶି ଲଢ଼େଇ କରିବାର ଆବଶ୍ୟକତା ରହିଛି । ଏହା ଏମିତି ଏକ ରୋଗ ଯାହାର ଚିକିତ୍ସା ଠିକ୍ ସମୟରେ କରା ନ ଗଲେ ରୋଗୀ ମୃତ୍ୟୁମୁଖରେ ପଡ଼େ । କାରଣ କର୍କଟର ପ୍ରାରମ୍ଭିକ ଲକ୍ଷଣ କେହି ସହଜରେ ଜାଣିପାରି ନ ଥାନ୍ତି । ତେବେ ଅନ୍ୟ ରୋଗ ତୁଳନାରେ ପୃଥିବୀରେ କର୍କଟଜନିତ ମୃତ୍ୟୁ ଖୁବ୍ ଅଧିକ । ମହିଳାମାନେ ସ୍ତନ କର୍କଟରେ ଅଧିକ ପୀଡ଼ିତ ହେଉଥିବା ବେଳେ ପୁରୁଷମାନେ ଫୁସ୍‌ଫୁସ୍ କର୍କଟରେ ଅଧିକ ଆକ୍ରାନ୍ତ ହେଉଛନ୍ତି । ତେବେ ଏହି ଦିବସକୁ ପ୍ରଥମଥର ପାଇଁ ୧୯୯୩ ସ୍ୱିଜରଲ୍ୟାଣ୍ଡର ଜେନେଭାରେ ୟୁନିୟନ୍ ଫର୍ ଇଣ୍ଟରନ୍ୟାସନାଲ କ୍ୟାନ୍‌ସର୍ କଣ୍ଟ୍ରୋଲ (ୟୁଆଇସିସି) ଦ୍ୱାରା ଫେବୃଆରୀ ୪ରେ ପାଳନ କରାଯାଇଥିଲା । ଏହାର ଉଦ୍ଦେଶ୍ୟ କର୍କଟ ରୋଗୀଙ୍କ ସଂଖ୍ୟା ତଥା ଏହାର ମୃତ୍ୟୁହାରକୁ କମ୍ କରିବା । ଏହାବାଦ୍ କ୍ୟାନ୍‌ସର୍ ଲକ୍ଷଣକୁ ଠିକ୍ ସମୟରେ ଚିହ୍ନଟ କରିବା ତଥା ଏହା ବିରୋଧରେ ଯେଉଁ ଗୁଜବ ବା ଭୁଲ୍ ଚିନ୍ତାଧାରା ରହିଛି ତାହାକୁ ଦୂର କରିବା । ଏକ ସୁସ୍ଥ ଜୀବନଶୈଳୀ ଆପଣାଇ କ୍ୟାନ୍‌ସର୍ ଭଳି ମାରାତ୍ମକ ରୋଗର ଆଶଙ୍କାକୁ କମ୍ କରାଯାଇପାରେ । ଏଥିପାଇଁ ସୁନିଦ୍ରା ସହ ସନ୍ତୁଳିତ ଆହାର ଗ୍ରହଣ, ପ୍ରତିଦିନ ବ୍ୟାୟାମ କରିବା ଜରୁରି । ଏଭଳି କରିବା ଦ୍ୱାରା କେବଳ ଆମର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ ନାହିଁ ବରଂ ସୁସ୍ଥ ଜୀବନ ଜୀଇଁବାରେ ମଧ୍ୟ ସହାୟକ ହୋଇଥାଏ । ସେହିପରି ଯଦି କୌଣସି ବ୍ୟକ୍ତିଙ୍କଠାରେ କ୍ୟାନ୍‌ସର୍‌ର ଲକ୍ଷଣ ଦେଖାଯାଏ, ତାହେଲେ ଅବିଳମ୍ବେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି । ଠିକ୍ ସମୟରେ କ୍ୟାନ୍‌ସର୍ ଚିହ୍ନଟ ହୋଇପାରିଲେ, ଏହି ରୋଗକୁ ପରାସ୍ତ କରାଯାଇପାରିବ । ଏ ବାବଦରେ ଲୋକଙ୍କୁ ସଚେତନ କରିବା ପାଇଁ ଏହିଦିନ ସରକାରୀ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ବହୁ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ପ୍ରତିବର୍ଷ ଏହାକୁ ଏକ ନିର୍ଦ୍ଦିଷ୍ଟ ଥିମ୍‌ରେ ପାଳନ କରାଯାଏ । ଚଳିତବର୍ଷର ଥିମ୍ ହେଉଛି 'ୟୁନାଇଟେଡ୍ ବାଏ ୟୁନିକ୍' ।

ଯୁବପିଢ଼ିଙ୍କଠାରେ ବଢ଼ୁଛି ଡିଜିଟାଲ ଆସକ୍ତି

ଦିନ ତମାମ ଫୋନ, ଭିଡିଓ ତଥା ରିଲ୍ ଦେଖିବା ଏବେ ଅନେକଙ୍କ ଅଭ୍ୟାସ ପାଲଟିଛି । ବିଶେଷକରି ଯୁବପିଢ଼ିଙ୍କଠାରେ ଏହି ଅଭ୍ୟାସ ଟିକେ ବେଶି । ମୁଖ୍ୟତଃ ୧୫-୨୪ ବର୍ଷ ବୟସ୍କଙ୍କଠାରେ ଏହା ଅଧିକ ବୋଲି କୁହାଯାଉଛି । ଏଥିଯୋଗୁଁ ଯୁବପିଢ଼ିଙ୍କଠାରେ ଅନେକ ପ୍ରକାର ଶାରୀରିକ ଓ ମାନସିକ ସମସ୍ୟା ବଢ଼ିବାରେ ଲାଗିଛି । ତା'ସହ ଡିଜିଟାଲ ଆସକ୍ତି ଯୋଗୁଁ ସେମାନଙ୍କର ନିତିଦିନର କାମ ବି ପ୍ରଭାବିତ ହେଉଛି ।

ଆବଶ୍ୟକତାଠୁ ଅଧିକ ଡିଜିଟାଲ ଡିଭାଇସ୍ ବ୍ୟବହାର କରିବାକୁ ଡିଜିଟାଲ ଆସକ୍ତି ବୋଲି କୁହାଯାଏ । ମୁଖ୍ୟତଃ ସୋସିଆଲ ମିଡିଆ ବ୍ୟବହାର, ଗେମିଂ, ଅନଲାଇନ ନିଶା ଅବସାଦ, ଚିନ୍ତା, ମୋଟାପାର କାରଣ ପାଲଟିଛି । ଏପରିକି ସବୁବେଳେ ଚିନ୍ତାଗ୍ରସ୍ତ ରହିବା ଯୋଗୁଁ ସେମାନଙ୍କର ନିତିଦିନର କାମ ପ୍ରଭାବିତ ହେଉଛି । ଇକୋନମିକ ସର୍ଭେ ୨୦୨୫-୨୬ ରିପୋର୍ଟ ଅନୁସାରେ, ସୋସିଆଲ ମିଡିଆ ନିଶା କେବଳ ଯୁବପିଢ଼ିଙ୍କ ଜୀବନ ନଷ୍ଟ କରୁନାହିଁ, ବରଂ ଯେଉଁ ବୟସରେ ସେମାନଙ୍କୁ ପଢ଼ିବା ତଥା କ୍ୟାରିୟର ଗଢ଼ିବା ଦରକାର, ସେହି ବୟସରେ ସେମାନେ ଅବସାଦ, ମୋଟାପାର ଶିକାର ହେଉଛନ୍ତି । ଏହି ରିପୋର୍ଟ ଅନୁସାରେ, ଡିଜିଟାଲ ଆସକ୍ତି ଯୋଗୁଁ ଏହାର ସମ୍ବନ୍ଧ ବଢ଼ୁଥିବା ମାନସିକ ରୋଗ ସହିତ ଜଡ଼ିତ ବୋଲି କୁହାଯାଇଛି । କେବଳ ସେତିକି ନୁହେଁ, ଏହା ଯୋଗୁଁ ଯୁବପିଢ଼ି ସାଇବରବୁଲିଂର ବି ଶିକାର ହେଉଛନ୍ତି । ଅନ୍ୟପଟେ ସୋସିଆଲ ମିଡିଆ ନିଶା ବିଶେଷକରି ୧୫-୨୪ ବର୍ଷ ବୟସ୍କଙ୍କଠାରେ ଅଧିକ ବୋଲି କୁହାଯାଇଛି ।

ସେହିପରି ସୋସିଆଲ ମିଡିଆରେ ବାରମ୍ବାର ସ୍କ୍ରଲ କରିବା ଏବଂ ସାମାଜିକ ତୁଳନା କରିବା ଚିନ୍ତା ଓ ଅବସାଦର ଲକ୍ଷଣ ସହିତ ଜଡ଼ିତ । ଏହାବାଦ୍ ଗେମ୍ ଖେଳିବା, ଲଗାତାର ଟିଭି ତଥା ଫୋନ୍ ଦେଖିବା ମାନସିକ ସ୍ୱାସ୍ଥ୍ୟ ପ୍ରତି ବିପଦ । ୨୦୨୪ର ଏକ ରିପୋର୍ଟ ଅନୁସାରେ, ଭାରତରେ ପ୍ରାୟ ଅଧା ଇଣ୍ଟରନେଟ୍ ବ୍ୟବହାରକାରୀ ଅନଲାଇନ ଭିଡିଓ ଦେଖିଥାନ୍ତି । ୪୩ ପ୍ରତିଶତ ସୋସିଆଲ ମିଡିଆ ବ୍ୟବହାର କରିଥାନ୍ତି, ୪୦ ପ୍ରତିଶତ ଇ-ମେଲ ତଥା ମ୍ୟୁଜିକ ଷ୍ଟ୍ରିମିଂ କରିଥାନ୍ତି । ୨୬ ପ୍ରତିଶତ ଡିଜିଟାଲ ପେମେଣ୍ଟ କରନ୍ତି । ତେଣୁ ପ୍ରାୟ ୪୦ କୋଟି ଲୋକ ଓଟିଟି ପ୍ଲାଟଫର୍ମ ଏବଂ ୩୫ କୋଟି ଲୋକ ସୋସିଆଲ ମିଡିଆ ସହିତ ଜଡ଼ିତ । ଅନ୍ୟପଟେ ସର୍ଭେରେ ସ୍ପଷ୍ଟ ଭାବେ କୁହାଯାଇଛି, ୧୫-୨୯ ବର୍ଷ ବୟସ୍କ ଯୁବପିଢ଼ିଙ୍କଠାରେ ଇଣ୍ଟରନେଟ୍ ଏବଂ ମୋବାଇଲର ପହଞ୍ଚ ପ୍ରତ୍ୟେକ ସ୍ଥାନରେ ଅଛି ।

ଟ୍ରେଣ୍ଡରେ ଏଆଇ ଟର୍କିଂ ଭେଜିଟେବୁଲ

ଲୋକେ ଏବେ ସର୍ଟ ଭିଡିଓ ଦେଖିବାକୁ ବେଶି ପସନ୍ଦ କରୁଛନ୍ତି । ସେହିପରି ଇନଷ୍ଟାଗ୍ରାମ୍‌ରେ ଏବେ ଅଜବ ତଥା ଆକର୍ଷଣୀୟ ଟ୍ରେଣ୍ଡ ଖୁବ୍ ଚର୍ଚ୍ଚା ସାଉଁଟୁଛି । ଏହା ହେଉଛି ଏଆଇ ଟର୍କିଂ ଭେଜିଟେବୁଲ । ଏଥିରେ ଥ୍ରୀଡି ଅବତାରରେ ବ୍ରୋକଲି ଏବଂ ବନ୍ଧାକୋବି ଭଳି ଚରିତ୍ର ସ୍ୱାସ୍ଥ୍ୟ ପରାମର୍ଶ ଦେଉଛନ୍ତି । ଏହାକୁ କେବଳ ଲୋକେ ପସନ୍ଦ କରୁ ନାହାନ୍ତି, ବରଂ କ୍ରିଏଟରଙ୍କ ପାଇଁ ଏହା ଆୟର ଏକ ନୂଆ ମାଧ୍ୟମ ପାଲଟିଛି ।

ଏଆଇ ଭେଜିଟେବୁଲ ରିଲ୍ ହେଉଛି ଏମିତି ଏକ ସର୍ଟ ଭିଡିଓ, ଯେଉଁଥିରେ ବ୍ରୋକଲି, ବନ୍ଧାକୋବି, ଟମାଟୋ ଭଳି ପରିବାକୁ ଥ୍ରୀଡି ଆନିମେଟେଡ୍ ଚରିତ୍ରରେ ପ୍ରଦର୍ଶନ କରାଯାଉଛି । ଏହି ପନିପରିବା ମଣିଷ ଭଳି କଥା କହେ, ସ୍ୱାସ୍ଥ୍ୟ, ଜୀବନଶୈଳୀ ଏବଂ ମୋଟିଭେସନ ସହିତ ଜଡ଼ିତ କଥାକୁ ମଜାଦାର ଶୈଳୀରେ ବୁଝାଏ । ତେବେ ବିଶେଷଜ୍ଞଙ୍କ ଅନୁସାରେ, ଏହି ରିଲ୍‌ର ସଫଳତା ପଛରେ ଡୋପାମିନ୍-ଫ୍ରେଣ୍ଡଲି ଫର୍ମାଟ ଅଛି । ଯେତେବେଳେ ମଣିଷ ମୁହଁ ଭଳି ପରିବା ମଜାଦାର ସ୍ୱରରେ ସ୍ୱାସ୍ଥ୍ୟ ଉପକାରିତା ବିଷୟରେ କହେ, ସେତେବେଳେ ଲୋକଙ୍କ ଦୃଷ୍ଟିଆକର୍ଷଣ କରିବାର ସମୟ ସୀମା ବଢ଼ିଯାଏ । ବିରକ୍ତିକର ବ୍ଲଗ୍ ତୁଳନାରେ, ଏହି କଣ୍ଟେଣ୍ଟ କ୍ଷୁଦ୍ର, ଭିଜୁଆଲି ଅଲଗା ଏବଂ ତୁରନ୍ତ ମନୋରଞ୍ଜନ ପ୍ରଦାନ କରିଥାଏ । ଏବେ ଲୋକଙ୍କ ଧ୍ୟାନ ଶୀଘ୍ର ବିଚ୍ୟୁତ ହେଉଥିବା ବେଳେ ଏଭଳି ରିଲ୍ ବ୍ୟବହାରକାରୀଙ୍କୁ ପସନ୍ଦ ଆସୁଛି ।

ଅନ୍ୟପଟେ ଏହା ଏକ ବ୍ୟବସାୟିକ ଟ୍ରେଣ୍ଡ ବି ପାଲଟିଛି । ଅନେକ କ୍ରିଏଟର ଏହି ଏଆଇ ଯାତ୍ରା ମାଧ୍ୟମରେ ଅନୁଗାମୀଙ୍କ ସଂଖ୍ୟା ବୃଦ୍ଧି କରିବା ସହ ଭଲ ଆୟ କରୁଛନ୍ତି ।

କ୍ୟାମ୍ପସ୍ ପାଇଁ ପ୍ରସ୍ତୁତି

ପଢ଼ା ଶେଷ ହେବା ପରେ ଚାକିରି ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ ହୋଇଥାଏ । ବିଶେଷକରି କ୍ୟାମ୍ପସ୍ ଚୟନ ସମୟ ଆସିଲେ ଛାତ୍ରଛାତ୍ରୀମାନେ ଏନେଇ ବିଶେଷ ପ୍ରକାର ପ୍ରସ୍ତୁତିରେ ଲାଗି ପଡ଼ନ୍ତି । ତେବେ କ୍ୟାମ୍ପସ ଚୟନ ପ୍ରକ୍ରିୟାରେ ଭଲ ପ୍ରଦର୍ଶନ ପାଇଁ କିଭଳି ପ୍ରସ୍ତୁତି କରିବେ, ଜାଣିବା ସେ ସମ୍ପର୍କରେ... ।

କ୍ୟାମ୍ପସ ସିଲେକସନ ସମୟରେ ଭଲ ମାର୍କ ରଖିବା ଯେତେକି ଜରୁରି, ତା'ଠୁ ବେଶି ଜରୁରି କଥାବାର୍ତ୍ତା କରିବାର ଉନ୍ନତ ଶୈଳୀ । ଉତ୍ତମ କମ୍ୟୁନିକେସନ ନ ଥିଲେ ଭଲ କମ୍ପାନିର ଚାକିରି ହରାଇବାର ଆଶଙ୍କା ବେଶି ଥାଏ । ଅବଶ୍ୟ ଅନେକ କମ୍ପାନି ଭଲ ମାର୍କ ସହ ପିଲାଙ୍କ କଥାବାର୍ତ୍ତା ଶୈଳୀ ଉପରେ ଗୁରୁତ୍ୱ ଦେଉଛନ୍ତି । ଏହାବାଦ୍ ଏଥିପାଇଁ ଭଲ ବାୟୋଡାଟା ଗୁରୁତ୍ୱ ବହନ କରେ । ନିଜେ ନିଜ ବିଷୟରେ କିଛି କହିବା ପୂର୍ବରୁ ବାୟୋଡାଟା ସବୁ କିଛି କହିଥାଏ । ସେଥିପାଇଁ ଯେତେ ସମ୍ଭବ ନିଜ କାମ ଓ ନିଜ ବିଷୟରେ ଏଥିରେ ଉପସ୍ଥାପନ କରନ୍ତୁ ।

ସେହିପରି ପୋଷାକ ମଧ୍ୟ ବ୍ୟକ୍ତିତ୍ୱକୁ ପରିପ୍ରକାଶ କରେ । ଏଣୁ ଭଲ ଡ୍ରେସ୍ ପିନ୍ଧିବା ଦରକାର । କେବଳ ଏତିକି ନୁହେଁ, ଏ ସବୁଠାରୁ ବେଶି ଜରୁରି ଆତ୍ମବିଶ୍ୱାସ । ବେଳେ ବେଳେ ଏମିତି ବି ହୁଏ, ସବୁ ଜାଣିଥିବେ, ଚାକିରି ଲାଗି ସମସ୍ତ ଗୁଣ ବି ଥିବ, ମାତ୍ର ଆତ୍ମବିଶ୍ୱାସ ଅଭାବରୁ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇ ନ ଥାନ୍ତି । ଏହି ସମୟରେ ଯାହା ବି ଯେତିକି କହିବେ, ଆତ୍ମବିଶ୍ୱାସର ସହ କହିବା ଜରୁରି ।

ଚାକିରି ଅନୁସାରେ ବାୟୋଡାଟା

ଅନେକ ସମୟରେ ଲୋକେ ବାୟୋଡାଟାରେ ଅନେକ କିଛି ଲେଖି ଥାନ୍ତି । ଯାହାକି ଆଦୌ ଜରୁରି ନ ଥାଏ । ତେବେ ବାୟୋଡାଟା ତିଆରି କରିବା ବେଳେ ସବୁବେଳେ ଚାକିରିର କାର୍ଯ୍ୟ ଉପରେ ଦୃଷ୍ଟି ଦେବା ଉଚିତ ।

- ଚାକିରିକୁ ବୁଝି ବାୟୋଡାଟା ପ୍ରସ୍ତୁତ କରିବା ଦରକାର ।
- ଚାକିରି ଡେସକ୍ରିପସନ ହିସାବରେ ନିଜ କୌଶଳ ଉପରେ ଗୁରୁତ୍ୱ ଦେବା ଉଚିତ ।
- ଯେଭଳି ଜଣେ ସହଜରେ ବାୟୋଡାଟା ପଢ଼ିପାରିବେ, ତାହା ଉପରେ ଦୃଷ୍ଟି ଦେବା ଦରକାର । ତେଣୁ ବାୟୋଡାଟା ଅକ୍ଷର ଉପରେ ବି ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି ।
- ବାୟୋଡାଟାର ଭାଷା ବି ଖୁବ୍ ଗୁରୁତ୍ୱ ବହନ କରେ । ସରଳ ଭାଷା ବ୍ୟବହାର କରିବା ସହିତ ସ୍ପଷ୍ଟ ଭାବେ ଲେଖିବା ଦରକାର ।
- ସେହିପରି ନିଜର କୌଶଳ, ଦକ୍ଷତା, ଅଭିଜ୍ଞତାକୁ ଅତି ସୁନ୍ଦର ଭାବେ ଉପସ୍ଥାପିତ କରିବା ଜରୁରି ।
- ଅନ୍ୟପଟେ କରିଥିବା କାମର ଫଳାଫଳ ବା ପରିଣାମକୁ ହାଇଲାଇଟ୍ କରିବା ଆବଶ୍ୟକ ।

ଟି-୨୦ ବିଶ୍ୱକପ୍ ପୂର୍ବରୁ ଶେଷ ପରୀକ୍ଷା

ଆଜି ୱାର୍ମଅପ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ ଭାରତ

ନଭି ମୁମ୍ବାଇ, ୩।୨ (ଏଜେନ୍ସି):

ଆଇସିସି ଟି-୨୦ ବିଶ୍ୱକପ୍ ଚଳିତ ମାସ ୭ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବାକୁଯାଉଛି। ସମସ୍ତ ଦଳର ପୂର୍ବପ୍ରସ୍ତୁତି ଲାଗି ୱାର୍ମଅପ୍ ମ୍ୟାଚ୍ ଜାରି ରହିଛି। ଏହିକ୍ରମରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିଅନ ଭାରତ ଏହାର ଏକମାତ୍ର ୱାର୍ମଅପ୍ ମ୍ୟାଚରେ ବୁଧବାର ଦକ୍ଷିଣ ଆଫ୍ରିକାକୁ ଭେଟିବ। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଏହି ଅଭ୍ୟାସ ମ୍ୟାଚ୍ ଖେଳାଯିବ। ୨୦୨୪ରେ ଅନୁଷ୍ଠିତ ଗତ ଟି-୨୦ ବିଶ୍ୱକପ୍ ଫାଇନାଲରେ ରୋମାଞ୍ଚକ ଭାବେ ୭ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା। ଏଥର ସେହି ସମାନ ଦଳ ବିପକ୍ଷରେ ଅଭ୍ୟାସମୂଳକ ମ୍ୟାଚ୍ ଖେଳି ଆୟୋଜକ ଭାରତ ଅଭିଯାନ ଆରମ୍ଭ କରିବ। ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଗତ ସଂସ୍କରଣର ଫାଇନାଲିଷ୍ଟ ଭାରତ ଓ ଦକ୍ଷିଣ ଆଫ୍ରିକା ଲାଗି ଏହା ଶେଷ ସୁଯୋଗ। ଏହି ମ୍ୟାଚ୍ ଜରିଆରେ ଦୁଇ ଦଳ ନିଜର ଖେଳାଳିଙ୍କୁ ପରୀକ୍ଷାନୀରିକ୍ଷା କରାଇବେ। ଆୟୋଜକ ଭାରତ ଟାଇଟଲ୍ ଫେଭରାଇଟ୍ ଭାବେ ବିଶ୍ୱକପ୍ ଖେଳିବ। ୨୦୨୪ ବିଶ୍ୱକପ୍ ପରଠାରୁ ଭାରତ ଖେଳିଥିବା ସମସ୍ତ ଦ୍ୱିପାକ୍ଷିକ ଟି-୨୦ ସିରିଜ ବିଜୟୀ ହୋଇଛି। ଯେଉଁଥିରେ ଗତବର୍ଷ ପାକିସ୍ତାନକୁ ହରାଇ ଏସିଆ କପ୍ ଚାମ୍ପିଅନ ହୋଇଥିଲା। ସେହିଭଳି ନିକଟରେ ଘରୋଇ ମାଟିରେ ନ୍ୟୁଜିଲାଣ୍ଡକୁ ୪-୧ରେ ହରାଇ ଭାରତ ଟି-୨୦ ସିରିଜ ଜିତିଥିଲା। ଯାହାକି ଖେଳାଳିଙ୍କ ମନୋବଳ ବୃଦ୍ଧି କରିଛି। ବ୍ୟାଟିଂ ଓ ସ୍ପିନ ଆଟାକ୍ ଭାରତର ପ୍ରମୁଖ ଅସ୍ତ୍ର ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରି ଅଧିନାୟକ ସୂର୍ଯ୍ୟକୁମାର ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହା ଟିମ୍ ମ୍ୟାନେଜମେଣ୍ଟ ପାଇଁ ଆଶ୍ୱସ୍ତି ଆଣିଛି।

ଅପରପକ୍ଷରେ ଘରୋଇ ମାଟିରେ ଅନୁଷ୍ଠିତ ଟି-୨୦ ଲିଗ୍‌ର ଅଭିଜ୍ଞତା ସହ ଦକ୍ଷିଣ ଆଫ୍ରିକା ଖେଳାଳି ବିଶ୍ୱକପ୍ ଖେଳିବାକୁ ଆସିଛନ୍ତି। ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଆଇଡେନ ମାର୍କରମଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ଦଳ ବେଶ୍ ସନ୍ତୁଳିତ ରହିଛି। ଗତ ସଂସ୍କରଣରେ ଅଳ୍ପକେ ଟାଇଟଲ୍ ଜିତିବାରୁ ବଞ୍ଚିତ ହୋଇଥିବା ଆଫ୍ରିକା ଦଳ ଏଥର କିନ୍ତୁ ପ୍ରଥମ ବିଶ୍ୱକପ୍ ଟ୍ରଫି ଆଶାରେ ରହିଛି।

ବିପର୍ଯ୍ୟୟ: ଶ୍ରୀଲଙ୍କା-ଏ'କୁ ହରାଇଲା ଓମାନ

କଲମ୍ବୋ, ୩।୨ (ଏଜେନ୍ସି): ଆଇସିସି ଟି-୨୦ ବିଶ୍ୱକପ୍ ପୂର୍ବରୁ ଚାଲିଥିବା ୱାର୍ମଅପ୍ ମ୍ୟାଚରେ ମଙ୍ଗଳବାର ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। କଲମ୍ବୋରେ ଅନୁଷ୍ଠିତ ଏକ ମ୍ୟାଚରେ ଓମାନ ୫ ୱିକେଟରେ ଘରୋଇ ଶ୍ରୀଲଙ୍କା-ଏ ଦଳକୁ ହରାଇଦେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା-ଏ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୪୫ ରନ କରିଥିଲା। ଦଳ ପକ୍ଷରୁ ୱନୁଜ ସହାନ ୨୯, ଚାମିନ୍ଦୁ ବିକ୍ରମାସିଂଘେ ଅପରାଜିତ ୨୪, ଦୁନିଥ ସିଗେରା ୨୧ ରନ କରିଥିଲେ। ଓମାନର ଶାହା ଫୈଜଲ, ସକିଲ ଅହମ୍ମଦ ଓ ଜୟ ଓଡେଡ୍ରା ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଓମାନ ଓପନର୍ ଅମିର କଲିମ ୮୦ ରନର ଦ୍ରୁତ ଅର୍ଦ୍ଧଶତକ ବଳରେ ୧୮ ଓଭରରେ ୫ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଦିବସରେ ଅନୁଷ୍ଠିତ ଅନ୍ୟ ୨ଟି ୱାର୍ମ ଅପ୍ ମ୍ୟାଚରେ ଜିମ୍ବାୱେ ୨୯ ରନରେ ନେଦରଲାଣ୍ଡସକୁ ଏବଂ ନେପାଳ ୭ ୱିକେଟ୍‌ରେ ୟୁଏଇକୁ ହରାଇ ଦେଇଥିଲା। ଜିମ୍ବାୱେର ର୍‌ୟାନ ବର୍ଲ ୩୧ ବଲରେ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୁଧବାର ୪ଟି ୱାର୍ମଅପ୍ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଭାରତ-ଦକ୍ଷିଣ ଆଫ୍ରିକା, ଆଫଗାନିସ୍ତାନ-ୱେଷ୍ଟଇଣ୍ଡିଜ, ପାକିସ୍ତାନ-ଆୟର୍ଲାଣ୍ଡ ଓ ନାମିବ୍ୟା-ସ୍କଟଲାଣ୍ଡ ପରସ୍ପରକୁ ଭେଟିବେ।

ଅନୁରାଧାଙ୍କୁ ସମ୍ମାନସୂଚକ ଡକ୍ଟରେଟ

ଭୁବନେଶ୍ୱର, ୩।୨ (ସମିସ): ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ମିଳିଛି। ବାଲେଶ୍ୱର ଫକିର ମୋହନ ବିଶ୍ୱବିଦ୍ୟାଳୟ ତରଫରୁ ଅନୁରାଧାଙ୍କୁ ମଙ୍ଗଳବାର ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଅନୁରାଧାଙ୍କୁ ଏହି ଉପାଧି ପ୍ରଦାନ କରିଥିଲେ। 'ବାଲେଶ୍ୱର ଝିଅ ହୋଇଥିବାରୁ ନିଜ ମାଟିରେ ଏଭଳି ଶ୍ରେଷ୍ଠ ସମ୍ମାନ ପାଇଥିବାରୁ ନିଜକୁ ଧନ୍ୟମନେ କରୁଛି। ବିଶେଷ କରି ମହାମହିମ ରାଷ୍ଟ୍ରପତିଙ୍କ ହାତରୁ ଏହି ସମ୍ମାନ ଗ୍ରହଣ କରିଥିବାରୁ ବହୁତ ଖୁସି ରହିଛି। ଏହି ସମ୍ମାନ ଲାଗି କୁଳପତି ସନ୍ତୋଷ ତ୍ରିପାଠୀ ସାରଙ୍କ ସମେତ ମୋର ପରିବାର, ସ୍ୱାମୀ ପରମାନନ୍ଦ, ମା ନିବେଦିତା, କର୍ମକ୍ଷେତ୍ର ନାଲକୋ ଓ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଦେବି' ବୋଲି ଅନୁରାଧା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଟି-୨୦ ବିଶ୍ୱକପ୍

ଅନ୍ୟ ଦେଶରୁ ଖେଳିବେ ୪୦ ଭାରତୀୟ

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ଆଇସିସି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଆରମ୍ଭ ହେବାକୁ ଆଉ ଦିନ କେଇଟା ବାକି ରହିଛି। ସାରା ବିଶ୍ୱର କ୍ରିକେଟପ୍ରେମୀ ଏହାକୁ ଉତ୍ସାହର ସହ ଚାହିଁ ରହିଛନ୍ତି। ଏଥର ବିଶ୍ୱକପ୍‌ରେ ଆୟୋଜକ ଭାରତ ଓ ଶ୍ରୀଲଙ୍କା ସମେତ ୨୦ଟି ଦଳ ଭାଗନେଉଛନ୍ତି। ଏହି ବିଶ୍ୱକପ୍‌ରେ ଭାରତକୁ ଛାଡ଼ି ବିଭିନ୍ନ ଦଳରୁ ୪୦ଜଣ ଭାରତୀୟ ଖେଳାଳି ପ୍ରତିନିଧିତ୍ୱ କରୁଥିବାର ଜଣାପଡ଼ିଛି। ବିଶେଷ କରି ଆମେରିକା, ୟୁଏଇ, କାନାଡା ଓ ଓମାନ ଦଳରେ ଅଧିକାଂଶ ଭାରତୀୟ ବଂଶୋଦ୍ଭବ ଖେଳାଳିମାନେ ସ୍ଥାନ ପାଇଛନ୍ତି। କେବଳ ଏହି ୪ଟି ଦଳରେ ୩୪ଜଣ ଭାରତୀୟ ବଂଶୋଦ୍ଭବ ଖେଳାଳି ରହିଥିବା ଜଣାପଡ଼ିଛି। କାନାଡା ଦଳରେ ସର୍ବାଧିକ ୧୧ଜଣ, ଆମେରିକା ଦଳରେ ୯ଜଣ, ୟୁଏଇ ଓ ଓମାନ ଟିମରେ ୭ଜଣ ଲେଖାଏ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଗୁଜରାଟରୁ ଖେଳିଥିବା ମୋନାକ ପଟେଲ ଆମେରିକା ଦଳର ନେତୃତ୍ୱ ନେଉଛନ୍ତି।

ପ୍ରତିଶାଙ୍କୁ ଡବ୍ଲ୍ୟୁଆଇଏମ୍ ଟାଇଟଲ୍

ଭୁବନେଶ୍ୱର, ୩।୨ (ସମିସ): ଓଡ଼ିଶାର ଯୁବ ଚେସ୍ ଖେଳାଳି ପ୍ରତିଶା ଗୁପ୍ତା ମାତ୍ର ୧୪ ବର୍ଷ ବୟସରେ ସମସ୍ତ ଆବଶ୍ୟକ ନର୍ମ ପୂରଣ କରି ଇଣ୍ଟରନ୍ୟାସନାଲ୍ ମାଷ୍ଟର (ଡବ୍ଲ୍ୟୁଆଇଏମ) ଟାଇଟଲ୍ ହାସଲ କରିଛନ୍ତି। ଏଥିସହ ଡବ୍ଲ୍ୟୁଆଇଏମ୍ ଟାଇଟଲ୍ ପାଇବାରେ ସେ ଓଡ଼ିଶାର ଚତୁର୍ଥ ମହିଳା ଚେସ୍ ଖେଳାଳି ହୋଇଛନ୍ତି। ପ୍ରତିଶା ତାଙ୍କର ପ୍ରଥମ ଡବ୍ଲ୍ୟୁଆଇଏମ ନର୍ମ ଜୁଲାଇ ୨୦୨୫ରେ ଅନୁଷ୍ଠିତ ଟ୍ରୋଫି ଡୋଲ୍ ପାସିନୋ ଗ୍ରାଣ୍ଡ ଓପନ୍ ପ୍ରତିଯୋଗିତାରେ ହାସଲ କରିଥିଲେ। ତାଙ୍କର ଦ୍ୱିତୀୟ ନର୍ମ ସର୍ବିଆରେ ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୨୨ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ଏବଂ

ଶେଷ ତଥା ତୃତୀୟ ନର୍ମ ସେହି ସ୍ଥାନରେ ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୧୩ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ହାସଲ କରିଥିଲେ। ପ୍ରତିଶା ନିଜ ବୟସ ଶ୍ରେଣୀରେ ବିଶ୍ୱ ସ୍ତରରେ ସଦା ସର୍ବୋତ୍ତମ ପ୍ରଦର୍ଶନ କରିଆସୁଛନ୍ତି ଏବଂ ଜାନୁଆରୀ ମାସର ରେଟିଂ ଅନୁଯାୟୀ ସେ ନିଜ ବୟସ ଶ୍ରେଣୀରେ ବିଶ୍ୱ ର୍‌ୟାଙ୍କିଂରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାସହ ଗତ ନଭେମ୍ବରରେ ମାଲେସିଆର କୁଆଲାଲମ୍ପୁରରେ ଆୟୋଜିତ କମନ୍‌ୱେଲ୍ଥ ଚେସ୍ ଚାମ୍ପିଅନ୍‌ସିପ୍‌ର ୧୬ ବର୍ଷରୁ କମ୍ ବର୍ଗରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଫଳତା ପାଇଁ ପ୍ରତିଶାଙ୍କୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ (ଏଓସିଏ)ର ସମ୍ପାଦକ ଦେବବ୍ରତ ଭଞ୍ଜ ଅଭିନନ୍ଦନ ଜଣାଇଛନ୍ତି।

ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ

କରୁଣ ଫେରିଲେ; ପଡ଼ିକଲ୍ ନେତୃତ୍ୱ ବଜାୟ ରଖିଲେ

ବେଙ୍ଗାଲୁରୁ, ୩।୨ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଫେବୃଆରୀ ୬ରୁ ଆରମ୍ଭ ହେବ। ଏଥିରେ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଘରୋଇ ମୁମ୍ବାଇକୁ ଭେଟିବ କର୍ଣ୍ଣାଟକ। ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଲାଗି ମଙ୍ଗଳବାର ୧୫ ଜଣିଆ ଶକ୍ତିଶାଳୀ କର୍ଣ୍ଣାଟକ ଦଳ ଘୋଷଣା କରାଯାଇଛି। ଦେବଦତ୍ତ ପଡ଼ିକଲ ପୂର୍ବଭଳି ଦଳର ନେତୃତ୍ୱ ଭାର ସମ୍ଭାଳିବେ। ସେହିଭଳି ଅଭିଜ୍ଞ ବ୍ୟାଟର୍ କରୁଣ ନାୟାର ଘୋଷିତ ଦଳକୁ ଫେରିଛନ୍ତି। ଚଳିତ ସିଜନରେ ୬୧୪ ରନ ସଂଗ୍ରହ କରିସାରିଥିବା କରୁଣ ପଞ୍ଜାବ ବିପକ୍ଷ ଶେଷ ମ୍ୟାଚ୍ ଖେଳି ନ ଥିଲେ।

କର୍ଣ୍ଣାଟକ ଦଳ

ଦେବଦତ୍ତ ପଡ଼ିକଲ (ଅଧିନାୟକ), ମୟଙ୍କ ଅଗରୱାଲ, ଲୋକେଶ ରାହୁଲ, କରୁଣ ନାୟାର, କେଭି ଅନିଶ, ଆର୍ ସ୍ମରଣ, ଶ୍ରେୟସ ଗୋପାଲ, କୃଥିକା କ୍ରିଷ୍ଣା, ଏମ୍ ଭେଙ୍କଟେଶ, ବିଦ୍ୟାଧର ପାଟିଲ, ବିଦ୍ୱାଥ କାଭିରପ୍ପା, ପ୍ରସିଦ୍ଧ କ୍ରିଷ୍ଣା, ମୋହସିନ ଖାନ, ଶିଖର ସେଟ୍ଟୀ, କେଏଲ୍ ଶ୍ରୀଜିତ୍।

ପାରା ତୀରନ୍ଦାଜୀରେ ପାୟଲଙ୍କୁ ଡବଲ୍ ପଦକ

ଭୁବନେଶ୍ୱର, ୩।୨ (ସମିସ): ପଞ୍ଜାବର ପଟିଆଲାରେ ଅନୁଷ୍ଠିତ ୭ମ ଏନଟିପିସି ପାରା ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଓଡ଼ିଶାର ପାୟଲ ନାଗ ଦମ୍‌ଦାର ପ୍ରଦର୍ଶନ କରି ଡବଲ ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ସେ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ପାୟଲ ୫୦ ମିଟର ର୍‌ୟାଙ୍କିଂ ରାଉଣ୍ଡରେ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ୫୦ ମିଟର କମ୍ପାଉଣ୍ଡ ଅଲିମ୍ପିକ ରାଉଣ୍ଡରେ କାଂସ୍ୟ ପଦକ ହାସଲ କରିଥିଲେ। ଏହି ସଫଳତା ଲାଗି ପାୟଲଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ପାୟଲଙ୍କ ଏହି ସଫଳତା ଯାତ୍ରା ବେଶ୍ ସଂଘର୍ଷମୟ ରହିଥିଲା। ବଲାଙ୍ଗିରର ମୁରିବାହାଲରେ ଜନ୍ମିତ ପାୟଲ ପିଲାବେଳେ ଏକ ବିଦ୍ୟୁତ ଆଘାତରେ ଗୁରୁତର ଆହତ ପାଇଥିଲେ। ଯେଉଁଥିରେ ସେ ତାଙ୍କର ଦୁଇ ହାତ ଓ ଗୋଡ଼ ହରାଇଥିଲେ। ଚ୍ୟାଲେଞ୍ଜିଂ ଶାରୀରିକ ସମସ୍ୟାର ସମ୍ମୁଖୀନ ହେବାସତ୍ତ୍ୱେ ପାୟଲ ହାର ମାନି ନ ଥିଲେ। କଠୋର ତାଲିମ ମାଧ୍ୟମରେ ଅସାଧାରଣ ସନ୍ତୁଳନ ଓ ମାନସିକ ଧ୍ୟାନ ରକ୍ଷା କରି ପାୟଲ ତୀରନ୍ଦାଜୀରେ ପାରାଅଲିମ୍ପିକ ପଦକ ବିଜୟିନୀ ଶୀତଲ ଦେବୀଙ୍କ ସମକକ୍ଷ ହୋଇପାରିଛନ୍ତି। ପାୟଲଙ୍କ ଏହି ସଫଳତା ପଛରେ ପ୍ରଶିକ୍ଷକ କୁଳଦୀପ ଭେଦୱାନଙ୍କ ଅବଦାନ ଯଥେଷ୍ଟ ରହିଛି। ଏଠାରେ ପ୍ରକାଶଯୋଗ୍ୟ, କ୍ରୀଡ଼ା ବିଭାଗ ପକ୍ଷରୁ ପାୟଲଙ୍କୁ ଧନୁତୀର ପାଇଁ ୩.୫ ଲକ୍ଷ ଟଙ୍କା ସହାୟତା ରାଶି ମଞ୍ଜୁର କରାଯାଇଛି।

ଡବ୍ଲ୍ୟୁପିଏଲ୍

କ୍ରମାଗତ ୪ର୍ଥ ଥର ଫାଇନାଲରେ ଦିଲ୍ଲୀ

ଭଦୋଦରା, ୩।୨ (ଏଜେନ୍ସି): ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ଟାଇଟଲ୍ ପାଇଁ ଗୁରୁବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ସହ ଦିଲ୍ଲୀ କ୍ୟାପିଟାଲ୍ସର ମୁକାବିଲା ହେବ। ମଙ୍ଗଳବାର ଅନୁଷ୍ଠିତ ଏକମାତ୍ର ଏଲିମିନେଟର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ୱିକେଟ୍‌ରେ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିଥିଲା। ଏଥିସହ ଦିଲ୍ଲୀ କ୍ରମାଗତ ୪ର୍ଥଥର ଲାଗି ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛି। ପୂର୍ବ ୩ଟି ସଂସ୍କରଣରେ ରନର୍ସଅପ୍ ରହିଥିବା ଦିଲ୍ଲୀ ଏଥର ପ୍ରଥମ ଟାଇଟଲ୍ ଜିତିବା ଆଶାରେ ରହିଛି।

ଏହି ଏକମାତ୍ର ଏଲିମିନେଟର୍ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ୭ ୱିକେଟରେ ୧୬୮ ରନର ସମ୍ମାନଜନକ ସ୍କୋର କରିପାରିଛି। ଓପନର୍ ବେଥ୍ ମୁନୀ ୫୧ଟି ବଲରେ ୬୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସୋଫି ଡିଭାଇନ (୬), ଅଧିନାୟିକା ଆସଲେ ଗାର୍ଡନର (୦)ଙ୍କ ବ୍ୟାଟିଂ ବିଫଳତା ଯୋଗୁ ଗୁଜରାଟ ବଡ଼ ସ୍କୋର କରିପାରି ନ ଥିଲା। ଦିଲ୍ଲୀ ପକ୍ଷରୁ ଚିନଲୀ ହେନରୀ ୩ଟି ଓ ନନ୍ଦିନୀ ଶର୍ମା ୨ଟି ୱିକେଟ୍ ନେଇଥିଲେ। ଜବାବରେ ଆଗଧାଡ଼ିର ବ୍ୟାଟରଙ୍କ ମିଳିତ ସଫଳତା ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ୧୫.୪ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଓପନର୍ ଲିଜେଲ ଲି ୪୩, ଶେଫାଳି ବର୍ମା ୩୧, ଅଧିନାୟିକା ଜେମିମା ରୋଡ୍ରିଗ୍ସ ୪୧, ଲୌରା ୱଲଭାର୍ଡଟ ଅପରାଜିତ ୩୨ ରନ କରିଥିଲେ। ବ୍ୟାଟିଂରେ ୩୫ ରନ କରିଥିବା ଜର୍ଜିଆ ୱେରହାମ ବୋଲିଂରେ ୨ଟି ୱିକେଟ୍ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ ମଧ୍ୟ ଗୁଜରାଟକୁ ଜିତାଇପାରି ନ ଥିଲେ।

ସନ୍ତୋଷ ଟ୍ରଫି: ପଶ୍ଚିମବଙ୍ଗ ବିଦା

ଗୌହାଟୀ, ୩।୨ (ଏଜେନ୍ସି): ଦେଶର ସର୍ବଶ୍ରେଷ୍ଠ ଘରୋଇ ଫୁଟବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ୭୯ତମ ସଂସ୍କରଣର ସେମିଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ଗୁରୁବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ସର୍ଭିସେସ ଓ ପଞ୍ଜାବ ସାମ୍ନାସାମ୍ନି ହେବେ। ସେହିଦିନ କେରଳ ଓ ରେଳବାଇ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଡିଫେଣ୍ଡିଂ ତଥା ରେକର୍ଡ ୩୩ଥରର ବିଜେତା ପଶ୍ଚିମବଙ୍ଗ ପେନାଲ୍ଟି ସୁଟଆଉଟ୍‌ରେ ୨-୩ ଗୋଲରେ ସର୍ଭିସେସ ନିକଟରୁ ହାରିଯାଇଥିଲା। ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ କେରଳ ୩-୦ ଗୋଲରେ ଘରୋଇ ଆସାମକୁ ହରାଇ ସେମିକୁ ଉଠିଥିଲା। ତୃତୀୟ କ୍ୱାର୍ଟରରେ ପଞ୍ଜାବ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୧ ଗୋଲରେ ତାମିଲନାଡୁକୁ ଏବଂ ରେଳବାଇ ୨-୦ ଗୋଲରେ ୩ଥରର ବିଜେତା ରାଜସ୍ଥାନକୁ ହରାଇ ଅଗ୍ରଗତି କରିଛି।

ଏସିଆନ ଇଣ୍ଡୋର ଆଥ୍‌ଲେଟିକ୍ସରେ କିଟ୍‌ର ୯ କ୍ରୀଡ଼ାବିତ

ଭୁବନେଶ୍ୱର, ୩।୨ (ସମିସ): ଚଳିତ ମାସ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଚାଇନାର ତିଆନଜିନରେ ୧୨ତମ ଏସିଆନ ଇଣ୍ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିରେ ୧୭ଜଣିଆ ଭାରତୀୟ ଦୌଡ଼କୁଦ ଦଳରୁ ପ୍ରତିନିଧିତ୍ୱ କରିବାକୁ କିଟ୍ ବିଶ୍ୱବିଦ୍ୟାଳୟର ୯ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ସେମାନେ ହେଲେ ମଣିକାନ୍ତ ହୋବ୍ଲିଦାର (୬୦ ମିଟର ରେସ), ତେଜାସ ଶିର୍ଷେ (୬୦ ମିଟର ହର୍ଡଲ୍ସ), ପ୍ରବୀଣ ଚିତ୍ରାଭେଲ (ଲଙ୍ଗଜମ୍ପ), ସମରଦୀପ୍ ସିଂହ ଗିଲ୍ (ଶଟପୁଟ), ତାଜିନ୍ଦରପାଲ ସିଂହ ତୁର (ଶଟପୁଟ), ମୌମିତା ମଣ୍ଡଳ (ଲଙ୍ଗଜମ୍ପ ଓ ୬୦ ମିଟର ହର୍ଡଲ୍ସ), ପ୍ରଜ୍ଞାପ୍ରଶାନ୍ତି ସାହୁ (୬୦ ମିଟର ହର୍ଡଲ୍ସ) ସୋଜନା ଏଡାପିଲୀ (ଲଙ୍ଗଜମ୍ପ)। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

୧୯ ବର୍ଷରୁ କମ୍ ବିଶ୍ୱକପ୍

ଆଜି ଭାରତ-ଆଫ୍‌ଗାନିସ୍ତାନ ସେମି ଲଢ଼େଇ

ହରାରେ, ୩।୨ (ଏଜେନ୍ସି)

ଜିମ୍ବାୱେରେ ଚାଲିଥିବା ୧୯ ବର୍ଷରୁ କମ୍ ଆଇସିସି ଦିନିକିଆ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ବୁଧବାର ଖେଳାଯିବ। ଏଥିରେ ପାଞ୍ଚଥରର ବିଜେତା ଭାରତ ସହ ଆଫଗାନିସ୍ତାନର ମୁକାବିଲା ହେବ। ହରାରେ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ ଅପରାଜେୟ ଭାରତ ଫେଭରାଇଟ୍ ରହିଛି। ଲିଗ୍ ପର୍ଯ୍ୟାୟରେ ୩ଟି ଏବଂ ସୁପର୍-୬ରେ ଦୁଇଟିଯାକ ମ୍ୟାଚ୍ ଜିତି ଭାରତ ଅପରାଜେୟ ସହ ସେମିଫାଇନାଲରେ ପ୍ରବେଶ କରିଛି। ଆୟୁଷ ମହାତ୍ରେଙ୍କ ନେତୃତ୍ୱାଧୀନ ଭାରତ ଏହାର ଶେଷ ମ୍ୟାଚରେ ପାକିସ୍ତାନକୁ ମାତ୍ ଦେଇଥିଲା। ଉଭୟ ବ୍ୟାଟିଂ ଓ ବୋଲିଂରେ ବେଶ୍ ସନ୍ତୁଳିତ ଥିବା ଭାରତର ପଲା ଏହି ମ୍ୟାଚରେ ଭାରି ରହିଛି। ୱିକେଟ୍‌କିପର ଅଭିଜ୍ଞାନ କୁଣ୍ଡୁ ୫ଟି ମ୍ୟାଚରୁ ୧୧୯ ରନ ସଂଗ୍ରହ କରି ଭଲ ଫର୍ମରେ ରହିଛନ୍ତି। ସେହିଭଳି ଅଲ୍‌ରାଉଣ୍ଡର ବିହାନ ମାଲହୋତ୍ରା ମଧ୍ୟ ୧୭୨ ରନ କରି ଲୟରେ ରହିଛନ୍ତି। ଯଦି ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଅଧିନାୟକ ମହାତ୍ରେଙ୍କ ସମେତ ବିସ୍ଫୋରକ ଓପନର୍ ବୈଭବ ସୂର୍ଯ୍ୟବଂଶୀ ଓ ଆରୋନ ଜର୍ଜଙ୍କ ବ୍ୟାଟରୁ ଭଲ ସ୍କୋର ବାହାରେ ତାହାଲେ ଭାରତ ସହଜରେ ବିଜୟୀ ହେବ ବୋଲି କୁହାଯାଉଛି। ବ୍ୟାଟିଂରେ ପ୍ରଭାବୀ ହୋଇପାରି ନ ଥିବା ମହାତ୍ରେ କିନ୍ତୁ ବୋଲିଂରେ ୫ଟି ୱିକେଟ୍ ଦଳ ପାଇଁ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଦ୍ରୁତ ବୋଲର ହେନିଲ ପଟେଲ ଓ ଆର୍‌ଏସ୍ ଆମ୍ବ୍ରିଶ ଓ ବାମହାତୀ ସ୍ପିନର ଖିଲାନ ପଟେଲ ଆଫଗାନ ବ୍ୟାଟରଙ୍କୁ ଅଡୁଆରେ ପକାଇବେ ବୋଲି ଆଶା କରାଯାଇଛି। ଅପରପକ୍ଷରେ ଆଫଗାନିସ୍ତାନ ସୁପର୍-୬'କୁ ମିଶାଇ ୫ ମ୍ୟାଚରୁ ୪ଟି ବିଜୟୀ ହୋଇଛି। ଏକମାତ୍ର ପରାଜୟ ଦଳ ଶ୍ରୀଲଙ୍କା ନିକଟରୁ ବରଣ କରିଥିଲା। ତେବେ ଦୁଇ ପୂର୍ବତନ ବିଜେତା ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜକୁ ହରାଇ ଆଫଗାନିସ୍ତାନ ଲିଗ୍ ପର୍ଯ୍ୟାୟରେ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ତେଣୁ ମେହବୁବ ଖାନଙ୍କ ନେତୃତ୍ୱାଧୀନ ଆଫଗାନିସ୍ତାନ ଆଉ ଏକ ବିପର୍ଯ୍ୟୟ ଲକ୍ଷ୍ୟରେ ରହିଛି। ଭାରତ ବିଜୟୀ ହେଲେ ୧୦ମଥର ଲାଗି ଫାଇନାଲ ଖେଳିବ।

ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ

ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ବିଦା; ଫାଇନାଲରେ ଇଂଲଣ୍ଡ

ବୁଲାୱାୟୋ, ୩।୨ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ୨୭ ରନରେ ପରାସ୍ତ କରି ଇଂଲଣ୍ଡ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଆଇସିସି ଦିନିକିଆ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ଇଂଲଣ୍ଡ ଅଧିନାୟକ ଥୋମାସ ରିଓ ୧୧୦ ରନର ଶତକୀୟ ପାଳି ଖେଳି ଏହି ମ୍ୟାଚରେ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଟସ୍ ଜିତି ବ୍ୟାଟିଂ କରିଥିବା ଇଂଲଣ୍ଡ ଯୁବ ଦଳ ୫୦ ଓଭରରେ ୭ ୱିକେଟ୍ ହରାଇ ୨୭୭ ରନ କରିଥିଲା। ଥୋମାସ ୧୦୭ ବଲର ଶତକୀୟ ପାଳିରେ ୧୪ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଲେବ ଫାଲକନର ୪୦ ଓ ଜୋସେଫ ମୋରସ ୨୫ ରନ କରିଥିଲେ। ଅଷ୍ଟ୍ରେଲିଆର ହେଡେନ ଶ୍ଚିଲର ଓ ନାଦେନ କୋରେ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଅଧିନାୟକ ଓଲିଭର ପିକ୍ (୧୦୦ ରନ, ୮୮ ବଲ)ଙ୍କ ଦ୍ରୁତ ଶତକ ସତ୍ତ୍ୱେ ଅଷ୍ଟ୍ରେଲିଆ ଯୁବ ଦଳ ୪୭.୩ ଓଭରରେ ୨୫୦ ରନ କରି ଅଲଆଉଟ୍ ହୋଇଯାଇଥିଲା। ଓପନର୍ ନୀତେଶ ସାମୁଏଲ ୪୭ ଓ ଆର୍ଯ୍ୟାନ ଶର୍ମା ୩୪ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଇଂଲଣ୍ଡର ଜେମ୍ସ ମିଣ୍ଟୋ, ସେବାଷ୍ଟିଆନ ମୋର୍ଗାନ, ରାଲଫି ଆଲବର୍ଟ ୨ଟି ଲେଖାଏ ୱିକେଟ ସଫଳତା ପାଇଥିଲେ। ବୁଧବାର ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହାର ବିଜେତା ସହ ଇଂଲଣ୍ଡ ଫେବୃଆରୀ ୬ ତାରିଖରେ ଫାଇନାଲ ଖେଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS